# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 3 | ଭାଗ ୩୩ | ସଂଖ୍ୟା ୩

Bhubaneswar | Tuesday 25 March 2025 | Page 8 Rs. 4.00

● ଭୁବନେଶ୍ୱର ମଙ୍ଗଳବାର ୨୫ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ଦିଲ୍ଲୀକୁ ଜିତାଇଲେ ଆଶୁତୋଷ

ପୃଷ୍ଠା ୬

## ଉପଭୋକ୍ତା ଆଶ୍ୱସ୍ତ

# ବଢ଼ିବନି ବିଦ୍ୟୁତ୍ ଶୁଳ୍କ



- ଇ-ବିଲରେ ବିଲ ପିଛା ୧୦ ଟଙ୍କା ଛାଡ
- ପ୍ରିପେଡ୍ ମିଟରରେ ମିଳିବ ୪% ରିହାତି
- ଏପ୍ରିଲ ପହିଲାରୁ ଲାଗୁ
- ୨ କିଲୋୱାଟ ପର୍ଯ୍ୟନ୍ତ ସଂଯୋଗରେ ମିଟର ଭଡ଼ା ଛାଡ଼

**ଭୁବନେଶ୍ୱର, ୨୪।୩ (ସଂଚାର ବ୍ୟୁରୋ):** ସାଧାରଣ ବିଦ୍ୟୁତ୍ ଗ୍ରାହକଙ୍କୁ ଆଶ୍ୱସ୍ତି। ବଢ଼ିଲାନି ବିଦ୍ୟୁତ୍ ଶୁଳ୍କ। ଆସନ୍ତା ବର୍ଷ ଲାଗି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ବିଦ୍ୟୁତ ଶୁଳ୍କକୁ ଅପରିବର୍ତ୍ତିତ ରଖିଛନ୍ତି। ଏନେଇ ଆୟୋଗଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ସ୍ମାର୍ଟ ମିଟରର ମାସିକ ଭଡ଼ାକୁ ମଧ ଛାଡ଼ କରାଯାଇଛି। ୨ କିଲୋୱାଟ୍ ଲୋଡ୍ ପର୍ଯ୍ୟନ୍ତ ବ୍ୟବହାର କରୁଥଇବା ଗ୍ରାହକଙ୍କୁ ଏହି ଭଡ଼ା ଛାଡ଼ର ଫାଇଦା ମିଳିବ। ପୂର୍ବରୁ ସ୍ମାର୍ଟ ମିଟର ଲାଗି ମାସିକ ୬୦ ଟଙ୍କା ଭଡ଼ା ହିସାବରେ ଦେବାକୁ ପଡୁଥିଲା। ଏହି ଭଡ଼ା ମିଟର ଲାଗିବ ଦିନଠାରୁ ୮ ବର୍ଷ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଦେବାକୁ ପଡିବ ବୋଲି ନିଶ୍ଚିତ ହୋଇଥିଲା। କିନ୍ତୁ ଏବେ ନୂଆ ନିଷ୍ପତ୍ତି ଫଳରେ ମିଟର ଭଡ଼ାରୁ ଗ୍ରାହକ ଆଶ୍ୱସ୍ତି ପାଇବେ। ଏହା ଫଳରେ ଲୋକଙ୍କ ମାସିକ ବିଦ୍ୟୁତ୍ ଦେୟ ମଧ ହ୍ରାସ ହେବ। ତେବେ ସ୍ମାର୍ଟ ମିଟର ଭଡ଼ା ଛାଡ଼ ୨୦୨୫-୨୬ ଆର୍ଥିକ ବର୍ଷରୁ ଲାଗୁ ହେବ। ଏହାଦ୍ୱାରା ରାଜ୍ୟର ୮୫ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧରୁ ୮୦ ଲକ୍ଷ ଉପଭୋକ୍ତା ଲାଭ ପାଇବେ। ନୂଆ ସ୍ମାର୍ଟ ମିଟର ଲାଗିଲେ ବି ଆଉ ଭଡା ଦେବାକୁ ପଡ଼ିବନି। ଏ ବାବଦ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିଭଳି ମେସେଜ ଓ ଇମେଲ୍‌ରେ ଇ-ବିଲ୍ ନେଲେ ବିଲ୍ ପିଛା ୧୦ ଟଙ୍କା ରିହାତି ମିଳିବ। ପ୍ରିପେଡ୍ ମିଟରରେ ୪ ପ୍ରତିଶତ ରିହାତି ମିଳିବ। ଡିଜିଟାଲ୍ ପେମେଣ୍ଟରେ ପୂର୍ବ ଭଳି ୪ ପ୍ରତିଶତ ରିହାତି ମିଳିବ। ୧୦ କିଲୋୱାଟରୁ ଅଧିକ ଲୋଡ୍ ବ୍ୟବହାରକାରୀଙ୍କୁ ଦିନ ୮ଟାରୁ ଅପରାହ୍ଣ ୪ଟା ଯାଏ ବିଜୁଳି ବିଲ୍‌ରେ ୨୦ ପ୍ରତିଶତ ରିହାତି ମିଳିବ। ସନ୍ଧ୍ୟା ୬ରୁ ରାତି ୧୨ ଯାଏଁ ପିକ୍ ଆୱାରରେ ବ୍ୟବହାର ପାଇଁ ଅଧିକ ୩୦ ପଇସା ଦେବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି। ପୂର୍ବଭଳି ମାସିକ ୫୦ ୟୁନିଟ ମଧରେ ବିଜୁଳି ବ୍ୟବହାର କଲେ ୟୁନିଟ ପିଛା ୨ ଟଙ୍କା ୯୦ ପଇସା, ୫୦ ୟୁନିଟରୁ ୨୦୦ ୟୁନିଟ ମଧରେ ୪ ଟଙ୍କା ୭୦ ପଇସା, ୨୦୦ ୟୁନିଟରୁ ୪୦୦ ୟୁନିଟ ମଧରେ ୫ ଟଙ୍କା ୭୦ ପଇସା ଓ ୪୦୦ରୁ ଅଧିକ ୟୁନିଟ ପିଛା ମାସିକ ୬ ଟଙ୍କା ୧୦ ପଇସା ଧାର୍ଯ୍ୟ କରାଯାଇଛି। ଆସନ୍ତା ୧ ତାରିଖରୁ ଏହି ଦର ଲାଗୁ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

ତେବେ ଜଳସେଚନ ଓ କୃଷି କ୍ଷେତ୍ର ପାଇଁ ପିକ ଆୱାରରେ ଗ୍ରାହକଙ୍କୁ ୟୁନିଟ ପିଛା ୩୦ ପଇସା ଟିଓଡି ସରଚାର୍ଜ ଦେବାକୁ ପଡ଼ିବ। ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୋଲାର ଆୱାର ଭାବେ ଗଣାଯିବ। ୪ଟାରୁ ସନ୍ଧ୍ୟା ୬ଟା ଯାଏ ନର୍ମାଲ ଆୱାର ଓ ସଂଧା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ପିକ ଆୱାର ଗଣାଯିବ। ରାତି ୧୨ଟାରୁ ସକାଳ ୮ଟା ଯାଏ ନର୍ମାଲ ଆୱାର ରୂପେ ➪ପୃଷ୍ଠା-୬

## କଣ୍ଟିଲୋରେ ରାଷ୍ଟ୍ରପତିଙ୍କ ପୂଜାର୍ଚ୍ଚନା



# ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳ ହେବ ନୀଳମାଧବ କ୍ଷେତ୍ର

- ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ବିଶ୍ୱ ଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ଦେଲେ ମହାମହିମ
- ବିକାଶ ପାଇଁ ଅର୍ଥର ଅଭାବ ରହିବନି

**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୟାଗଡ଼ର କଣ୍ଟିଲୋସ୍ଥିତ ନୀଳମାଧବ ମନ୍ଦିରରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଛନ୍ତି। ସେ ଭୁବନେଶ୍ୱର ବିମାନ ବନ୍ଦରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟରେ ପ୍ରସ୍ତୁତ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ରାଷ୍ଟ୍ରପତି ନୀଳମାଧବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିବା ବେଳେ ଏହି ଅବସରରେ ରାଷ୍ଟ୍ରପତିଙ୍କୁ ସେବାୟତ ସଂଘ ପକ୍ଷରୁ ଉପଢୌକନ ଓ ସ୍ମାରକପତ୍ର ପ୍ରଦାନ ➪ପୃଷ୍ଠା-୬




## ବଢ଼ିଲା ସାଂସଦଙ୍କ ଦରମା ଓ ଭତ୍ତା

**ନୂଆଦିଲ୍ଲୀ,୨୪।୩(ସଂଚାର ବ୍ୟୁରୋ):** ବଢ଼ିଲା ସାଂସଦଙ୍କ ଦରମା ଓ ଭତ୍ତା। କେନ୍ଦ୍ର ସରକାର ବଢ଼ାଇଲେ ଦରମା। ଆସନ୍ତା ଏପ୍ରିଲ ୧ରୁ ସାଂସଦମାନେ ଲକ୍ଷେ ଟଙ୍କା ବଦଳରେ ୧.୨୪ ଲକ୍ଷ ଟଙ୍କା ଦରମା ପାଇବେ। ଏହି ବୃଦ୍ଧି ନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ

### ୨୦୨୩ ଏପ୍ରିଲରୁ ପିଛିଲା ଭାବେ ଲାଗୁ

ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ସାଂସଦଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ମୁଦ୍ରାସ୍ଫୀତି ହାରକୁ ଧ୍ୟାନରେ ରଖି ଏହି ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ହାରଗୁଡ଼ିକ ୧ ଏପ୍ରିଲ୍, ୨୦୨୩ରୁ ଲାଗୁ ହେବ। ଏଥିସହ ସାଂସଦଙ୍କ ପେନସନ ମଧ ବୃଦ୍ଧି ପାଇଛି। ୫ ବର୍ଷରୁ ଅଧିକ ସମୟ ଧରି ସାଂସଦ ପେନସନ୍ ୨୫ ହଜାର ଟଙ୍କାରୁ ବଢ଼ି ୩୧ ହଜାର ଟଙ୍କା ହୋଇଛି। ସେହିପରି ସଂସଦର ଅଧିବେଶନ ଚାଲିଥିବା ବେଳେ ଦୈନିକ ଭତ୍ତା ଯାହାକି ଏବେ ୨୦୦୦ ଟଙ୍କା ଅଛି, ୨୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ପେନସନ ➪ପୃଷ୍ଠା-୬

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ଆସିବ ନୂଆ ନିର୍ଦ୍ଦେଶାବଳୀ

- ବିଧାନସଭାରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ୪୫.୬୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ହୋଇସାରିଛି



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିବ। ଅର୍ଥ ରାଶି ଫେରସ୍ତ ପ୍ରକ୍ରିୟାକୁ ସରକାର ସରଳୀକରଣ କରିବା ପାଇଁ ଏକ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ଅର୍ଥ ଫେରସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ବିଧାନସଭାରେ ଲିଖିତ ଉତ୍ତର ଦେବା ଅବସରରେ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରସ୍ତ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେଉଛନ୍ତି। ଫେରସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ସରକାର ପ୍ରକ୍ରିୟାକୁ ସରଳୀକରଣ ଓ ବିକେନ୍ଦ୍ରୀକରଣ କରି ପ୍ରତ୍ୟେକ ଜିଲ୍ଲାକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ଜମା ରାଶି ଫେରସ୍ତ କରିବା ପାଇଁ ଅଧିକୃତ କରିଛନ୍ତି। ତଦନ୍ତ କମିଶନ ୭ଟି ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପନ କରିଥିଲେ।

୪ ଲକ୍ଷ ୭୨ ହଜାର ୬୫୧ ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ସୁପାରିସ୍ କରିଥିଲେ ତଦନ୍ତ କମିଶନ। ସେଥିମଧରୁ ଅଦ୍ୟାବଧି ୯୬ ହଜାର ୪୭୪ ଜଣ କ୍ଷୁଦ୍ର ଜମାକାରୀଙ୍କ ଆକାଉଣ୍ଟରେ ୪୫ କୋଟି ୬୯ ଲକ୍ଷ ୩୬ ହଜାର ୮୩୩ ଟଙ୍କା କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ଜମା କରାଯାଇସାରିଛି। ଅବଶିଷ୍ଟ ଜମାକାରୀଙ୍କ ଟଙ୍କା ଫେରସ୍ତ ଲାଗି ସରକାର ତ୍ୱରିତ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାସମ୍ପନ୍ନ ପ୍ରାଧିକାରୀ, କଟକଙ୍କ ଦ୍ୱାରା ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପାଇଁ ଆହ୍ୱାନ ➪ପୃଷ୍ଠା-୬

# କାହା ପାଇଁ ଚାଲିପାରୁନି ବିଧାନସଭା ?

- ❑ ୧୮ ଦିନରେ ୩୧ ଘଣ୍ଟା ଚାଲିନି ଗୃହ
- ❑ ଶ୍ରାଦ୍ଧ ହେଉଛି ସାଧାରଣ ଲୋକଙ୍କ ଟିକସ ଅର୍ଥ
- ❑ ରାଜସ୍ୱ ମନ୍ତ୍ରୀ ଓ କଂଗ୍ରେସ ମୁହାଁମୁହିଁ
- ❑ ଭଲ ପ୍ରସଙ୍ଗ ନଉଠାଇଲେ ଏକ ଅଙ୍କକୁ ଆସିବ: ସୁରେଶ
- ❑ ଏବେ ଭୋଟ ହେଲେ ୫୦ ସିଟ ପାଇବନି ବିଜେପି:କାଡାମ



**ଭୁବନେଶ୍ୱର, ୨୪।୩ (ସଂଚାର ବ୍ୟୁରୋ):** ଗତ ୧୫ ଦିନ ହେଲା ବିଧାନସଭାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ପାଇଁ ଦାୟୀ କିଏ। ସରକାରୀ ଦଳ ନା ବିରୋଧୀ ଦଳ। ବିରୋଧୀ କଂଗ୍ରେସ ଓ ଶାସକ ଦଳ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ବିଧାନସଭାରେ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଗୋଟିଏ ହେଲେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରୁନି। ସାଧାରଣ ଲୋକଙ୍କ ଟିକସ ଅର୍ଥ ଶ୍ରାଦ୍ଧ ହେଉଛି, ହେଲେ ଲୋକଙ୍କ କଥା ଗୃହରେ ଉଠିପାରୁନି। ଏଥିପାଇଁ ଦାୟୀ କିଏ ?

କଂଗ୍ରେସ ଜାରି ରଖିଛି ସମାନ ରଣନୀତି ଆଉ ପ୍ରତିବାଦ। ଗୋଟିଏ ଦାବି ମାମାନଙ୍କୁ ସୁରକ୍ଷା ଦିଅ। ମହିଳା ନିର୍ଯାତନା ନେଇ ଗଠନ କର ହାଉସ କମିଟି। ୧୫ ଦିନ ହେବ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଏଭଳି ଦାବି ନେଇ ବିଧାନସଭାରେ ପ୍ରତିବାଦ ଓ ହଟ୍ଟଗୋଳ କରିଛନ୍ତି। କେତେବେଳେ ହୁଇସିଲ ବଜାଇ ପ୍ରତିବାଦ ତ ଆଉ କେତେବେଳେ ଘଣ୍ଟି, ଗିନି ଓ ମହୁରି ଧରି ପୋଡ଼ିୟମ ନିକଟରେ ଓ ଗାନ୍ଧିମୂର୍ତ୍ତି ତଳେ ନାରାବାଜି। ରାଜ୍ୟରେ ମହିଳା ଅସୁରକ୍ଷିତ ଓ ଗର୍ଭବତୀ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଲଢ଼େଇ ଜାରି ରଖିଛି କଂଗ୍ରେସ। ଆଜି ବି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଧାନସଭାକୁ ଘଣ୍ଟା ଘଣ୍ଟା ➪ପୃଷ୍ଠା-୬

## ପୁଣି ଉଠିଲା ବ୍ଲାକ୍‌ରୋଜ୍ ପ୍ରସଙ୍ଗ

# ତଦନ୍ତ ହେଲେ ଖୋଲିବ ଖଣି ଦୁର୍ନୀତି ଗୁମର

- ❍ ଉଖୁରେଇଲେ ବିଜେପି ବିଧାୟକ
- ❍ ବବିଙ୍କୁ ସୁରକ୍ଷା ଦେଲେ ରାଜା




**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ପୁଣି ବିଧାନସଭାରେ ଉଠିଲା ବ୍ଲାକରୋଜ ଜାହାଜ ପ୍ରସଙ୍ଗ। କିଛି ବର୍ଷ ପୂର୍ବେ ବ୍ଲାକ୍‌ରୋଜକୁ ନେଇ ରାଜ୍ୟ ରାଜନୀତି ଦୋହଲିଯାଇଥିଲା। ବ୍ଲାକ୍‌ରୋଜ ଜାହାଜ କାହାର, ସେଥିରେ କିଏ ଲୁହାପଥର ଚାଲାଣ କରୁଥିଲା, ଏସବୁକୁ ନେଇ ଘମାଘୋଟ ଆଲୋଚନା ପରେ ସିବିଆଇକୁ ତଦନ୍ତ ଭାର ଦିଆଯାଇଥିଲା। କିନ୍ତୁ ହଠାତ ସିବିଆଇ ଶାନ୍ତ ପଡ଼ିଗଲା। ଆଜି ବିଧାନସଭାରେ ଖଣି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସମୟରେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ପୁଣି ଏହି ବିବାଦୀୟ ପ୍ରସଙ୍ଗକୁ ଉଖୁରେଇଛନ୍ତି। ଶାସକ ଦଳକୁ ଆକ୍ଷେପ କରି ସେ କହିଛନ୍ତି ଯେ ବ୍ଲାକ୍‌ରୋଜ ଜାହାଜ କାହାର, କିଏ ମାଲ ପଠାଉଥିଲା, ତା'ର ସଠିକ୍ ତଦନ୍ତ ହେଲେ ବିଜେଡିର ଖଣି ଦୁର୍ନୀତି ଧରାପଡ଼ିବ। କୁହାଯାଉଛି ଏହି ଜାହାଜ ବିଜେଡିର ଟାଣୁଆ ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କର ଥିଲା। ସେଥିରେ ତାଙ୍କ କମ୍ପାନୀ ଦ୍ୱାରା ମାଲ ପଠାଯାଉଥିଲା ବୋଲି ଶ୍ରୀ ପଣ୍ଡା କହିଛନ୍ତି। ➪ପୃଷ୍ଠା-୬



### କାନ ଡେରିଥା

ଛତୁଆ କେଉଁଠି ଜୀବନ ନେଲାଣି
ଛତୁଆ ବିଷାକ୍ତ ଥିଲା!
ଛତୁଆ ପାଇଁକି ବାଡାବାଡ଼ି ପରା
ଛତୁଆ ପାଇଁ ଯେ ପାଲା
ଛତୁଆ ଲାଭ ମୋହିଲା...
ଛତୁଆ ଭିତରେ ଗୋଖାଦ୍ୟ ଥିଲା
ଛତୁଆ ଖାଇ ମରିଲା!

■ ଦେବାଶିଷ

## ଏସସିବିରେ ଶିଶୁ ବଦଳ ଅଭିଯୋଗ

# ହାଇକୋର୍ଟରେ ପହଞ୍ଚିଲା ମାମଲା



- ପୋତାଯାଇଥିବା ସ୍ଥାନରୁ ମୃତଦେହ ଗାଏବ
- ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗିଲେ କୋର୍ଟ
- କର୍ଣ୍ଣପାତ କରିନାହାନ୍ତି ଅଧୀକ୍ଷକଙ୍କଠାରୁ ଜିଲ୍ଲାପାଳ

**କଟକ,୨୪।୩(ସଂଚାର ବ୍ୟୁରୋ):** କଟକ ବଡ଼ ମେଡିକାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ତେବେ ବଡ଼କଥା ହେଉଛି ଯେ ଏହି ଅଭିଯୋଗ ହାଇକୋର୍ଟରେ ପହଞ୍ଚିଛି। ପୁରୀ-କୁମ୍ଭାରପଡା ବାସିନ୍ଦା ରତନା ବେହେରା ନାମକ ଜଣେ ଆବେଦନକାରୀ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀ ତାଙ୍କ ଆବେଦନରେ ପ୍ରାର୍ଥନା କରିଛନ୍ତି ଯେ ଏହି ଘଟଣାର ସଠିକ ତଦନ୍ତ ହେବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ। ଆବେଦନକାରୀଙ୍କ ପତ୍ନୀ ଗର୍ଭ ଯନ୍ତ୍ରଣା ଭୋଗିବାରୁ ତାଙ୍କୁ ଗତ ଫେବୃଆରୀ ୧୦ ତାରିଖରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରଦିନ ଅର୍ଥାତ ଫେବୃଆରୀ ୧୧ ସକାଳ ➪ପୃଷ୍ଠା-୬

# ଚର୍ଚ୍ଚାରେ ନବୀନ-ପାଣ୍ଡିଆନ ଆଗୁଆ



- ଓଡ଼ିଶାରୁ ଦିଲ୍ଲୀ ଧାଁଦଉଡ଼
- ଟେର୍ ପାଉନାହାନ୍ତି ଦଳୀୟ କର୍ମୀ
- ନଜର ରଖିଛନ୍ତି ବିଜେପି-କଂଗ୍ରେସ

**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ବିଧାନସଭାର ବଜେଟ୍ ଅଧିବେଶନକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ଥିବାବେଳେ ଚର୍ଚ୍ଚାର ଆଗରେ କିନ୍ତୁ ରହିଛନ୍ତି ନବୀନ-ପାଣ୍ଡିଆନ। ନବୀନଙ୍କ ଘନ ଘନ ଦିଲ୍ଲୀ ଏବଂ ଭି.କେ.ପାଣ୍ଡିଆନଙ୍କ ଓଡିଶାକୁ ବାଏ ବାଏ କରିବା ଖବର ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି। ଏହାକୁ ନେଇ ଲୋକଙ୍କ ଭିତରେ ଉତ୍ସୁକତା ସହିତ ଆଶଙ୍କା ବି ଲକ୍ଷ୍ୟ କରାଯାଉଛି।

ନିକଟରେ ଦିଲ୍ଲୀ ଗସ୍ତ କରିଥିବା ନବୀନ ଏବେ ପୁଣିଥରେ ଦିଲ୍ଲୀ ଗସ୍ତରେ ଅଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ବିଜେଡି ଅଣବଜେପି ବିଶେଷକରି ଦକ୍ଷିଣୀ ନେତାମାନଙ୍କ ସହ ସମ୍ପର୍କ ବଢ଼ାଉଥିବା ବେଳେ ନବନୀଙ୍କ ଏହି ଦିଲ୍ଲୀ ଗସ୍ତ ଚର୍ଚ୍ଚାରେ ରହିଛି। ଏଥିସହ ରାଜ୍ୟରେ ଖଣି ଦୁର୍ନୀତି ପ୍ରସଙ୍ଗରେ ବିଜେଡି ନେତା ଗିରଫ ହେବା, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ପାଇଁ ଚାପ ବଢ଼ିବା ଆଦି ଘଟଣାକୁ ବି ନବୀନଙ୍କ ଦିଲ୍ଲୀ ଗସ୍ତ ସହିତ ଯୋଡ଼ି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାଁଭାଁ ଦିଲ୍ଲୀ ଯାଉଥିବା ନବୀନ ହଠାତ୍ ଦିଲ୍ଲୀ ଦଉଡ଼ କରିବାକୁ ବିରୋଧୀ ତ ଦୂରର କଥା, ଖୋଦ୍ ବିଜେଡି ନେତା ଓ କର୍ମୀମାନେ ବି ସହଜରେ ଗ୍ରହଣ କରିପାରୁନାହାନ୍ତି। ନବୀନଙ୍କ ଭଳି ପାଣ୍ଡିଆନ ମଧ ରାଜ୍ୟରେ ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି। ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2025

Empowering students for a brighter future

B.TECH PROGRAMMES IN ELECTRONICS
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଡେରାବିଶରେ କାଳବୈଶାଖୀ ତାଣ୍ଡବ

- କୁଆପଥର ମାଡ଼ରେ ମୁଗ ଫସଲ ନଷ୍ଟ
- ଗଛ ଭାଙ୍ଗି ବାସଗୃହ କ୍ଷତିଗ୍ରସ୍ତ

**ଡେରାବିଶ,୨୪।୩ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଅଦିନିଆ କାଳ ବୈଶାଖୀର ତାଣ୍ଡବ ଡେରାବିଶ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଅପରାହ୍ନ ସାଢ଼େଚାରିଟା ବେଳେ ହଠାତ କଳାହାଣ୍ଡିଆ ମେଘ ଘୋଟିଆସି ଅନ୍ଧାର କରି ଘଡ଼ଘଡ଼ି ସହ ମୁଷଳ ଧାରାରେ ବର୍ଷା ହେବା ସହିତ ଖୁବ୍ ଜୋରରେ ପବନ ବହିବାରେ ଲାଗିଥିଲା। ଦୀର୍ଘ ୧ ଘଣ୍ଟା ଧରି ସ୍ଥାନୀୟ ଅଞ୍ଚଳରେ ଖୁବ୍ ଜୋରରେ ପବନ ବହିବା ଫଳରେ ବହୁ ଛୋଟ ଛୋଟ ଗଛ ଭାଙ୍ଗିଯିବା ସହିତ ବଡ଼ ବଡ଼ ଗଛର ଡାଳ ଭାଙ୍ଗି ବିଭିନ୍ନ ଲୋକଙ୍କ ଘର ଉପରେ ପଡ଼ିଥିଲା। ଏଥିସହିତ କୁଆପଥର ମାଡ଼ ହେବା ଫଳରେ ଚାଷଜମିରେ ଥିବା ବ୍ୟାପକ ମୁଗ ଓ ବିରି ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। କୁଆପଥର ମାଡ଼ ଯୋଗୁଁ ବହୁ ଚାଷଜମିରେ ମୁଗଫସଲର ଫୁଲ ଝଡ଼ିଯାଇଥିବା ବେଳେ ବହୁ ସ୍ଥାନରେ ମୁଗ ଛୁଇଁ ମଧ୍ୟ ଝଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ଝଡ଼ବାତ୍ୟାରେ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଶ୍ୱେତାଙ୍ଗିନୀ ଯେନାଙ୍କ ଘର ଉପରେ ଏକ ବଡ଼ ଚାଖୁଣ୍ଡା ଗଛର ଡାଳ ପଡ଼ି ଘର ଭାଙ୍ଗିଯାଇଥିଲା। ଖବର ପାଇ ଡେରାବିଶ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀମତୀ ଜେନାଙ୍କ ଘର ଉପରୁ ଏହି ଚାଖୁଣ୍ଡା ଡାଳଟିକୁ କାଟି ବାହାର କରିଥିଲେ। ସେହିପରି ବାଲିଆ ପଞ୍ଚାୟତ ଅନ୍ତର୍ଗତ ଅରିଓ ଗ୍ରାମର ବିଦ୍ୟାଳୟ ନିକଟରେ ଏକ ବଡ଼ ଚାଖୁଣ୍ଡା ଗଛ ଭାଙ୍ଗି ରାସ୍ତାଉପରେ ପଡ଼ିଥିଲା। ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଟିଣ ଛପର ଉଡ଼ି ନିକଟସ୍ଥ ଚାଖୁଣ୍ଡା ଗଛରେ ଲାଗିଥିବା ଦେଖିବାକୁ ମିଳିଛି ସେହିପରି ଦାନପୁର ବଜାରରେ ଏକ ବଡ଼ ଓସ୍ତ ଗଛର ଡାଳପଡ଼ି ସନ୍ତୋଷ କୁମାର ପଣ୍ଡାଙ୍କ ଦୋକାନ ଭାଙ୍ଗିଯାଇଥିବା ଦେଖିବାକୁ ମିଛି। ଏପରିକି ବହୁ ସ୍ଥାନରେ ଘଡ଼ଘଡ଼ି ପଡ଼ିବା ଓ ଗଛପଡ଼ିବା ଯୋଗୁଁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଥିବା ଦେଖିବାକୁ ମିଳିଛି।



# ଖୋଲୁନାହିଁ ନରୁଆ ଉପସ୍ୱାସ୍ଥ୍ୟ କେନ୍ଦ୍ର

**● ମାସ ମାସ ଧରି ଝୁଲୁଛି ତାଲା ● ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଅଞ୍ଚଳବାସୀ**

**ନିଶ୍ଚିନ୍ତକୋଇଲି,୨୪।୩ (ସଂଚାର ବ୍ୟୁରୋ):** ସରକାର ଗ୍ରାମାଞ୍ଚଳରେ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ଭିତ୍ତିଭୂମି ବିକାଶ ଏବଂ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସଠିକ୍ ଭାବେ ଏହାର ସଦୁପଯୋଗ କରାଯାଉ ନଥିବା ଦେଖାଯାଉଛି। ଫଳରେ ଗାଁ ଗହଳିର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

ଏଭଳି ଏକ ନିଚ୍ଛକ ଉଦାହରଣ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବନ୍ଧକାଟିଆ ଗ୍ରାମ ପଞ୍ଚାୟତର ନରୁଆ ମଲ୍ଲିକପୁରସ୍ଥିତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେବ ତାଲା ପଡ଼ି ରହିଛି। ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭ ଶିଳାନ୍ୟାସ କରାଯାଇଥିବାବେଳେ ଗତ ଦୁଇ ମାସ ତଳେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ପରନ୍ତୁ ତାହା ଅଦ୍ୟାବଧି କୌଣସି କାର୍ଯ୍ୟରେ ଲାଗୁ ନଥିବା ଦେଖାଯାଇଛି। ଉକ୍ତ ଘରକୁ ଦୀର୍ଘଦିନ ହେବ ବିଭାଗକୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ପ୍ରଶାସକ ପକ୍ଷରୁ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।




## ସମବାୟ ସମିତିର ଋଣ ଖିଲାପକାରୀଙ୍କ ସଦସ୍ୟତା ରଦ୍ଦ ଦାବି

**କେନ୍ଦ୍ରାପଡ଼ା,୨୪।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ଶରତ ଚନ୍ଦ୍ର ଦାସଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ସମବାୟ ସମିତି ସମୂହର ଜିଲ୍ଲା ଉପ ନିବନ୍ଧକ ସନ୍ତୋଷ କୁମାର ଦାଶଙ୍କ ନିକଟରେ ବହୁ ନିର୍ଦ୍ଦେଶକ ମଣ୍ଡଳୀର ସଭ୍ୟମାନେ ଲିଖିତ ଅଭିଯୋଗ କରି ଦାବି କରିଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ନିର୍ଦ୍ଦେଶକ ଶ୍ରୀ ଦାସ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟରୁ ୧୫ଲକ୍ଷ ଟଙ୍କା ଋଣ ନେଇ ଋଣ ସୁଝିବାରେ ଖିଲାପ କରିଛନ୍ତି । ସମବାୟ ସମିତିର ଆଇନ ମୁତାବକ ୧୯୬୨ ଧାରା ୨୮(୩)(୧)କୌଣସି ସମବାୟ ସମିତିର ସଦସ୍ୟ ହେବାପାଇଁ ଯୋଗ୍ୟତା ହରାଇଛନ୍ତି । ତେଣୁ ଅବିଳମ୍ବେ ତାଙ୍କୁ ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ପଦବୀରୁ ବହିଷ୍କାର କରାଯିବାକୁ ଦାବି କରିଛନ୍ତି ।

## ଜୀବନ ସୁରକ୍ଷା କଲ୍ୟାଣ ସମିତିର ସମ୍ବର୍ଦ୍ଧନା ଉତ୍ସବ



**ପଟ୍ଟାମୁଣ୍ଡାଇ,୨୪।୩ (ସଂଚାର ବ୍ୟୁରୋ):** ବୈଦିକ ଭାରତର ଜ୍ଞାନ ଓ ବିଜ୍ଞାନ ସାରା ବିଶ୍ୱକୁ ଦିଗଦର୍ଶନ ଦେଇ ଆସିଛି । ଏହି ଦେଶ ମୁନି ଋଷିଙ୍କ ତପ ଓ ସାଧନାର ଭୂମି। ବସୁଧୈବ କୁଟୁମ୍ବକମ୍ ର ମହାଚେତନା ଏହି ଭୂମିରୁ ହିଁ ଉଦଘୋଷିତ। ଆଜି ଜୀବନ ସୁରକ୍ଷା କଲ୍ୟାଣ ସମିତି,ପଟ୍ଟାମୁଣ୍ଡାଇର ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନରେ ଯୋଗଦେଇ ବିଶିଷ୍ଟ ବାଗ୍ମୀ ଡ଼. ପ୍ରତିଭା ମହାରଥୀ ପ୍ରକାଶ କରିଛନ୍ତି। କଥାକାର ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବିଶିଷ୍ଟ ତଥା ବରିଷ୍ଠ ନାଗରିକଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ପ୍ରଧାନ ସମିତିର ବାର୍ଷିକ ବିବରଣୀ ପ୍ରଦାନ କରି ସାମାଜିକ ସେବା ପାଇଁ ଏହି ଅନୁଷ୍ଠାନ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ। ଏଥିସହିତ ଗତ ମାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଆୟେଶା ମିଶ୍ରଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଓ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଶ୍ରୀରାମପୁରର ଛାତ୍ରୀମାନେ ମିଳିତ ନୃତ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବା ସହ ସମ୍ମାନିତ ହୋଇଥିଲେ ।

## ବିଶ୍ୱ ଜଳ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସଚେତନତା ଅଭିଯାନ

**ପଟ୍ଟାମୁଣ୍ଡାଇ,୨୪।୩ (ସଂଚାର ବ୍ୟୁରୋ):** ବିଶ୍ୱ ଜଳ ଦିବସ ୨୦୨୫ ଉପଲକ୍ଷେ ନେହେରୁ ଯୁବା କେନ୍ଦ୍ର କେନ୍ଦ୍ରାପଡ଼ା ଏବଂ ଉତ୍କଳମଣି ଯୁବକ ସଂଘ ମିଳିତ ଉଦ୍ୟମରେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସଙ୍ଗଠନ ତରଫରୁ ପୁରସ୍କାର ବିତରଣ କରାଯାଇଥିଲା। "ଜଳ ହେଉଛି ଜୀବନ" ବିଷୟ ଉପରେ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଚିତ୍ରାଙ୍କନ କରି ଜଳ ସଂରକ୍ଷଣର ଗୁରୁତ୍ୱ ଉଜାଗର କରିଥିଲେ। ଏହି କାର୍ଯ୍ୟକ୍ରମ ସରସ୍ୱତୀ ସେବା ସଙ୍ଗଠନ ପରିସରରେ ଅନୁଷ୍ଠିତ ହୋଇଥିଲା। ଚିତ୍ରକଳା ପ୍ରତିଯୋଗୀତାରେ ପ୍ରଜ୍ଞା ପରମିତା ସାହୁ (୮ମ)ପ୍ରଥମ, ଶ୍ରୀୟା ସୋନମ୍ ସାହୁ (୮ମ) ଦ୍ୱିତୀୟ,ପୂର୍ଣ୍ଣଚନ୍ଦ୍ର ଜେନା (୯ମ) ଓ ପ୍ରିତିସମ୍ପୂର୍ଣ୍ଣା ତରାଇ ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ।



# ଆଗେଇପାରୁନି ନୂତନ ରାଜସ୍ୱ ଗ୍ରାମ ଘୋଷଣା

**ମହାକାଳପଡ଼ା,୨୪।୩ (ସଂଚାର ବ୍ୟୁରୋ):** ନୂଆ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଜନଶୁଣାଣି ଅଭିଯୋଗରେ ତିନି ତିନି ଥର ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନି। ଯାହାଫଳରେ ଲୋକମାନେ ପୁଣି ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ରାଜଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀରେ ଦାବିପତ୍ର ପ୍ରଦାନ କରିଛନ୍ତି ଲୋକେ।

**ତହସିଲର ଉଦାସିନତା ଅଭିଯୋଗ ଆଣିଲେ ଲୋକେ**

**ଜନଶୁଣାଣିରେ ତିନିଥର ଜଣାଇଲେଣି ଦାବି**

ମହାକାଳପଡ଼ା ତହସିଲ ଅନ୍ତର୍ଗତ ଗୟାସପୁର ରାଜସ୍ୱ ଗ୍ରାମ ଅଧିନସ୍ଥ ହଳଦୀ ବସନ୍ତ ପଡ଼ା ଗ୍ରାମର ଅଧିବାସୀ ନୁଆ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଦାବି ଜଣାଇଛନ୍ତି। ଏନେଇ ପୂର୍ବରୁ ମଧ୍ୟ ତିନି ତିନି ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ ମଧ୍ୟ ସୁଫଳ ମିଳି ପାରିନାହିଁ। ହଳଦୀ ବସନ୍ତ ପଡ଼ାକୁ ପୂର୍ବରୁ ୨୬ ଡିସେମ୍ବର ୨୦୨୨ ତାରିଖରେ କରିଥିବା ଅଭିଯୋଗ ସଂଖ୍ୟା-ଏ୨୪୫୨,୧୫ ଜୁଲାଇ ୨୦୨୪ ରିଖରେ ଅଭିଯୋଗ ସଂଖ୍ୟା-ଏ୮୯୬ ଏବଂ ୯ ଡିସେମ୍ବର ୨୦୨୪ ରେ କରିଥିବା ଅଭିଯୋଗ ସଂଖ୍ୟା-ଏ୨୨୮ ରେ ଦାବି ଜଣାଇ ସାରିଛନ୍ତି ପଡ଼ାବାସୀ। ନୂତନ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ବି ମହାକାଳପଡ଼ା ତହସିଲର ଉଦାସିନତା ପାଇଁ ଏହା ତିନି ବର୍ଷ ଧରି ସରକାରୀ ଫାଇଲ ତଳେ ଚାପି ହୋଇ ରହିଛି। ଯାହା ତତ୍କାଳୀନ ତହସିଲଦାର ସ୍ମାରକ ସଂଖ୍ୟା ୫୯୪ରେ ୨୨ ଫେବୃଆରୀ ୨୦୨୩ରେ ରାଜସ୍ୱ ନୀରିକ୍ଷକ, ଅଳାଇଲୋଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନୀରିକ୍ଷକ, ଅଳାଇଲୋ ତାଙ୍କ ତଦନ୍ତ ବିବୃତି ସହିତ ହଳଦୀ ବସନ୍ତ ନୂତନ ରାଜସ୍ୱ ଗ୍ରାମର ୪ ଇଞ୍ଚିଆ ନକ୍ସା ସହ ତହସିଲଦାରଙ୍କୁ ପ୍ରଦାନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ଫାଇଲରେ ବନ୍ଧା ହୋଇ ରହିଛି ବୋଲି ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି ଲୋକେ। ନୂତନ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଜିଲ୍ଲାପାଳ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ମୟ ମଲ୍ଲିକ, ବସନ୍ତ ନାୟକ, ସୁଦର୍ଶନ ସାମଲ, ଦିବ୍ୟାନନ୍ଦ ମହାନ୍ତି, ସଞ୍ଜୟ ଦାସ, ଚିନ୍ମୟ ମହାନ୍ତି, ଅକ୍ଷୟ ଦାସ, ଉମାକାନ୍ତ ଜେନା, ସୁବ୍ରତ ମହାନ୍ତି ଓ ସୁଦର୍ଶନ ଦାସ ପ୍ରମୁଖ ଦାବି କରିଛନ୍ତି।

# ରାଜଗଡ ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

**● ୧୫୫ ଅଭିଯୋଗ ମଧ୍ୟରୁ ୨୧ଟି ସାମୂହିକ ଓ ୧୩୪ଟି ବ୍ୟକ୍ତିଗତ**

**କେନ୍ଦ୍ରାପଡ଼ା,୨୪।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ ଗ୍ରାମ ପଞ୍ଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ପୂର୍ବାହ୍ନ ସମୟରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ମହାକାଳପଡ଼ା ବିଡିଓ, ମହାକାଳପଡ଼ା ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୫୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୨୧ ଗୋଟି ସାମୂହିକ ଏବଂ ୧୩୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨୫ ହଜାର ଟଙ୍କା ୩ ଜଣ ଆବେଦନକାରୀଙ୍କୁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ, ପାନୀୟ ଜଳ ସମସ୍ୟା, ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ, ରାସ୍ତା ଜବରଦଖଲ ଉଚ୍ଛେଦ, ରାସ୍ତା ମରାମତି ତଥା ପ୍ରଶସ୍ତିକରଣ ଆଦି ଅଭିଯୋଗଗୁଡ଼ିକ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୨୪।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ସୋମବାର ଅପରାହ୍ନରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ସାଂସଦଙ୍କ ପ୍ରତିନିଧି ଭାବେ ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ଉକ୍ତ ଜିଲ୍ଲାସ୍ତରୀୟ ମେଳା ସୋମବାରଠୁ ଶୁକ୍ରବାର ପର୍ଯ୍ୟନ୍ତ ୫ ଦିନ ଚାଲୁରହିବା ସହିତ କୃଷକ ମାନଙ୍କୁ ଉନ୍ନତ କୃଷି ନିମନ୍ତେ କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟର ସୁଯୋଗ ଚାଷୀମାନେ ପାଇବା ସହ ଏଠାରେ କୃଷକମାନେ ଆଧୁନିକ ଜ୍ଞାନ କୌଶଳର ପ୍ରଶିକ୍ଷଣ ପାଇପାରିବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ । ଉକ୍ତ ମେଳାରେ ୫୦ଟି ଷ୍ଟଲରେ କୃଷି ସହିତ ଜଡ଼ିତ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରି କୃଷି ଦ୍ରବ୍ୟ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ୩ ଜଣ କୃଷକଙ୍କୁ ପୁରସ୍କୃତ କରାଯାଇଥିଲା । ୫ ଜଣଙ୍କୁ ମଧ୍ୟ ଟ୍ରାକ୍ଟର ଚାବି ପ୍ରଦାନ କରି କୃଷକ ସଶକ୍ତିକରଣ ନିମନ୍ତେ ପ୍ରୋତ୍ସାହିତ କରାଯାଇଥିଲା।

## ବେଆଇନ୍ ଇଟାଭାଟିରେ ଚଢ଼ିଲା ବୁଲ୍‌ଡୋଜର

**କେନ୍ଦ୍ରାପଡ଼ା,୨୪।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ଏବଂ ଆଖପାଖ ଅଂଚଳରେ ବ୍ୟାପକ ଭାବରେ ବେଆଇନ ଭାବରେ ନାଲି ଇଟା ଭାଟି ଗଢିଉଠିଥିଲା ବେଳେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପାଇବା ସହ ଏହାର ପ୍ରଦୂଷଣ ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରାପଡା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ତହସିଲଦାର ତାପସ ରଂଜନ ଦେହୁରି ପୋଲିସ ଫୋର୍ସ ଓ ଅଗ୍ନିଶମ ବିଭାଗକୁ ନେଇ ବେଆଇନ ଭାବେ ତିଆରି ହେଉଥିବା ଇଟାଭାଟି ଗୁଡିକୁ ଭାଙ୍ଗିବା ସହ ପାଣି ପକାଇ ନଷ୍ଟ କରିଥିଲେ। ଏଥି ସହିତ ଇଟାଭାଟି ତିଆରି କରୁଥିବା ମାଲିକ ମାନଙ୍କୁ କଡା ଚେତାବନୀ ଦିଆଯାଇଛି । ପରବର୍ତ୍ତୀ ଅବସ୍ଥାରେ ଯଦି ଭାଟି କରନ୍ତି ତେବେ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ଦେହୁରି ପ୍ରକାଶ କରିଛନ୍ତି ।



## ଲୁଟିନେଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା



**କେନ୍ଦ୍ରାପଡ଼ା,୨୪।୩ (ସଂଚାର ବ୍ୟୁରୋ):** ଦିନକୁ ଦିନ ଆଳି ଥାନା ଅଧୀନରେ ବଢ଼ିଚାଲିଛି ଲୁଟେରା ଗ୍ୟାଙ୍ଗଙ୍କ ଆତଙ୍କ। ରାତି ହେଲେ ଆସୁଛନ୍ତି ସୁଯୋଗ ଦେଖି ଘରେ ପଶୁଛନ୍ତି। ଯେଉଁ ଘରେ ସୁନା ଅଳଙ୍କାର, ଟଙ୍କା ପାଉଛନ୍ତି ସବୁ କଳାକନା ବୁଲାଇ ଦେଉଛନ୍ତି । ପୂର୍ବରୁ ବହୁ ଉଦାହରଣ ଦେଖାଦେଇଥିବା ବେଳେ ଗତ ରବିବାର ବିଳମ୍ବିତ ରାତିରେ ଆଳି ଥାନା ଅଧିନ ତଳ ଜୁଆଣିଆ ଗ୍ରାମର ସୁରେନ୍ଦ୍ର ରାଉତଙ୍କ ଘର ଗେଟ୍ ତାଲା କାଟି ସୁରେନ୍ଦ୍ର ଓ ତାଙ୍କ ପତ୍ନୀ ଶୋଇଥିବା ରୁମ୍‌କୁ ବାହାରପଟୁ ବନ୍ଦ କରି, ବାପା ଶୋଇଥିବା ଅନ୍ୟ ରୁମ୍‌ରେ ପଶିଥିଲେ ଦୁଇଜଣ ଲୁଟେରା। ବୃଦ୍ଧା ବାପା ପାଟି କରିବାରୁ ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହିତ ମାରଧର କରିଥଲେ। ଜୀବନରୁ ମାରିବାକୁ ଧମକ ଦେଇ ଗର୍ଡେଜ୍ ତାଡ଼ି ଘରେ ଥିବା ସୁନା ଅଳଙ୍କାର ସହିତ ନଗଦ ଟଙ୍କା ନେଇଯାଇଛନ୍ତି। ଏନେଇ ସୁରେନ୍ଦ୍ର ଆଳି ଥାନା ରେ ଅଭିଯୋଗ କରିଛନ୍ତି। ସେହି ପରି ସେହି ଗ୍ରାମର ମୋହନ ଚରଣ ସାମଲଙ୍କ ଘର ଗେଟ୍ ତାଲା କାଟି ଏକ ଆଟାଜ୍ ନେଇଯାଇଛନ୍ତି । ଏହି ଅଭିଯୋଗ ଅଧାରେ ପୁଲିସ୍ ଏହି ଘଟଣାର ତଦନ୍ତ ଜାରି ରଖିଛି।

## ବିଧାୟକଙ୍କ ହସ୍ତକ୍ଷେପ, ଶିକ୍ଷକଙ୍କୁ ବିଇଓଙ୍କ ଦୁର୍ବ୍ୟବହାର ବିବାଦରେ ଯବନିକା

**ନିଶ୍ଚିନ୍ତକୋଇଲି,୨୪।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରାମର୍ଶଦାତା ତଥା ଜନସମ୍ପର୍କ ସଂଯୋଜକ ଶିକ୍ଷକ ସୀତାକାନ୍ତ ସାମଲ ଓ ଶିକ୍ଷକ ସଂଘକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା ବେଳେ ପ୍ରତିବାଦରେ ଶିକ୍ଷକ ସଙ୍ଘ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବିଧାୟକଙ୍କ ଚାପ ତଥା ହସ୍ତକ୍ଷେପ ଦ୍ୱାରା ଶିକ୍ଷକ ସଙ୍ଘ ଧାରଣାରୁ ଓହରିଥିବା ବେଳେ ବିଧାୟକ ଉଭୟଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଥିବା କଥା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ବିଇଓ ନିଶ୍ଚିନ୍ତକଲୋଇଲି ବ୍ଲକରେ ଯୋଗଦେବା ଦିନ ଠାରୁ ଖାଲି ଯେ ଶିକ୍ଷକ ମାନଙ୍କ ମାନ ସମ୍ମାନକୁ କ୍ଷୁର୍ଣ୍ଣ କରିଛନ୍ତି ତାହାନୁହେଁ ବହୁ ସମୟରେ ବିଇଓ ମହାଶୟା ସ୍ଥାନୀୟ ବହୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରତି ମଧ୍ୟ ଦୁର୍ବ୍ୟବହାର କରିଥିବା କଥା କାହାରିକି ଅଛପା ନାହିଁ! ତେବେ ବିଧାୟକଙ୍କ ଦ୍ୱାରା ଉଭୟଙ୍କ ମଧ୍ୟରେ ବୁଝାବଣା ଭଳି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଶିକ୍ଷକ ସଙ୍ଘ ଓ ଶିକ୍ଷକଙ୍କ ସମ୍ମାନ ଉପରେ ବିଇଓ ଶ୍ରୀମତୀ ମହାପାତ୍ର ଯେଉଁଭଳି ଭାବେ ଦୁର୍ବ୍ୟବହାର କରିବା ଫଳରେ ଶିକ୍ଷା ସମାଜ ପ୍ରତି ଆଞ୍ଚ ଆସିଛି। ବିଇଓଙ୍କ ଭୁଲକୁ ଏକ ପ୍ରକାରର ସାତଖୁଣ ମାପ କରାଯାଇଛି। ଅନ୍ୟପକ୍ଷରେ ବିଧାୟକଙ୍କ ପାଇଁ ଆଜି ବିଇଓ ଏବଂ ଶିକ୍ଷକ ସଂଘଙ୍କ ବାଦବିବାଦର ଅନ୍ତ ଘଟିଥିବା କଥା ଜଣାପଡ଼ିଛି।



**ଗ୍ରାମ୍ୟ ଉନ୍ନୟନ ବିଭାଗରେ ଆଖିବୁଜା ଦୁର୍ନୀତି**

# ମହୁଲିଆ-ଜୁଣୁପାଙ୍ଗରା ରାସ୍ତାକାମ ନିମ୍ନମାନର ଅଭିଯୋଗ

**ରାଜନଗର,୨୪।୩ (ସଂଚାର ବ୍ୟୁରୋ):** ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ ରାସ୍ତା ନିର୍ମାଣ ନାରେ ଆଖିବୁଜା ଦୁର୍ନୀତି ଚାଲିଛି। ଟେଣ୍ଡର ଅର୍ଥର ୨୦ ଭାଗ ମଧ୍ୟରେ ଖର୍ଚ୍ଚ କରି ଅବଶିଷ୍ଟ ଟଙ୍କା ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଲୁଟି ନେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମହୁଲିଆ-ଜୁଣୁପାଙ୍ଗରା ରାସ୍ତାରେ। ୨୦ ଦିନ ତଳେ ରାସ୍ତାରେ ପିଚୁ କାମ କରାଯାଇଛି ଅଥଚ ରାସ୍ତା ସାରା ମେଟାଲ ଉପରକୁ ଡିମା ଡିମା ହୋଇ ଉଠିକି ରହିଛି। ରାସ୍ତାର ଅଧିକାଂଶ ସ୍ଥାନରେ ପୂର୍ବରୁ ଯେଉଁ ପରି ଖାଲ ଥିଲା ସେହିଭଳି ଅବସ୍ଥାରେ ପିଚୁ ଘଷି କାମ ସାରି ଦିଆଯାଇଛି। ଏଭଳି ନିମ୍ନମାନର କାମକୁ ନେଇ ତୀବ୍ର ପତିକ୍ରିୟା ସୃଷ୍ଟି ହୋଇଛି।

ରାଜନଗର ବ୍ଲକର ମହୁଲିଆ-ଜୁଣୁପାଙ୍ଗରା ରାସ୍ତାର ଖଦାଳସାହି ଠାରୁ ପୋଖରିଆ ଯାଏଁ ୪୦୦ ମିଟର ରାସ୍ତାକୁ ୨୦ ଦିନ ତଳେ ପିଚୁ କରାଯାଇଛି। ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ପାଇଁ ୫ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟରେ ରାସ୍ତାର ପୁନ ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରୁ ଘାସ ସଫା କରିବା ପାଇଁ ୩ ହଜାର ୭୩୫ ଟଙ୍କା, ଫାଟି ଯାଇଥିବା ପିଚୁ ଓ ଖାଲ ସ୍ଥାନକୁ ତାଡି ସଫା କରି ଟ୍ୟାଗ କୋଡ ପିଚୁ ଦେଇ ୨୫ ଏମଏମରୁ ୪୦ ଏମଏମ ମୋଟେଇର ମେଟାଲ ଦେଇ ରାସ୍ତା ରୋଲିଙ୍ଗ କରି ରାସ୍ତା ସମାନ ପାଇଁ ୧ ଲକ୍ଷ ୨୩ ହଜାର

**ପିଚୁ ଘଷି କାମ ସାରି ଦିଆଯାଇଛି**

**ମେଟାଲ ଉପରକୁ ଉଠି ଧଳା ଦେଖାଯାଉଛି**

୭୭୨ ଟଙ୍କା, ପ୍ରାଇମର କୋର୍ଟ ପିଚୁ ପାଇଁ ୪୪ ଜାର ୧୯୭ ଟଙ୍କା ଏବଂ ଏସଟିବିସି ଫ୍ଲେବର ଫିନସର ବା ମେସିନ ମାଧ୍ୟମରେ ପିଚୁ ପାଇଁ ୩ ଲକ୍ଷ ୩୦ ହଜାର ୫୩୫ଟଙ୍କା ଓ ରାସ୍ତା ସାଇଟରେ ମାଟି ଦେବା ପାଇଁ ୨୨ ହଜାର ୮୨୪ ଟଙ୍କା ଦିଆଯାଇଥିଲା। ୨୦ ଦିନ ତଳୁ ରାସ୍ତା କାମ ସରିଯାଇଛି। ରାସ୍ତା କଡରେ ପିଚୁ ଗରମ କରି କେବଳ ଘଷି ଦେଇ କାମ ସାରି ଦିଆଯାଇଛି। ପିଚୁ ତଳେ ଥିବା ମେଟାଲ ଉପରକୁ ଉଠି ରାସ୍ତା ସାରା ଧଳା ଦେଖାଯାଉଛି। ଯେତିକି ପିଚୁ କରାଯାଇଥିଲା ତାହା ଅଧିକାଂଶ ସ୍ଥାନରେ ଉଠି ନଷ୍ଟ ହୋଇଗଲାଣି।

ସ୍ଥାନୀୟ ଅନି ଚରାଇ ଓ ମାଧବା ନନ୍ଦ ପ୍ରଧାନଙ୍କ କହିବ କଥା ହେଲା ରାସ୍ତା ଧଳା ଫରଫର ଦେଖାଯାଉଛି। ରାସ୍ତା ସାରା ମେଟାଲ ଉଠି ରହିଥିବାରୁ ପିଲା ଝୁଣ୍ଟି ପଡୁଛନ୍ତି। ରାସ୍ତା ୨୦ ଦିନ ବି ହୋଇନି ପୂର୍ବରୁ ଯାହା ଥିଲା ସେହି ଭଳି ହୋଇଗଲାଣି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ବେହେରଙ୍କ କହିବା କଥା ହେଲା ଠିକାଦାର ଆମକୁ ନ ଜଣାଇ କେତେବେଳେ ପିଚୁ କାମ ସାରି ଦେଇଛି। ରାସ୍ତାକୁ ମେସିନ ମାଧ୍ୟମରେ ପିଚୁ କରିବାକୁ ଏସ୍ଟିମେଣ୍ଟ ଓ ଏଗ୍ରୀମେଣ୍ଟ ହୋଇଥିଲା। ଠିକାଦାର ଆମକୁ ନଜଣାଇ ହାତରେ ପିଚୁ ଗରମ କରି ରାସ୍ତା କାମ କରିଛି। ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି ବୋଲି କହିଛନ୍ତି।



## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ




**ରାଜନଗର,୨୪।୩ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ରଶ୍ମିରଞ୍ଜନ ମହାନ୍ତି ପୌରହିତ କରିବା ସହିତ ଟିବି ମୁକ୍ତ ଭାରତ ଅଭିଯାନ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆରମ୍ଭ କରାଯାଇଛି। ଚଳିତ ବର୍ଷ ପ୍ରତ୍ୟେକ ସଚେତନ ନାଗରିକ ନିଜର ପ୍ରତିବଦ୍ଧତା, ନିବେଶ ଏବଂ ସଫଳ ରୂପାୟନ ଦ୍ୱାରା ଯକ୍ଷ୍ମା ରୋଗ ଭଳି ମାରାତ୍ମକ ରୋଗର ଅନ୍ତ କରିବା ସମ୍ଭବ, ଚଳିତ ବର୍ଷର ଟି ବି ରୋଗର ନିବାରଣ ପାଇଁ ବାର୍ତ୍ତା ରଖାଯାଇଛି କହିବା ସହିତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏ ଦିଗରେ ନିଜର ଦାଇତ୍ୱ କର୍ତ୍ତବ୍ୟ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ଃ ପୁଷ୍ପାଞ୍ଜଳି ମହାପାତ୍ର, ଡ଼ଃ ରୁଦ୍ର ପ୍ରସନ୍ନ ରାୟ, ଡ଼ଃ ନୀଳାଦ୍ରୀ ଭୂଷଣ ମହାନ୍ତି, ତରୂଲତା ନାୟକ ପ୍ରମୁଖ ଯୋଗ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ ୨ଟି ବୁଝାମଣା ସ୍ୱାକ୍ଷରିତ



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଲୋକସେବା ଭବନରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମଟି ଓଡ଼ିଶାର ଢେଙ୍କାନାଳସ୍ଥିତ ଗୋବିନ୍ଦପୁରରେ ସମନ୍ୱିତ ପ୍ୟାକ୍ ହାଉସର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ ମେସର୍ସ କୋଲ୍ଡ ଚେନ୍ ସଲ୍ୟୁସନ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବେଳେ ଦ୍ୱିତୀୟଟି ଓଡ଼ିଶାରେ କୃଷି ଉତ୍ପାଦନ ପୁଞ୍ଜ (ଏପିସି) ପ୍ରୋତ୍ସାହନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମିଶନ ଶକ୍ତି ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

ଓଡିଶାର ଆଦିବାସୀ ବହୁଳ ଅଞ୍ଚଳରେ, କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୃଷକମାନଙ୍କର ଆୟକୁ ସ୍ଥାୟୀ ଭାବେ ଦ୍ୱିଗୁଣିତ କରିବାର ଉଦ୍ଦେଶ୍ୟ ନେଇ ଏପିସି ଆରମ୍ଭ ହୋଇଥିଲା। ମିଶନ ଶକ୍ତି ବିଭାଗ ଗତ ୨୦୨୦ ଜୁନରେ ଏକ ଅତିରିକ୍ତ ଏମଓୟୁ ସ୍ୱାକ୍ଷର କରି ଏପିସି ପ୍ରକଳ୍ପରେ ସାମିଲ ହୋଇଥିଲା, ଯାହା ଉତ୍ପାଦକ ଗୋଷ୍ଠୀ (ପିଜି) ଓ ଉତ୍ପାଦକ କମ୍ପାନୀ (ପିସି)ଗୁଡ଼ିକୁ ସୁଦୃଢ଼ କରୁଛି। ବର୍ତ୍ତମାନ ମିଶନ ଶକ୍ତି ୧୪ଟି ଜିଲ୍ଲାର ୭୩ଟି ଏପିସି ବ୍ଲକରେ ୧୧୮୧ଟି ପିଜି ଓ ୭୩ଟି ପିସିକୁ ସୁଦୃଢ଼ କରିବା ପାଇଁ ସହଯୋଗ କରୁଛି। ନୂତନ ଭାବେ ସ୍ୱାକ୍ଷରିତ ଏହି ଏମଓୟୁ ୯ଟି ଜିଲ୍ଲା (ବଲାଙ୍ଗୀର, ଢେଙ୍କାନାଳ, ଝାରସୁଗୁଡ଼ା, କନ୍ଧମାଳ, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ କୋରାପୁଟ) ଓ ୨ଟି ନୂତନ ଜିଲ୍ଲା (ଦେଓଗଡ଼ ଓ ନବରଙ୍ଗପୁର) ସମେତ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ପିଜି ଓ ୨୭ଟି ପିସିକୁ ସହଯୋଗ ପ୍ରଦାନ କରି ଏପିସି ମଡେଲକୁ ଆହୁରି ସୁଦୃଢ଼ କରିବ। ମିଶନ ଶକ୍ତି ବିଭାଗ ଦ୍ୱାରା ୬୨.୦୫୮ କୋଟି ଟଙ୍କା ଅନୁମାନିତ ବଜେଟ ସହ ଏହି ସ୍ଥାୟୀ ଜୀବିକା ପଦକ୍ଷେପ ୬୯୫ଟି ପିଜି ଅଧୀନରେ ପ୍ରାୟ ୮୩ ହଜାର ଏସଏଚଜି ସଦସ୍ୟାଙ୍କୁ ବୈଷୟିକ ତାଲିମ ଓ ସହାୟତା ପ୍ରଦାନ କରିବ। ଏହି ପଦକ୍ଷେପ ରାଜ୍ୟରେ ଏହି ନୂତନ ବ୍ଲକଗୁଡ଼ିକରେ ଥିବା ମହିଳା ପିଜି ସଦସ୍ୟାମାନଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୋଗୀ ଉତ୍ପାଦନ ପ୍ରସ୍ତୁତ କରିବା ସହ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କୃଷି ଓ ପଶୁପାଳନ କ୍ଷେତ୍ରରେ ଉନ୍ନତ ଫସଲ ପଦ୍ଧତିର ବ୍ୟବହାର ସହ ଅଂଶଗ୍ରହଣକାରୀ ଏସଏଚଜି ସଦସ୍ୟାଙ୍କ ଆୟକୁ ପ୍ରକଳ୍ପ ଅବଧି ମଧ୍ୟରେ ସ୍ଥାୟୀ ଭାବେ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିବ।

ଏପିସି ପଦକ୍ଷେପ ଅଧୀନରେ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ (ଓଏଲଏମ), ଓଡିଶା ଉଠା ଜଳସେଚନ ନିଗମ (ଓଏଲଆଇସି), ଓଡିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡିଶା କୃଷି ପ୍ରଚାର ଏବଂ ନିବେଶ ନିଗମ ଲିଃ (ଏପିଆଇସିଓଏଲ), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗଗୁଡ଼ିକ ସମେତ ବିଭିନ୍ନ ସରକାରୀ ବିଭାଗଗୁଡ଼ିକର ପ୍ରଚଳିତ ଯୋଜନାଗୁଡ଼ିକ ଏହି ଅଞ୍ଚଳଗୁଡ଼ିକରେ କୃଷକମାନଙ୍କ ପାଇଁ ଜୀବନ ଜୀବିକାର ଭିତ୍ତିଭୂମି ବିକାଶ କରିବାକୁ ଏକତ୍ରିତ କରାଯାଉଛି। ନୂତନ ସ୍ୱାକ୍ଷରିତ ବୁଝାମଣାପତ୍ର କୃଷି ଉତ୍ପାଦନ ପୁଞ୍ଜ (ଏପିସି) ମଡେଲକୁ ଆହୁରି ମଜବୁତ କରିବ ଏବଂ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ଉତ୍ପାଦକ ଗୋଷ୍ଠୀ ଓ ୨୭ଟି ଉତ୍ପାଦକ କମ୍ପାନୀର ପ୍ରୋତ୍ସାହନକୁ ସମର୍ଥନ କରିବ, ଯାହାର ଆନୁମାନିକ ବଜେଟ ୬୨୦୫.୮ ଲକ୍ଷ ଟଙ୍କା ହେବ। ଏହି ପଦକ୍ଷେପର ଲକ୍ଷ୍ୟ ଏହି ନୂତନ ବ୍ଲକଗୁଡ଼ିକରେ ମହିଳା ପିଜି ସଦସ୍ୟଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୁକ୍ତ ଉତ୍ପାଦନ ସ୍ଥାପନ କରିବା। ଏହି କାର୍ଯ୍ୟକ୍ରମରେ କୃଷି ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଵନ କଲ୍ୟାଣ, ମିଶନ ଶକ୍ତି ନିର୍ଦ୍ଦେଶକ ଡକ୍ଟର ମୋନିକା ପ୍ରିୟଦର୍ଶିନୀ ଏବଂ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।

ଫେରିବ ଅସହ୍ୟ ଗରମ

## ୩ ଦିନରେ ୪୦ ଡିଗ୍ରୀ ଟପିବ ତାପମାତ୍ରା



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** କାଳବୈଶାଖୀ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ବଜ୍ରପାତ ସୋମବାର ସୁଦ୍ଧା ଜାରି ରହିଛି। ଫଳରେ ରାଜ୍ୟବାସୀ ଭୀଷଣ ଗରମରୁ ତ୍ରାହି ପାଇବା ସହ ଖରାଦିନରେ ଶୀତ ଋତୁର ଅନୁଭବ ଲାଭ କରିଛନ୍ତି। ଆଜି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। କିନ୍ତୁ ଆଗାମୀ ୩ ଦିନ ଭିତରେ ରାଜ୍ୟବାସୀ ପୁଣିଥରେ ଭୀଷଣ ତାତିର ସମ୍ମୁଖୀନ ହେବେ। କାରଣ ୩ ଦିନ ଭିତରେ ତାପମାତ୍ରାରେ ଯଥେଷ୍ଟ ବୃଦ୍ଧି ଘଟିବ। ଏପରିକି ଏହି ସମୟ ମଧ୍ୟରେ ତାପମାତ୍ରା ୪୦ ଡିଗ୍ରୀକୁ ଟପିଯାଇପାରେ। ଏପରି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କାଳବୈଶାଖୀଜନିତ ବର୍ଷା ଯୋଗୁଁ ୪/୫ ଦିନ ଧରି ଲୋକେ ଅସହ୍ୟ ତାତିରୁ ନିସ୍ତାର ପାଇଥିଲେ ମଧ୍ୟ ରାଜ୍ୟରେ ପୁଣି ଥରେ ଉଷ୍ମ ପାଗ ଫେରିବାକୁ ଯାଉଛି। ତେଣୁ ୩ ଦିନ ପରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେବା ନେଇ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଆଜି ହୋଇଥିବା ପୂର୍ବାନୁମାନ ଅନୁସାରେ, ଆସନ୍ତାକାଲିଠାରୁ ତାପମାତ୍ରାରେ ବୃଦ୍ଧି ଘଟିବ ଓ ଗୁରୁବାର ସୁଦ୍ଧା ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁବ। ଏହାଛଡ଼ା ରାଜ୍ୟର କୌଣସି ସ୍ଥାନ ପାଇଁ ବଜ୍ରପାତ ସତର୍କତା ନ ଥିବାରୁ ୩ ଦିନ ଭିତରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିବାର ସମ୍ଭାବନା ଅଧିକ ରହିଛି। ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରାରେ ୩ରୁ ୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଛଡ଼ା ରାତି ସମୟର ତାପମାତ୍ରା ମଧ୍ୟ ଯଥେଷ୍ଟ ଅଧିକ ରହିବ ବୋଲି ପାଣିପାଗ ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି।

ସେହିପରି ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବଜ୍ରପାତ ହେବା ନେଇ ମଧ୍ୟ ପୂର୍ବାନୁମାନ କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଏଥି ମଧ୍ୟରୁ ହିଞ୍ଜିଳିରେ ସର୍ବାଧିକ ୫ ସେମି ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୭.୩ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ରାଜ୍ୟର ସମତଳ ଭୂମିର ଅନୁଗୁଳରେ ସର୍ବନିମ୍ନ ତାପମାତ୍ରା ୧୭.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।



# ବିଧାନସଭା ଖବର

## ସିଏସ୍‌ପି ପ୍ଲସ ବ୍ୟାଙ୍କିଂ ଆଉଟ୍‌ଲେଟ୍ ପାଇଁ ୨୩୯ କୋଟି ବ୍ୟୟ

**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସ୍‌ପି ପ୍ଲସ ବ୍ୟାଙ୍କିଂ ଆଉଟ୍‌ଲେଟ୍ କାର୍ଯ୍ୟ କରୁଛି । ଏ ବାବଦରେ ୨୩୯ କୋଟି ଟଙ୍କାର ବ୍ୟୟ ହୋଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ ୨୦୨୩ ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ମନ୍ତ୍ରୀମଣ୍ଡଳୀର ୬୩ତମ ବୈଠକରେ ରାଜ୍ୟ ସରକାର ସମସ୍ତ ବ୍ୟାଙ୍କ ବିହୀନ ପଞ୍ଚାୟତରେ ସିଏସପି ପ୍ଲସ ବ୍ୟାଙ୍କିଂ ଆଉଟଲେଟ୍ ମାଧ୍ୟମରେ ବ୍ୟାଙ୍କ୍ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ ଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୭୪୨ଟି ସିଏସ୍‌ପି ପ୍ଲସ ବ୍ୟାଙ୍କିଂ ଆଉଟ୍‌ଲେଟ୍ କାର୍ଯ୍ୟ କରୁଛି ଏବଂ ଆଗାମୀ ଦିନରେ ଆଉ ୧୬୩୧ଟି ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ଯୋଜନାରେ ସର୍ବାଧିକ ୨୫୬ଟି ସିଏସପି ପ୍ଲସ ବ୍ୟାଙ୍କିଂ ଆଉଟଲେଟ୍ ଗଞ୍ଜାମ ଜିଲ୍ଲାରେ ଖୋଲାଯାଇଥିବାବେଳେ ମୟୁରଭଞ୍ଜରେ ୨୦୮ଟି, କଟକରେ ୧୮୨ଟି, ସୁନ୍ଦରଗଡରେ ୧୮୦ଟି, କୋରାପୁଟରେ ୧୪୯ଟି, ଯାଜପୁରରେ ୧୪୮ଟି, ବରଗଡରେ ୧୪୬ଟି, ବାଲେଶ୍ୱରରେ ୧୨୯ଟି ଖୋଲିଛି। ସବୁଠାରୁ କମ୍ ମାତ୍ର ୭ଟି ଆଉଟଲେଟ୍ ବୌଦ୍ଧ ଜିଲ୍ଲାରେ ଖୋଲିଥିବାବେଳେ ଦେବଗଡରେ ୧୨ଟି ପ୍ରତିଷ୍ଠା ହୋଇଛି ।

## ୧୦ ବର୍ଷରେ ରାଜ୍ୟରେ ୩୬୨୩ ଦୁର୍ନୀତି ନିବାରଣ ମାମଲା ରୁଜୁ

୨୦୧୪ ମସିହା ଶେଷ ସୁଦ୍ଧା ରାଜ୍ୟରେ ୩୦୩୭ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଥିଲା । ଏହା ପରଠାରୁ ଚଳିତବର୍ଷ ଫେବୃୟାରୀ ଶେଷ ମଧ୍ୟରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ୩୬୨୩ଟି ମାମଲା ରୁଜୁ କରିଛି । ଦୁର୍ନୀତି ନିବାରଣ ମାମଲା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪ ମସିହାରୁ ଏଯାବତ୍ ୨୩୫୩ଟି ମାମଲାର ଫଏସଲା ହୋଇଛି। ଏଥି ମଧ୍ୟରୁ ୯୩୯ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୧୦୫୩ଟି ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି। ଏବେ ରାଜ୍ୟରେ ସର୍ବମୋଟ୍ ୩୭୮୪ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଛି । ଉତ୍ତରରେ ଦର୍ଶାଯାଇଛି ୨୦୧୬ ମସିହାରେ ରାଜ୍ୟରେ ସର୍ବାଧିକ ୫୭୫ ଟି ଦୁର୍ନୀତି ନିବାରଣ ମାମଲା ରୁଜୁ ହୋଇଥିବାବେଳେ ୨୦୧୭ ମସିହାରେ ମାମଲା ସଂଖ୍ୟା ୫୦୪ ରହିଥିଲା । ୨୦୨୦ ରେ ରୁଜ ମାମଲା ସଂଖ୍ୟା ୨୪୫ ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ଥିଲା ୨୧୧। ସେହିଭଳି ୨୦୧୭ଟି ସର୍ବାଧିକ ୨୮୯ଟି ମାମଲାର ଫଏସଲା ହୋଇଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୨୮୮ ଥିଲା । ଏହିବର୍ଷ ସର୍ବାଧିକ ୧୨୪ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୧୨୬ଜଣ ଦୋଷମୁକ୍ତ ହୋଇଥିଲେ । ୨୦୨୪ରେ ୧୦୫ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୧୩୩ଜଣ ଦୋଷମୁକ୍ତ ହୋଇଥିଲେ ।

## ଘରୋଇ ଡାକ୍ତରଖାନାରେ ସିଜରିଆନ ଶିଶୁ ସଂଖ୍ୟା ଅଧିକ

୨୦୨୩-୨୪ ମସିହାରେ ଘରୋଇ ଡାକ୍ତରଖାନାରେ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିବାବେଳେ ଘରୋଇ ଡାକ୍ତରଖାନାରେ ଏହିହାର ୮୧.୦୬ ପ୍ରତିଶତ ରହିଛି । ରାଜ୍ୟରେ ଜନ୍ମିତ ଶିଶୁମାନଙ୍କ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ସୂଚନାରୁ ଏହା ଜଣାପଡିଛନ୍ତି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ବର୍ଷରେ ସରକାରୀ ଡାକ୍ତରରେ ୪,୫୧,୦୫୯ ଜଣ ପିଲା ଜନ୍ମ ହୋଇଥିବାବେଳେ ଏମାନଙ୍କ ମଦ୍ୟରୁ ୮୧,୮୯୦ ଅର୍ଥାତ୍ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିଲେ । ସାଧାରଣ ପ୍ରସବ ଶିଶଙ୍କ ହାର ଥିଲା ୮୧.୮୨ ପ୍ରତିଶତ। ସେହି ସମୟରେ ଘରୋଇ ଡାକ୍ତରଖାନାରେ ମୋଟ୍ ୧,୪୦,୧୨୬ ଜଣ ଶିଶୁ ଜନ୍ମ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୧୩,୫୮୯ ଜଣ ଅର୍ଥାତ୍ ୮୧.୦୬ ପ୍ରତିଶତ ସିଜରିଆନ ପ୍ରଣାଳୀରେ ଜନ୍ମ ହୋଇଥିବାବେଳେ ୨୬,୫୨୮ ଜଣ ଅର୍ଥାତ୍ ୧୮.୯୩ ପ୍ରତିଶତ ସାଧାରଣ ପ୍ରସବ ଦ୍ୱାରା ଜନ୍ମ ନେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୨-୨୩ ବର୍ଷ ଅର୍ଥାତ୍ ୦୧.୦୯.୨୦୨୨ ରୁ ୩୧.୦୮.୨୦୨୩ ମଧ୍ୟରେ ରାଜ୍ୟରେ ୬୩,୭୭୦ ଜଣ ଶିଶୁ ସିଜରିଆନ ପ୍ରଣାଳୀରେ ଜନ୍ମଗ୍ରହଣ କରିଥିବାବେଳେ ୨୦୨୩-୨୪ ବର୍ଷର ଏହି ସମୟରେ ସିଜରିଆନ ଜନ୍ମିତ ଶିଶୁଙ୍କ ସଂଖ୍ୟା ଥିଲା ୭୮,୨୧୧ ଏବଂ ଚଳିତ ଆର୍ଥବର୍ଷରେ ୦୧.୦୯.୨୦୨୪ ରୁ ୧୮.୦୩.୨୦୨୫ ମଧ୍ୟରେ ରାଜ୍ୟରେ ୪୫,୫୪୮ ଜଣ ସିଜରିଆନ ଶିଶୁ ଜନ୍ମ ନେଇଛନ୍ତି । ଉପରୋକ୍ତ ସମସ୍ତ ଜନ୍ମିତ ସମସ୍ତ ଶିଶୁଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବ୍ୟବହାର ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ।

## ଇଣ୍ଟରନେଟ୍‌ରୁ ବଞ୍ଚିତ ୭୬୪ ପଞ୍ଚାୟତ

ଅଦ୍ୟାବିଧି ରାଜ୍ୟର ୭୬୪ଟି ଗ୍ରାମପଞ୍ଚାୟତରେ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଟ୍ ସେବା ନାହିଁ। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନରେ ଗୃହରେ ଏହି ତଥ୍ୟ ରଖିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଗାଁକୁ ମୋବାଇଲ୍ ଓ ନେଟୱର୍କ ଯୋଗାଇବା ପାଇଁ ଡିଜିଟାଲ୍ ଭାରତ ନିଧି ଯୋଜନା ଅଧିନରେ ୪ଜି ସାଚ୍ୟୁରେସନ୍ ପ୍ରକଳ୍ପ ମାଧ୍ୟମକେ ମୋଟ ୪୨୭୭ଟି ଟାୱାର ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିରୁ ୨୦୮୫ ଟାୱାର୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମୋବାଇଲ୍ ନେଟୱର୍କ ମିଳୁଛି। ବାକି ରହିଥିବା ୨୧୯୨ ଟାୱାର ଜୁନ୍-୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଗଲେ ରାଜ୍ୟର ପ୍ରାୟ ସମସ୍ତ ଗ୍ରାମକୁ ମୋବାଇଲ୍ ନେଟୱର୍କ ସୁବିଧା ଉପଲବ୍ଧ ହେବ ବୋଲି କହିଛନ୍ତି ମନ୍ତ୍ରୀ । ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ, ରାଜ୍ୟର ୧୬୭ ବ୍ଲକର ୭୬୪ଟି ପଞ୍ଚାୟତରେ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଣ୍ଟ ନାହିଁ । କନ୍ଧମାଳ ଜିଲ୍ଲାର ସର୍ବାଧିକ ୧୩ ବ୍ଲକର ୧୦୬ ପଞ୍ଚାୟତ, ରାୟଗଡ଼ା ଜିଲ୍ଲାର ୧୨ ବ୍ଲକର ୮୩ ପଞ୍ଚାୟତ, କୋରାପୁଟ ଜିଲ୍ଲାର ୧୪ ବ୍ଲକର ୮୧ ପଞ୍ଚାୟତ, ଗଜପତି ଜିଲ୍ଲାର ୮ ବ୍ଲକର ୭୨ ପଞ୍ଚାୟତ, କଳାହାଣ୍ଡି ଜିଲ୍ଲାର ୯ ବ୍ଲକର ୬୨ ପଞ୍ଚାୟତ, ମାଲକାନଗିରିର ୮ ବ୍ଲକର ୫୦ ପଞ୍ଚାୟତରେ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଟ ନାହିଁ ।

## ସରକାରଙ୍କୁ ଗ୍ରୁପ୍ 'ଡି' କର୍ମଚାରୀଙ୍କ କୃତଜ୍ଞତା

**ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ):** ଗ୍ରୁପ୍ 'ଡି' ବର୍ଗର କର୍ମଚାରୀ ସଂଘ ତରଫରୁ ସରକାରଙ୍କ ନିକଟରେ ଉପସ୍ଥାପିତ ମୃତ୍ୟୁବରଣ କରୁଥିବା ସରକାରୀ କର୍ମଚାରୀ ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ପରିବାରରୁ ଜଣକୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଥା ତା ୧୭.୦୨.୨୦୨୦ରିଖି ନିର୍ଦ୍ଦେଶନାମାକୁ ରାଜ୍ୟର ନୂତନ ସରକାର ଉଚ୍ଛେଦ ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ପାରିତ କରିଥିବା ଯୋଗୁଁ ରାଜ୍ୟରେ ଗ୍ରୁପ୍ 'ଡି' ବର୍ଗର କର୍ମଚାରୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି । ସେଥିପାଇଁ ରାଜ୍ୟସଂଘ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ସଭାପତି ଶ୍ରୀ ଗଙ୍ଗାଧର ସ୍ୱାଇଁ, ସାଧାରଣ ସମ୍ପାଦକ ଶ୍ରୀ ଶ୍ୟାମ ସୁନ୍ଦର ଦାସ, ଉପସଭାପତି ଶ୍ରୀ ରୋହିତ କୁମାର ବାରିକ, କାର୍ଯ୍ୟାଳୟ ସମ୍ପାଦକ ଶ୍ରୀ ରୋହିତ କୁମାର ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ଭାଇ ଓ ଭଉଣୀ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

## ୭ ମାସ ପାଇଁ ସମୁଦ୍ରରେ ମାଛମରା ମନା

**କେନ୍ଦ୍ରାପଡା, ୨୪।୩ (ସଂଚାର ବ୍ୟୁରୋ):** ନିଷିଦ୍ଧାଞ୍ଚଳକୁ ପ୍ରବେଶ ବାରଣ ସତ୍ତ୍ୱେ ବି ମାନୁନାହାନ୍ତି ମତ୍ସ୍ୟଜୀବୀ । ସମୁଦ୍ରର ନିଷିଦ୍ଧାଞ୍ଚଳକୁ ଯାଇ ଚଳିତବର୍ଷ ବନବିଭାଗ ଦ୍ୱାରା ଗିରଫ ହେଲେଣି ୨୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ । ନିୟମ ଥିଲେ ବି କାହିଁକି ମାନୁନାହାନ୍ତି ଏମାନେ । ଯାହାକୁ ନେଇ ଉଠିଛି ପ୍ରଶ୍ନବାଚୀ । ଅଲିଭ୍ ରିଡ୍‌ଲେଙ୍କ ଏକୁଡ଼ିଶାଳ ଭାବେ ୧୪୩୭ ବର୍ଗ କି.ମି. ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏ ୧୬୦ କି.ମି. ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ମାନଙ୍କ ପାଇଁ ଲାଗିଥାଏ କଟକଣା । ନଭେମ୍ବର ୧ ତାରିଖରୁ ମେ ୩୧ ଯାଏ ୭ ମାସ ଧରି ନିଷିଦ୍ଧାଞ୍ଚଳ ମଧ୍ୟରେ ମାଛଧରା ଓ ଟ୍ରଲର ଚଳାଚଳ ବନ୍ଦ ରହିବା ପାଇଁ ନିୟମ ରହିଥାଏ । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ତେବେ ଅଲିଭ ରିଡଲେ କଇଁଛ ଋତୁ ନିମନ୍ତେ ବିଭାଗ ପକ୍ଷରୁ ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦କି.ମି. ପର୍ଯ୍ୟନ୍ତ ଯନ୍ତ୍ରଚାଳିତ ଟ୍ରଲର,ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହ ମାଛଧରା ଉପରେ କଟକଣା ଜାରି କରାଯାଇଥାଏ।

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

# ଖାଉଟି ସଚେତନ ହେଲେ ଠକେଇ କମିବ: ମନ୍ତ୍ରୀ



**ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ):** ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଆଜି ପାଳିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏହି ଦିବସର ଶୀର୍ଷକ 'ନିରନ୍ତର ଜୀବନ ଶୈଳୀକୁ ଏକ ନ୍ୟାୟିକ ପରିବର୍ତ୍ତନ' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଉଟିମାନେ ସଚେତନ ହେଲେ ଠକେଇର ଶିକାର ହେବା ସମ୍ଭାବନାକୁ ଦୂରେଇ ଦିଆଯାଇପାରିବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ସଚେତନ ଖାଉଟି ସଶକ୍ତ ସମାଜ ଗଠନରେ ସହାୟକ ହୋଇପାରିବେ। ଯଦି କୌଣସି ଖାଉଟି ଠକେଇର ଶିକାର ହୁଅନ୍ତି, ତେବେ ଏଥିପାଇଁ ଉଦ୍ଦିଷ୍ଟ ଫୋରମ୍‌ରେ ଅଭିଯୋଗ କରିପାରିବେ। ଏଥିପାଇଁ ବ୍ଲକ୍ ଓ ଜିଲ୍ଲା ସ୍ତରରେ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏଥିନିମନ୍ତେ ଅଧିକାରୀମାନେ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପରିବର୍ତ୍ତିତ ସମୟ ସହ ବଜାର ଓ ଖାଉଟିର ସଂଜ୍ଞାରେ ବ୍ୟାପକ ପରିବର୍ତ୍ତନ ହୋଇଥିବା କହିଛନ୍ତି। ତାଙ୍କ କହିବା କଥା ଯେ ପ୍ରାଚୀନକାଳରୁ ପ୍ରଚଳିତ ବାଣିଜିକ ପରମ୍ପରାରେ ଖାଉଟି ଓ ବେପାରୀ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଥିବା ବେଳେ ଆବଶ୍ୟକ ପଡ଼ିଲେ ଖାଉଟିମାନେ ସଂପୃକ୍ତ ବିକ୍ରେତାଙ୍କ ସହ କ୍ରୟ ସାମଗ୍ରୀ ସମ୍ପର୍କରେ ଆଲୋଚନା କରିପାରୁଥିଲେ। ପରେ ପରେ ବିଭିନ୍ନ ମଲ୍ ଓ ଏବେ ଅନ୍‌ଲାଇନ୍ ମାଧ୍ୟମରେ ସାମଗ୍ରୀ ବିକ୍ରି ହେଉଛି। ଏହାଦ୍ୱାରା ବିକ୍ରେତା ଓ ଖାଉଟି ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ରହୁନାହିଁ। ଏଥିନିମନ୍ତେ ଖାଉଟିମାନେ ସଚେତନ ହୋଇ ସେମାନଙ୍କ ନିର୍ଦ୍ଦିଷ୍ଟ ସାମଗ୍ରୀ କ୍ରୟ କରିବାର ଆବଶ୍ୟକତା ରହିଛି। କୌଣସି ଖାଉଟି ଠକେଇର ଶିକାର ହେଲେ ଏଥିନିମନ୍ତେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ଖାଉଟି ବିବାଦର ସମାଧାନ କେନ୍ଦ୍ରର ସହଯୋଗ ଲୋଡ଼ିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି।

ମୁଖ୍ୟବକ୍ତା ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ତଥା ମୁଖ୍ୟ ଏ.କେ. ପୁରୋହିତ କହିଛନ୍ତି ଯେ ଖାଉଟିମାନେ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି। ସକାଳର ଶଯ୍ୟା ତ୍ୟାଗଠାରୁ ଆରମ୍ଭ କରି ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ପ୍ରତି ମଣିଷ ବିଭିନ୍ନ ଉତ୍ପାଦ ବ୍ୟବହାର କରିଥାଏ। ସେଗୁଡ଼ିକର ଗୁଣବତ୍ତା ସମ୍ପର୍କରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ନରହିଲେ ଖାଉଟିମାନେ ପ୍ରତି ମୁହୂର୍ତ୍ତରେ ଠକେଇର ଶିକାର ହେବା ଆଶଙ୍କା ରହିଛି। ଏଥିନିମନ୍ତେ ଉପଭୋକ୍ତା ପରାମର୍ଶ କେନ୍ଦ୍ର ସହ ଯୋଗାଯୋଗ କରି ଖାଉଟିମାନେ ଉକ୍ତ ସାମଗ୍ରୀର ମାନକ ସମ୍ପର୍କରେ ଜାଣିପାରିବେଓ ନିଜର ନ୍ୟାଯ୍ୟ ଅଧିକାର ପାଇବା ପାଇଁ ଖାଉଟି ସଶକ୍ତିକରଣ ନିମନ୍ତେ ଉପଭୋକ୍ତାମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସୁବିଧାସୁଯୋଗର ଫାଇଦା ଉଠାଇପାରିବେ ବୋଲି ଶ୍ରୀ ପୁରୋହିତ କହିଛନ୍ତି।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି କୃଷ୍ଣଚନ୍ଦ୍ର ରଥ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିଥିଗଣ ଫେବୃଆରୀର 'ନ୍ୟୁଜ ଲେଟର' ଉନ୍ମୋଚନ କରିବା ସହ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭାଗ ପକ୍ଷରୁ ସରୋଜ କୁମାର ପଣ୍ଡାଙ୍କ ରଚିତ ଓ ଅନନ୍ତ କିଶୋର ସାହୁଙ୍କ ନିର୍ଦ୍ଦେଶନାରେ ସଚେତନ ଗ୍ରାହକ ଓ ସଶକ୍ତ ସମାଜ ଗଠନ ଉପରେ ଏକ ନାଟକ ପରିବେଷିତ ହୋଇଥିଲା। ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଖାଉଟି ବ୍ୟାପାର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଛନ୍ତି।

## ୮୪ଟି ନକଲି ମେଡିସିନ୍ ଚିହ୍ନଟ ହୋଇଛି



**ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ସବୁ ମିଳୁଛି ନକଲି। ପୂଜା ଘିଅଠାରୁ ଆରମ୍ଭ କରି ଗାଡ଼ି ଇଞ୍ଜିନ ଅଏଲ ସବୁ ନକଲି। ଏବେ ଲୋକମାନଙ୍କର ଜୀବନ ରକ୍ଷା ପାଇଁ ନକଲି ଔଷଧ ମଧ୍ୟ ମିଳୁଥିବା ଜଣା ପଡିଛି। ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଗତ ୩ ବର୍ଷରେ ୧୩ ହଜାର ୫୨ଟି ନମୂନା ପରୀକ୍ଷଣ କରାଯାଇଥିଲା। ସେଥିରୁ ୮୪ଟି ମେଡିସନ୍ ନକଲି ଥିବା ଚିହ୍ନଟ ହୋଇଛି। ଏହି ନକଲି ମେଡିସନ୍ ନେଇ ୧୦୭ ମାମଲା, ୧୫ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ୩ ବର୍ଷ ମଧ୍ୟରେ ୩,୪୬୨ଟି ଚଢ଼ାଉ କରାଯାଇଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ନକଲି କିମ୍ବା ନକଲି ଔଷଧର ଏକ ବଡ଼ ବୃଦ୍ଧି ଘଟିଛି, ଯାହା ଅନେକ ରୋଗୀଙ୍କ ଜୀବନକୁ ବିପଦରେ ପକାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କୋଲକାତା ଏବଂ ହାଇଦ୍ରାବାଦ ଭଳି ଅନ୍ୟ ସ୍ଥାନରୁ ନକଲି ଔଷଧ ଯୋଗାଣ କରାଯାଇଥିଲା।

ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଦ୍ୱାରା କିଣାଯାଇଥିବା ୧୦୩ଟି ଔଷଧ ନିମ୍ନମାନର ବୋଲି ଜଣାପଡ଼ିଛି ଏବଂ ଗତ ୩ ବର୍ଷ ମଧ୍ୟରେ ୪ଟି ଯୋଗାଣକାରୀଙ୍କୁ କଳାତାଲିକାଭୁକ୍ତ କରାଯାଇଛି। "୨୦୨୨-୨୩ ଆର୍ଥିକ ବର୍ଷରେ ଜିଙ୍କ ସଲଫେଟ୍, ସୋଡିୟମ୍ ଲାକ୍ଟେଟ୍ ସମେତ ମୋଟ ୪୫ଟି ଟାବଲେଟ୍ ଏବଂ ରିଙ୍ଗର୍ସ ଲାକ୍ଟେଟ୍ ନିମ୍ନମାନର ଘୋଷଣା କରାଯାଇଥିଲା, ୨୦୨୩-୨୪ ଆର୍ଥିକ ବର୍ଷରେ ୩୨ଟି ଔଷଧ ନକଲି ବୋଲି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୨୬ଟି ନକଲି ଔଷଧ ନକଲି ବୋଲି ଡାକ୍ତର ମହାଲିଙ୍ଗ କହିଛନ୍ତି।" ରାଜ୍ୟରେ ନକଲି ଔଷଧ ଯୋଗାଣ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ, ସରକାର ଏପର୍ଯ୍ୟନ୍ତ ଚାରିଟି ଯୋଗାଣକାରୀଙ୍କୁ କଳାତାଲିକାଭୁକ୍ତ କରିଛନ୍ତି। କଳାତାଲିକାଭୁକ୍ତ ଔଷଧ ସଂସ୍ଥାଗୁଡ଼ିକ ହେଲେ ଲା କେମିକୋ ପ୍ରାଇଭେଟ୍ ଲିମିଟେଡ୍ , କୋଲକାତା; ସ୍ୱରୂପ ଫାର୍ମାସ୍ୟୁଟିକାଲ ପ୍ରାଇଭେଟ ଲିମିଟେଡ, ଉତ୍ତର ପ୍ରଦେଶ; ଆଇଭସ୍ ଡ୍ରଗ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ମଧ୍ୟପ୍ରଦେଶ; ଏବଂ ଆଲାଏନ୍ସ ବାୟୋଟେକ, ହାଇଦ୍ରାବାଦ, ବୋଲି ସେ କହିଛନ୍ତି।

## ବର୍ତ୍ତିପାରିବେନି ଫେରାର ଅପରାଧୀ, ଆତ୍ମସମର୍ପଣ ନକଲେ ସମ୍ପତ୍ତି ଜବତ



**ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ):** ବର୍ତ୍ତିପାରିବେନି ଫେରାର ଅପରାଧୀ । ଆତ୍ମସମର୍ପଣ ନକଲେ ସମ୍ପତ୍ତି ଜବତ । ଫେରାର ଅପରାଧୀଙ୍କ ନାଁରେ କଡ଼ା ଆଭିମୁଖ୍ୟ ନେଇଚି କମିଶନରେଟ ପୋଲିସ । ସେମାନଙ୍କ ବିରୋଧରେ ଲଟକା ଲଗାଉଛି ପୋଲିସ । ଯେଉଁ ମାନେ ପେସାଦାର ଅପରାଧୀ, ସେମାନଙ୍କ ତାଲିକା ପ୍ରସ୍ତୁତ ହୋଇଛି । ଅପରାଧୀଙ୍କୁ ଆତ୍ମସମର୍ପଣ ପାଇଁ ପୋଲିସ ସୁଯୋଗ ଦେଉଛି। ସେଥିରେ ଖିଲାପ ହେଲେ ସେମାନଙ୍କ ମୂଲ୍ୟବାନ ସମ୍ପତ୍ତି ଜବତ କରାଯିବ ବୋଲି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି ।

# ସଂରକ୍ଷଣ ଆଇନ୍‌ରେ ହେଉନି ଆବଶ୍ୟକ ସଂଶୋଧନ

**ଭୁବନେଶ୍ୱର,୨୪।୩:** ସରକାରୀ ଚାକିରିରେ ପ୍ରତ୍ୟକ୍ଷ ନିଯୁକ୍ତି, ପଦୋନ୍ନତି ଓ ବରିଷ୍ଠତା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ରାୟ ଆଧାରରେ ସରକାର ସଂରକ୍ଷଣ ଆଇନ୍‌ରେ ଆବଶ୍ୟକୀୟ ସଂଶୋଧନ ଆଣୁନଥିବାରୁ ବହୁ ପଦ ପଦବୀ ଖାଲି ରହୁଛି ଏବଂ ଏଥିଯୋଗେ ଆଇନ୍ ଅଦାଲତରେ ମାମଲାର ଚାପ ବଢୁଥିବାବେଳେ ସଂରକ୍ଷିତବର୍ଗର ଅନେକ କର୍ମଚାରୀ ବର୍ଷ ବର୍ଷ ଧରି ପଦୋନ୍ନତି ନପାଇ ଚାକିରିରୁ ଅବସରଗ୍ରହଣ କରୁଛନ୍ତି।

ଅଣସଂରକ୍ଷିତ ପଦବୀ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ ଏବଂ ଏସସି, ଏସଟି, ଏସଇବିସି ସମେତ ଅନ୍ୟ ସଂରକ୍ଷିତବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ଆସନରେ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ପାଇପାରିବେ ବୋଲି ବାରମ୍ବାର ଅଦାଲତ ସ୍ପଷ୍ଟ କରୁଥିଲେ ମଧ୍ୟ ସଂରକ୍ଷଣର ଆଇନ୍‌ଗତ ବ୍ୟବସ୍ଥା ପ୍ରାୟ ୩୦ ବର୍ଷ ଧରି ଅତି ଗୋଳମାଳିଆ ଅବସ୍ଥାରେ ରହିଥିବାରୁ ମାମଲା ପରେ ମାମଲା ବଢ଼ି ଚାଲୁଛି।ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ କ୍ଷେତ୍ର ଦପ୍ତରମାନଙ୍କୁ ସ୍ପଷ୍ଟୀକରଣ ଓ ମାର୍ଗଦର୍ଶନ ଦେବା ସହିତ ନିଜ ନିଷ୍ପତ୍ତିକୁ ନିଜେ ବାରମ୍ବାର ବଦଳାଉଥିବାରୁ ପ୍ରାୟ ୩୦ବର୍ଷ ଧରି ଏଭଳି ଗୋଳମାଳିଆ ଅବସ୍ଥା ଲାଗି ରହିଥିବା କୁହାଯାଉଛି । ବିଶେଷକରି ସଂରକ୍ଷଣସୀମା ଚାକିରି କ୍ଷେତ୍ରରେ ୫୦ ପ୍ରତିଶତକୁ ଟପିବନାହିଁ ବୋଲି ଯେଉଁ ଆଇନ୍‌ଗତ ବ୍ୟବସ୍ଥା ରହିଛି ତାହାର ତ୍ରୁଟିପୂର୍ଣ୍ଣ ତର୍ଜମା ଯୋଗୁଁ ଏଭଳି ସମସ୍ୟା ଲାଗି ରହୁଥିବା କୁହାଯାଉଛି। ପୂର୍ବ ବିଭାଗରେ ଏହି ବିବାଦ ଯୋଗୁଁ ପ୍ରାୟ ୩ଶହ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ ହୋଇପାରୁନାହିଁ । ଗତବର୍ଷ ସେପ୍ଟେମ୍ବର ୪ତାରିଖରେ ଏଥିପାଇଁ ବିଭାଗୀୟ ପଦୋନ୍ନତି କମିଟି ସୁପାରିଶ୍ କରିଥିବାବେଳେ ପରବର୍ତ୍ତୀ ସମୟରେ ତାହାକୁ ବାତିଲ କରାଯାଇ ଚଳିତ ମାସ ୬ତାରିଖରେ ଆଉ ଏକ ବିଭାଗୀୟ ପଦୋନ୍ନତି କମିଟି ବସିଥିଲା । ଡିପିସିର ସୁପାରିଶ କାର୍ଯ୍ୟକାରୀ ହେବା ପୂର୍ବରୁ ପଦୋନ୍ନତି ଉପରେ ଆଇନ୍ ଅଦାଲତ ରୋକ ଲଗାଇବାରୁ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟ କେତେକ ବିଭାଗରେ ବି ଏଭଳି ସସସ୍ୟା ଉପୁଜୁଛି । ତେବେ ମୂଳ ସମସ୍ୟାର ସମାଧାନ କରାନଯାଇ ସର୍କୁଲାର ପରେ ସର୍କୁଲାର ଜାରି କରାଯିବା ଫଳରେ ସମସ୍ୟା ବଢ଼ିବା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି । ଗତବର୍ଷ ମଇ ୬ତାରିଖରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପଦୋନ୍ନତି ସଂକ୍ରାନ୍ତରେ ଜାରି କରିଥିବା ମାର୍ଗନିର୍ଦ୍ଦେଶିକାକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କରିନିଆଯାଇଥିଲା । ତେବେ ଗତ ଫେବୃଆରୀ ମାସରେ ସମ୍ପୃକ୍ତ ବିଭାଗ ପୂର୍ବର ପ୍ରତ୍ୟାହୃତ ବିଜ୍ଞପ୍ତିକୁ ଆଉଥରେ ପ୍ରତ୍ୟାହାର କରିନେଇ ୨୦୨୪ ମଇ ୬ତାରିଖର ମାର୍ଗ ନିର୍ଦ୍ଦେଶିକା ବଜାୟ ରହିବ ବୋଲି ଉଲ୍ଲେଖ କରିବାରେ ବିଭିନ୍ନ ବିଭାଗରେ ପଦୋନ୍ନତି ଘେନି ବିବାଦ ଲାଗି ରହିବାରୁ ଅନିଶ୍ଚିତତା ଉପୁଜିଛି । ଆଇନ୍ ବିଭାଗ ରାଜ୍ୟ ସରକାରଙ୍କୁ ଦେଇଥିବା ଉପଦେଶରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ଅଣସଂରକ୍ଷିତ ପଦବୀଗୁଡିକ ସବୁ ବର୍ଗଙ୍କ ପାଇଁ ଖୋଲା ରହିଛି । କେବଳ ସେତିକି ନୁହେଁ, ସଂରକ୍ଷିତବର୍ଗର ବରିଷ୍ଠ ପ୍ରାର୍ଥୀମାନେ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାରରେ ଅଣସଂରକ୍ଷିତ ଆସନକୁ ପଦୋନ୍ନତି ପାଇବାରେ ପ୍ରତିବନ୍ଧକ ନାହିଁ। ଲଳିତ ମୋହନ ନାୟକ ମାମଲାରେ ଓଡିଶା ହାଇକୋର୍ଟ ମଧ୍ୟ ଏହା ସ୍ପଷ୍ଟ କରିଦେଇଛନ୍ତି। ଏହା ସତ୍ତ୍ୱେ ୧୯୯୨ରୁ ଏପର୍ଯ୍ୟନ୍ତ ଇନ୍ଦ୍ରା ସାୱାନୀ, ଆର.କେ. ସଭରୱାଲ, ବୀରପା ଲ୍‌ସିଂ ଚୌହାନ, ଏମ. ନାଗରାଜ, ଅଜିତ୍ ସିଂହ, ଅମର ଛାଟୋଇ, ଜର୍ଣ୍ଣେଲ ସିଂହ, ପ୍ରଭାକର ମଲ୍ଲିକ, ଅଖିଳ ଭାରତୀୟ ଶୋଷିତ କର୍ମଚାରୀ ସଂଘ ଆଦି ମାମଲାରେ ଥିବା ରାୟଗୁଡିକ ଆଧାରରେ ସଂରକ୍ଷଣ ଆଇନ୍‌ରେ ସଂଶୋଧନ ଅଣାଯାଉନଥିବାରୁ ଏଭଳି ସମସ୍ୟା ଲାଗି ରହୁଛି। (ତଥ୍ୟ)

ଛତୁଆ ଖାଇ ୨ ଶିଶୁଙ୍କ ମୃତ୍ୟୁ ଘଟଣା

## ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲାରେ ବିଷାକ୍ତ ଛତୁଆ ଖାଇ ୨ ଜଣ ଶିଶୁ ମୃତ୍ୟୁବରଣ କରିଥିବା ବେଳେ ଏହି ମାମଲାରେ ବିରୋଧୀ ବିଜେଡି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଜପତି ଜିଲ୍ଲାରେ ଅଙ୍ଗନବାଡ଼ି ଛତୁଆ ଖାଇ ୨ ଭଉଣୀ ମୃତ୍ୟୁବରଣ କରିଥିବା ବେଳେ ଆଉ ଦୁଇ ଜଣ ହସ୍ପିଟାଲ୍‌ରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଏହି ଘଟଣା ପ୍ରମାଣିତ କରିଛି ଯେ ପିଲାମାନଙ୍କୁ ଦିଆଯାଉଥିବା ଛତୁଆ ଖାଦ୍ୟ ଉପଯୋଗୀ ନୁହେଁ ଓ ଏହା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ରାଜ୍ୟରେ ନୂଆ ସରକାର ଆସିବାର ୯ ମାସ ଭିତରେ ୧୬୦୦ରୁ ଉର୍ଦ୍ଧ୍ୱ ମହିଳା ଅପରାଧର ଶିକାର ହୋଇଥିଲେ ହେଁ ଦଳର ମନ୍ତ୍ରୀ ଓ ବିଧାୟକମାନେ କେବଳ ଆତ୍ମପ୍ରଚାରରେ ବ୍ୟସ୍ତ ଅଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

SANCHAR
ସଂଚାର

୪ | ମଙ୍ଗଳବାର ୨୫ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Tuesday 25 March 2025 | Bhubaneswar


# ଅର୍ଥନୈତିକ ଅଭିବୃଦ୍ଧିରେ ସଫଳତା

ଦୁଇ ବର୍ଷ ତଳେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ମାନ୍ୟତା ପାଇଥିଲା। ଏବେ ଷ୍ଟାନଲେ-ମୋର୍ଗାନ ପକ୍ଷରୁ ଆକଳନ କରାଯାଇଛି ଯେ, ୨୦୨୮ ସୁଦ୍ଧା ଭାରତ ଜାପାନ ଏବଂ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ଯଦି ଏହା ସଠିକ ପ୍ରମାଣିତ ହୁଏ ତେବେ ଏହା କମ ବଡ଼ ସଫଳତା ହେବନି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନୀତି ଏବଂ ଦୃଢ଼ତାକୁ ପ୍ରଶଂସା କରିବାକୁ ହେବ। ଏବେ ଭାରତର ଅର୍ଥନୀତି ପାକାପାକି ୪ ଟ୍ରିଲିୟନ ଡଲାର ରହିଛି। ୨୦୨୫ ସୁଦ୍ଧା ଏହା ୫ ଟ୍ରିଲିୟନ ଡଲାର ଛୁଇଁବା ଲକ୍ଷ୍ୟ ଥିଲା। କିନ୍ତୁ କୋଭିଡ ମହାମାରୀ ଏବଂ ପରବର୍ତ୍ତୀ ସମୟରେ ଦୁଇ ଦୁଇଟି ଯୁଦ୍ଧ ଯୋଗୁ ଭାରତର ଅର୍ଥନୀତି ଲକ୍ଷ୍ୟ ସ୍ଥଳରେ ପହଂଚି ପାରିଲା ନାହିଁ। କିନ୍ତୁ ତଥାପି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ବିଶ୍ୱରେ ଦ୍ରୁତତମ ହୋଇଛି। ଏହା କିଛି କମ ସଫଳତା ନୁହେଁ। କିନ୍ତୁ ଏତିକିରେ ସନ୍ତୁଷ୍ଟ ହେବାର ନାହିଁ। ଆମକୁ ଆହୁରି ବୃହତ୍ତର ସଫଳତା ହାସଲ କରିବାକୁ ପଡ଼ିବ। ୨୦୨୩ରେ ଭାରତର ଅର୍ଥନୀତି ୩.୭ ଟ୍ରିଲିୟନ ଡଲାରରେ ସୀମିତ ଥିଲା। ୨୦୨୭ ସୁଦ୍ଧା ଭାରତ ଧାର୍ଯ୍ୟ ଲକ୍ଷ୍ୟରେ ପହଂଚିବ ବୋଲି କୁହାଯାଉଛି। ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଆର୍ଥିକ ଶକ୍ତି। ୨୦୩୦ ସୁଦ୍ଧା ଏହା ତୃତୀୟ ସ୍ଥାନକୁ ଉନ୍ନୀତ ହେବ ବୋଲି ଆଶା କରାଯାଉଛି। ଷ୍ଟାନଲେ ମୋର୍ଗାନ କିନ୍ତୁ ଏହାର ଦୁଇ ବର୍ଷ ପୂର୍ବରୁ ଭାରତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବ ବୋଲି ଆକଳନ କରିଛି। ଆମେରିକା ଓ ଚୀନ ପଛକୁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ଏବେ ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲ୍ଡ ଇକନମିକ ଫୋରମ ପକ୍ଷରୁ ମଧ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ଆରବିଆଇ ଆକଳନ ଅନୁଯାୟୀ ପୁରା ଆର୍ଥିକ ବର୍ଷରେ ଜିଡିପି ୬.୫ ରହିବ। ଏହା ୭.୧ ପ୍ରତିଶତରୁ ହ୍ରାସ ପାଇଲେ ମଧ କିଛି ଖରାପ ନୁହେଁ। ଏବେ ମୁଦ୍ରାସ୍ଫୀତି ହାର ଏବେ ୪.୭ ପ୍ରତିଶତ ରହିଛି। ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ବର୍ଷ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛନ୍ତି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ ତ୍ୱରାନ୍ୱିତ ହୋଇଛି। କରୋନା ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ପ୍ରଭାବରୁ ଅନେକ ଦେଶର ଆର୍ଥିକ ସ୍ଥିତି ତଳିତଳାନ୍ତ ହୋଇଯାଇଛି। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧବିତ୍ତ ବର୍ଗର ଆର୍ଥିକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। କିନ୍ତୁ ଦରଦାମ ବୃଦ୍ଧି ଏକ ସାମୟିକ ସମସ୍ୟା। ଦେଶର ସୁରକ୍ଷା, ରପ୍ତାନୀ ଏବଂ ଭିତ୍ତିଭୂମିର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦେଶର ଏହି ପ୍ରଗତିରେ କିଛି ବିରୋଧୀ ରାଜନୈତିକ ସଙ୍ଗଠନ ବିଶେଷ କରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଅସହିଷ୍ଣୁ ହୋଇ ଅପପ୍ରଚାର କରୁଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଏହା ସ୍ୱୀକାର କରିବକୁ ନାରାଜ। ସରକାରଙ୍କ ଦୋଷ ତ୍ରୁଟିକୁ ସମାଲୋଚନା କରିବା ବିରୋଧୀ ଦଳର ଧର୍ମ ଏବଂ କର୍ତ୍ତବ୍ୟ। କିନ୍ତୁ ଦେଶକୁ ବଦନାମ କରିବା, ଦେଶର ଅଭିବୃଦ୍ଧିକୁ ବିରୋଧ କରିବା ଏବଂ ଏଥିରେ ବ୍ରେକ ଲଗାଇବାକୁ ଉଦ୍ୟମ କରିବା ନିନ୍ଦନୀୟ। କଂଗ୍ରେସ ଦେଶରେ ଅରାଜକତା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି। ବିଦେଶ ଗସ୍ତରେ ଗଲେ ରାହୁଲ ଗାନ୍ଧି ସବୁ ବେଳେ ଦେଶ ବିରୋଧୀ କଥା କହୁଛନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କୁ ନିନ୍ଦା କରୁଛନ୍ତି। ଏହା ଅତି କ୍ଷୋଭର ବିଷୟ। ଅର୍ଥନେହତିକ ଅଭିବୃଦ୍ଧି ନିମନ୍ତେ ଉତ୍ପାଦନ ବୃଦ୍ଧି ଯେତିକି ଜରୁରୀ, ରାଜନୈତିକ ସ୍ଥିରତା ଏବଂ ଶାନ୍ତି ପ୍ରତିଷ୍ଠା ନିହାତି ଜରୁରୀ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଉଚିତ। ବିରୋଧୀ ଦଳର ଯାହା କହିବାର ଅଛି ତାହା ସଂସଦରେ ଉପସ୍ଥାପନ କରିପାରିବ। ଏହା ଦ୍ୱାରା ବିରୋଧୀ ଦଳ ଯେଉଁ ସମ୍ମାନ ପାଇବାକୁ ହକଦାର ତାହା ହାସଲ କରିପାରିବ। ଦେଶର ଅଭଇବୃଦ୍ଧିରେ ସରକାରଙ୍କର ଯେତିକି ଭୂମିକା, ବିରୋଧୀ ଦଳର ମଧ ସେତିକି ଭୂମିକା।

# ଭୟାନକ ଯକ୍ଷ୍ମା ଓ ଯକୃତ ସଂକ୍ରମଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



୧୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ "ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି "ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ "ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ହାତ ମିଳାଇଥିଲା। ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି - ""ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର" ("ଣରଚ୍ଛ! ଡର ଉବଭ ଋଭୟ ଞ୍ଚଇଃ ଉକ୍ଟଙ୍କଙ୍କସଚ୍ଛ, ଓଭଙ୍ଗରଚ୍ଛଚ୍ଛ, ଉରକ୍ଷସଙ୍ଗରକ୍ସ").ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ



ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ ହୋଇପାରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ। ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ। ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ। ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ। ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ। ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ। ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।


**ପ୍ରଫେସର, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**


# ଖରାଦିନେ ପିଲାଙ୍କ ସ୍ୱାସ୍ଥ୍ୟ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



ଖରା ବଢ଼ିଲାଣି। ଦିନକୁ ଦିନ ରୌଦ୍ରତାପ ଧରାପୃଷ୍ଠକୁ ଉତ୍ତପ୍ତ କଲାଣି। ଖରାଦିନଟି ପିଲାମାନଙ୍କ ପାଇଁ କଷ୍ଟକର ହୋଇଥାଏ ବୋଲି ଅନେକ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ବାପାମାଆମାନେ ଦୁଃଖ ପ୍ରକାଶ କରିଥାନ୍ତି। ବାସ୍ତବ କଥା ହେଉଛି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ପିଲାମାନଙ୍କ ପାଇଁ ସତର୍କ ରହିବା ବାପାମାଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଛୋଟ ପିଲାଙ୍କ ପାଇଁ ଖରାଦିନରେ ଅନେକ ସ୍ୱାସ୍ଥ୍ୟଗତ ସଚେତନ ହେବାକୁ ପଡ଼ିଥାଏ। ଖରାଦିନେ ଦୀର୍ଘଛୁଟି ପାଇ ପିଲାମାନେ ବିଳମ୍ବିତ ରାତି ଯାଏ କାର୍ଟୁନ ଚ୍ୟାନେଲ୍ ଦେଖା, ଟିଭି ଦେଖା କିମ୍ବା କମ୍ପ୍ୟୁଟରରେ ଭିଡ଼ିଓ ଗେମ୍ ଖେଳି ବିଳମ୍ବରେ ଶୋଇ ବିଳମ୍ବରେ ଶଯ୍ୟା ଛାଡ଼ିବା ଭଲ ଅଭ୍ୟାସ ନୁହେଁ। ପିଲାମାନଙ୍କୁ ସ୍ୱାସ୍ଥ୍ୟସଚେତନ କରିବା ପାଇଁ ବାପାମାଆମାନେ ସେମାନଙ୍କୁ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ ଅଭ୍ୟାସ କରାଇବା ସହ ଯୋଗ ପ୍ରାଣାୟମ ମଧ ଭଲ। ତେବେ ଛୋଟ ପିଲାଙ୍କ କ୍ଷେତ୍ରରେ ସେମାନଙ୍କ ଶରୀର ସାମର୍ଥ୍ୟର ବିଶ୍ରାମ ଅନୁଯାୟୀ ଶୋଇବା ଭଲ। ଖରାଦିନେ ପିଲାମାନଙ୍କ ଦେହରୁ ଜଳୀୟ ଅଂଶ କମିଯାଉଥିବାରୁ ସେମାନଙ୍କୁ ସିଝାପାଣି କିମ୍ବା ଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ। ତେବେ ସୁରେଇ ପାଣି ମଧ କିଛି ମନ୍ଦ ନୁହେଁ। ଏହିଦିନରେ ଶରୀରରୁ ହଜମ କରିବାର ଶକ୍ତି ବଢ଼ାଇଥିବାରୁ ପିଲାମାନଙ୍କୁ ଖାଦ୍ୟ ସହିତ ଫଳ, ସାଲାଡ୍ ଖାଇବାକୁ ଦିଅନ୍ତୁ। ସେମାନଙ୍କୁ ବଜାରର ଖାଦ୍ୟ ଓ ପ୍ରଦୂଷିତ ଖାଦ୍ୟ ଠାରୁ ଦୂରେଇ ଘର ଖାଇବା ଖୋଇବା ଶିଖାନ୍ତୁ। ଏହି ଦିନରେ ପିଲାମାନେ ଥଣ୍ଡାପାନୀୟ ପିଇବା ପାଇଁ ରୁଚି ରଖୁଥିବାରୁ ପିଲାଙ୍କୁ ସେଥିରୁ ନିରୁତ୍ସାହିତ କରି ବରଂ ଘରେ ଫଳରସ ବି କରିପାରିବେ। ତେବେ ଉତ୍ତମ ସ୍ୱାସ୍ଥ୍ୟମାନର ବାହାର ଫଳରସ ଖରାପ ବି ନୁହେଁ। ତେବେ ସୋଡ଼ା ଜାତୀୟ ପାନୀୟ ଠାରୁ ପିଲାଙ୍କୁ ସର୍ବଦା ଦୂରେଇ ରଖନ୍ତୁ ସେହିପରି ଫ୍ରିଜ୍‌ରୁ ସାଙ୍ଗେ ସାଙ୍ଗେ କଢ଼ା ଯାଇଥିବା ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଠାରୁ ଅଧିକ କ୍ୟାଲୋରୀଯୁକ୍ତ ଆଇସ୍‌କ୍ରିମ୍ ଓ ଥଣ୍ଡା ଚକୋଲେଟ ମଧ ଖରାପ।

ଖରାଦିନରେ ପିଲାମାନଙ୍କ ବିଶ୍ରାମକୁ ଗୁରୁତ୍ୱ ଦିଅନ୍ତୁ। ପିଲାମାନଙ୍କୁ ନିର୍ଦ୍ଧିଷ୍ଟ ଖରାର ତେଜ ପଡ଼ୁଥିବା ସମୟରେ ଘରୁ ବାହାରକୁ ନଛାଡ଼ିବା ଭଲ। ସେହି ସମୟ ହେଉ ବା ରାତି ସମୟ ପିଲାମାନଙ୍କ ଶୋଇବା କ୍ଷେତ୍ରରେ ଆପଣ ନିଜେ ଏକ ଭଲ ରୁଟିନ୍ କରିପାରିବେ। ପିଲାର ସ୍ୱାସ୍ଥ୍ୟ ଓ ଖାଇବା ସହ ବୌଦ୍ଧିକ କ୍ଷେତ୍ରକୁ ଦେଖି ଶୋଇବା ସମୟ ନିର୍ଘଣ୍ଟ କରିପାରିନ୍ତି। ସେହିପରି ଖରାର ତେଜ ପିଲାମାନଙ୍କ ଚର୍ମ ପାଇଁ କିଛି କ୍ଷେତ୍ରରେ କଷ୍ଟଦାୟକ ହୋଇପଡ଼ିଥାଏ। କାରଣ ଏହି ସମୟରେ କିଛି ପିଲାଙ୍କ କ୍ଷେତ୍ରରେ ସଂକ୍ରାମକ ଜାତୀୟ ଚର୍ମରୋଗର କଷ୍ଟକର ସମସ୍ୟା ବି ରହିଥାଏ। ପିଲାମାନଙ୍କୁ ସଂକ୍ରାମକ ରୋଗୀଥିବା ବ୍ୟକ୍ତିଙ୍କ ଠାରୁ ଦୂରେଇ ରଖନ୍ତୁ। ଖରାଦିନରେ କିଛି ପିଲାଙ୍କୁ ନାକରୁ ରକ୍ତ ପଡ଼ିବା ସମସ୍ୟା ଦେଖାଦେଇଥାଏ। ଏ କ୍ଷେତ୍ରରେ ସର୍ବପ୍ରଥମେ ଚିତ୍‌କରି ଶୋଇଦେବା ବାଞ୍ଛନୀୟ। ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲମାନେ ଏହି ଦିନରେ ଘମିର ପରି ସାମୂହିକ କୁଣ୍ଡିଆ ରୋଗଟିକୁ କିଛି କ୍ଷେତ୍ରରେ ସାମ୍ନା



କରିଥାନ୍ତି। ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ପ୍ରାରମ୍ଭିକ ସମୟରୁ ନିୟନ୍ତ୍ରଣାଧିନ ହୋଇ ପିଲାଟି ସୁସ୍ଥ ହୋଇଯିବ। ଏହି ସମୟରେ ବିଶେଷକରି ଖରା ସମୟରେ ଯେପରି ପିଲାଟି ବାହାରକୁ ନଯାଏ ସେ ଦିଗଟିକୁ ଦେଖନ୍ତୁ। ଆଗକୁ ଗ୍ରୀଷ୍ମ ଲହରି ବୃଦ୍ଧି ପାଇଲେ ଅଂଶୁଘାତର ସମସ୍ୟା ମଧ ଦେଖାଦେଇପାରେ।

ତେବେ ଖରାଦିନରେ ପିଲାମାନଙ୍କ ରୁଚିକୁ ଦେଖି ଫୁଡ୍‌ମେନୁ କରିପାରିବେ। ପିଲାଙ୍କୁ ଏହି ଦିନରେ ଖାଦ୍ୟସହ ଡାଲି, ଖୁବ୍ କମ୍ ଦହି, ଫଳରସ, ଗଜାବୁଟସହ ପ୍ରଚୁର ପରିମାଣରେ ସାଲାଡ୍ ରଖନ୍ତୁ। ପିଲାମାନଙ୍କୁ ସବୁଜ ପରିବା ଖାଇବାକୁ ଦିଅନ୍ତୁ। ପିଲାମାନଙ୍କ ସ୍ୱାସ୍ଥ୍ୟପାଇଁ କ୍ଷୀର ଅତ୍ୟନ୍ତ ସ୍ୱାସ୍ଥ୍ୟ ଦାୟକ। ଏହି ଦିନରେ ପିଲାମାନେ ବିଶେଷକରି ଥଣ୍ଡା ପାନୀୟ, ଆଇସକ୍ରିମ ଓ ଥଣ୍ଡା ଖାଦ୍ୟ ଖାଇବା ପାଇଁ ପସନ୍ଦ କରିଥାନ୍ତି। ତେବେ ଏଥିରୁ ପିଲାଟିକୁ ଯଥା ସମ୍ଭବ ଯେତେ ଦୂରେଇବେ ସେତେ ଭଲ। ବରଂ ଆପଣ ଘରୋଇ ଭାବରେ ଏହିସବୁ ପଦାର୍ଥ ତିଆରି କରିପାରିବେ। ସେହିପରି ଫାଷ୍ଟଫୁଡ ଖାଦ୍ୟ ଓ ଆମିଷ ଖାଦ୍ୟ ଯେତେ କମ ଦେବା ଭଲ। ଏପରି କ୍ଷେତ୍ରରେ ଋତୁକାଳୀନ ଫଳ ପିଲାଟିକୁ ଦିଅନ୍ତୁ। କିମ୍ବା ପିଲାଟି ଭଲ ପାଉଥିଲେ ବିଭିନ୍ନ ଫଳ ସମିଶ୍ରିତ ଜୁସ ତିଆରି କରି ଦେବା ଭଲ। ବଜାରରେ ଫାଷ୍ଟଫୁଡ ପ୍ରଥମତଃ ପିଲାମାନଙ୍କ ପାଇଁ ଗରିଷ୍ଠ ଦ୍ୱିତୀୟତଃ ଏହା ସେମାନଙ୍କର ଖାଦ୍ୟ ରୁଚିକୁ ବଦଳାଇ ଦେବ। ଖରାଦିନେ ଆପଣ ଯଥା ସମ୍ଭବ ପିଲାଟିକୁ ଘରୋଇ ଖାଦ୍ୟ ଦେବା ବହୁତ ଭଲ।

ପିଲାମାନେ ଶରୀରର ଓଜନ ଅନୁଯାୟୀ କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଅନ୍ତୁ। ପିଲାମାନେ ଏହି ଦିନରେ ବାହାରକୁ ଯିବାକୁ ସମୟ ପାଇଥିବାରୁ ପିଲାମାନଙ୍କୁ ଦୂର ଯାତ୍ରାରେ ନେଉଥିଲେ ଆପଣଙ୍କ ଯାତ୍ରା ଓ ଦର୍ଶନୀୟ ଭ୍ରମଣ ସହ ସ୍ୱତନ୍ତ୍ର ରୁଟିନ୍ ରଖିପାରିବେ। ଖରାଦିନ ପିଲାମାନଙ୍କ ପାଇଁ କିଛି ଅବକାଶ ସୃଷ୍ଟି କରିଥାଏ। ସୃଜନଶୀଳ କ୍ଷେତ୍ରରେ ପିଲାମାନଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ଶିକ୍ଷା ଦିଅନ୍ତୁ। ପିଲାମାନଙ୍କ ଭିତରେ ଆଧାତ୍ମିକତା ଭାବନାର ଶିକ୍ଷା ଦେବାପାଇଁ ବାଳବିକାଶ ବା ଆଧାତ୍ମିକ ଶିକ୍ଷାଭିତ୍ତିକ ଅନୁଷ୍ଠାନ ଯିବାକୁ ଦିଅନ୍ତୁ। ପିଲାମାନଙ୍କୁ ଖରାଦିନରେ ସବୁଜବନାନୀରେ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ଓ ଯୋଜନା ରଖନ୍ତୁ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟସହ ବୌଦ୍ଧିକ ସୃଜନଶୀଳ କ୍ଷେତ୍ର ପାଇଁ ବହୁତ ଭଲ। ଖରାଦିନ ପିଲାମାନଙ୍କ ପାଇଁ ଏକ ପ୍ରକାର ଛୁଟି ଦିନ ହୋଇଥିବାରୁ ଏହି ଦିନରେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ର ଠାରୁ ସୃଜନଶୀଳକ୍ଷେତ୍ର, ଖାଇବା ଓ ବିଶ୍ରାମ ଠାରୁ ସେମାନଙ୍କୁ ସବୁକ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ବାହାରେ ରହୁଥିବା ପିଲାମାନଙ୍କ ପାଇଁ ଗାଁରେ ନିଜ ପରିଜନଙ୍କ ସହ ସମୟ ବିତାଇବା ପାଇଁ ସମୟର ଦିନ ହେଉଛି ଏହି ଖରାଦିନ। ଏ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଦିଗକୁ ସଚେତନ ରଖନ୍ତୁ। ତେବେ ପିଲାମାନଙ୍କ ପାଇଁ ଖରାଦିନଟି କଷ୍ଟକର ବୋଲି ନଭାବି ଶିକ୍ଷାଭିତ୍ତିକ, ପ୍ରେରଣାଦାୟକ ଓ ସ୍ୱାସ୍ଥ୍ୟ ଚିନ୍ତନର ରୁଟିନ୍‌ଟି ରଖିଲେ ଦେଖିବେ ପିଲାମାନଙ୍କ ପାଇଁ ଖରାଦିନ ବରଂ ବହୁତ ଭଲର ଦିନ ହୋଇପାରିବ।


**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**


# ସଙ୍ଗ ପ୍ରଭାବ

**ଦେବଦତ୍ତ ବିଶ୍ୱାଳ**



ଆମେ ବେଳେବେଳେ ପ୍ରାୟ ଶୁଣିଥାଉ ଯେ ଜଣଙ୍କର କୌଣସି ଭଲ ପରିବର୍ତ୍ତନ ହେଉ ବା ଖରାପ ପରିବର୍ତ୍ତନ ହେଉ ଏଥିରେ ସଙ୍ଗ ଦୋଷ ବା ସଙ୍ଗର ପ୍ରଭାବ ରହିଛି। ତେବେ ବାସ୍ତବରେ ସଙ୍ଗ କିଏ ? ଏବଂ ସଙ୍ଗର ପ୍ରଭାବ କିପରି ଅନ୍ୟ ଜଣଙ୍କ ଉପରେ ପଡ଼ିଥାଏ ଆସନ୍ତୁ ଏହାରି ଉପରେ ଏକ ଆଲୋଚନାଟି ରଖିବା। ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀଙ୍କ ମଧରୁ ମାନବ ହେଉଛି ଶ୍ରେଷ୍ଠ। କାରଣ ମାନବ ମଧରେ ଚିନ୍ତନ କ୍ଷମତା ଓ ଉଚିତ ଅନୁଚିତ ନିର୍ଣ୍ଣୟ କରିବାର କ୍ଷମତା ରହିଛି। ଅନ୍ୟ ପ୍ରାଣୀମାନେ କୌଣସି କାର୍ଯ୍ୟ କରିବା ପୂର୍ବରୁ ତା'ର ପରିଣାମ ସମ୍ବନ୍ଧରେ ବିଚାର କରିବାରେ ଅସମର୍ଥ ହୋଇଥାଆନ୍ତି। ମାତ୍ର ସମାଜ ଆଶ୍ଚର୍ଯ୍ୟ ସେତେବେଳେ ହୋଇଥାଏ ଯେତେବେଳେ ମାନବ ଶିକ୍ଷିତ ହୋଇ ମଧ ନିଜ ବ୍ୟବହାର ଓ ଅକୁଶଳତା ଯୋଗୁଁ ଶ୍ରେଷ୍ଠରୁ ନିମ୍ନଗାମୀ ହୋଇଥାଏ। ସମାଜରେ ଏଭଳି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସାମାନ୍ୟ ପଦରୁ ଉଚ୍ଚକୁ ଯିବା ପରେ କର୍ତ୍ତବ୍ୟକୁ ଭୁଲି ଅବାଟରେ ଚାଲିଯାଇ ଅହଙ୍କାରୀ ପାଲଟି ଯାନ୍ତି। କାରଣ ମଣିଷ ସମଗ୍ର ସୁଖ ଓ ବିଳାସପୂର୍ଣ୍ଣ ଆଶାରେ ନିଜର ପ୍ରକୃତ ଅସ୍ତିତ୍ୱ ଭୁଲିଯାଏ। ଯାହାଦ୍ୱାରା ସେ କରିବସେ ଅନେକଗୁଡ଼ିଏ ପାପ କର୍ମ। ଏହା ବ୍ୟତୀତ ମଣିଷର ବ୍ୟବହାରରେ ୭୦ ପ୍ରତିଶତ ପ୍ରଭାବ ପରିବେଶରେ ବିଚ୍ଛୁରିତ ହୋଇଥାଏ। ଯଦି ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ଆମ ଆଖପାଖ ପରିବେଶରେ ବୃଦ୍ଧି ପାଇଥାଏ, ତେବେ ବ୍ୟକ୍ତି ନିଜ ଜୀବନରେ କେବେ ସୁଖଶାନ୍ତି ପାଇନଥାଏ। ଏକତ୍ର ମିଳିମିଶି ରହିବାର ଆଶା ମଧ କେବେ ପୂର୍ଣ୍ଣ ହୋଇନଥାଏ ତା'ର। ଏଭଳି ବ୍ୟକ୍ତିଙ୍କ ପ୍ରକୃତି ଓ ମନ୍ଦ ବୁଦ୍ଧି ପରିବେଶକୁ କଳୁଷିତ କରିଥାଏ। କାରଣ ଦୁର୍ଗୁଣ ଶୀଘ୍ର ପ୍ରକାଶିତ



ହୋଇଥାଏ। ଏମାନଙ୍କ ସହ ମିଶିଲେ ଜଣେ ଉତ୍ତମ ମଣିଷ ବି କୁକର୍ମ କରିବାକୁ ପଛାଇନଥାଏ। ଈର୍ଷା, କ୍ରୋଧ, ଅଭିମାନ, ପରିବର୍ତ୍ତନର ଭାବନା, ତିରସ୍କାର ଭାବନା ଆଦି ଗୁଣମାନ ଧୀରେ ଧୀରେ ଉତ୍ତମ ଚରିତ୍ର ବ୍ୟକ୍ତିଙ୍କ ମଧରେ ପ୍ରବେଶ କରେ। କୁସଙ୍ଗରେ ମିଶି ଭଲ ବ୍ୟକ୍ତି ନିଜର ନୈତିକ ମୂଲ୍ୟକୁ ହରାଇଦିଏ। ଅମୃତର ଏକ ବୁନ୍ଦା ଯେତେବେଳେ କଦଳୀରେ ପଡ଼ିଥାଏ ସେତେବେଳେ କଦଳୀ କର୍ପୂର ପାଲଟିଯାଏ। ଯେତେବେଳେ ସେହି ବୁନ୍ଦ ପାଣିରେ ପଡ଼େ ତାହା ଅମୃତ ହୋଇଯାଏ। କିନ୍ତୁ ଯେତେବେଳେ ଏହି ବୁନ୍ଦା ଏକ ସାପ ମୁହଁରେ ପଡ଼େ ତେବେ ସେ ବିଷ ପାଲଟିଯାଏ। ଏହାର ଅର୍ଥ ଯେମିତି ସଙ୍ଗ ସେମିତି ଫଳ। ଶ୍ରେଷ୍ଠଜନଙ୍କ ସହିତ ବନ୍ଧୁତ୍ୱ କରିବା ଦ୍ୱାରା ଜଣେ ଦୃଷ୍ଟ ତଥା ଦୁର୍ଜନ ବ୍ୟକ୍ତି ବି ସଜ୍ଜନ ପାଲଟିଯାଏ। ଏହାର ଉଦାହରଣ ଅଧିକାଂଶ ସମୟରେ ମିଳିଥାଏ। ଯେପରି ତରଭୁଜକୁ ଦେଖିକରି ତରଭୁଜ ରଙ୍ଗ ପରିବର୍ତ୍ତିତ କରିଥାଏ। ସେହିପରି ବ୍ୟକ୍ତିତ୍ୱ ଉପରେ ସଙ୍ଗତର ପ୍ରଭାବ ପଡ଼ିଥାଏ। ଉତ୍ତମ ଗୁଣରେ ଭରା ବ୍ୟକ୍ତିଙ୍କ ସହ ମିତ୍ରତା ବ୍ୟକ୍ତିଙ୍କୁ ଅଧିକ ଗୁଣବାନ ଓ ବିବେକବାନ କରିଥାଏ। ଯଦି କୌଣସି ଅନୁଚିନ୍ତନଙ୍କ ସହ ଆମର ନୈତିକ ପତନ ଓ ବ୍ୟବହାରିକରେ ପରିବର୍ତ୍ତନ ତଥା ଅସାମାଜିକ ଲାଗେ ତେବେ ଆମେ ସେହି ବ୍ୟକ୍ତି ଠାରୁ ତୁରନ୍ତ ଦୂରେଇ ଯିବା ଉଚିତ। ଆଜି ସମାଜରେ ଯେଉଁସବୁ ଭଲ ଓ ଖରାପ ପ୍ରଭାବ ଦେଖିବାକୁ ମିଳୁଛି ସେ ସବୁ କେବଳ ସଙ୍ଗ ପ୍ରଭାବ। ଏଣୁ ଉତ୍ତମ ବ୍ୟକ୍ତିଙ୍କ ସହ ମିତ୍ରତା ଆମକୁ ବହୁ ଉଚ୍ଚକୁ ନେବା ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଦେଇଥାଏ। ଏହାର ତାତ୍ପର୍ଯ୍ୟ, ଯଦି ସଙ୍ଗ ଭଲ ହୋଇଥାଏ ତେବେ ବ୍ୟକ୍ତିର ଜୀବନ ସରସ ସୁନ୍ଦର ହୁଏ। ଯଦି କୁସଙ୍ଗର ପ୍ରଭାବ ପଡ଼େ ତେବେ ବ୍ୟକ୍ତି ମନ୍ଦ ପ୍ରକୃତିର ହୋଇଥାଏ। ତେଣୁ ସର୍ବଦା ସତସଙ୍ଗରେ ରହିବା ସହ ଉତ୍ତମ ଓ ଗୁଣୀଜନଙ୍କ ସହ ସଦଭାବ ରଖିଲେ ଜୀବନ ମହତ୍ୱପୂର୍ଣ୍ଣ ଓ ଆଧାତ୍ମିକମୟ ହୋଇପାରିବ।


**ରାମନିଗମେଶ୍ୱର ମନ୍ଦିର,ଚହଟା, କଟକ**
**ମୋବାଇଲ୍: ୯୮୬୧୯୪୪୫୯୪**

# ରାହୁଲଙ୍କ ଦ୍ୱୈତ ନାଗରିକତା ମାମଲା: ୪ ସପ୍ତାହରେ ଜବାବ ମାଗିଲେ ହାଇକୋର୍ଟ



**ନୂଆଦିଲ୍ଲୀ,୨୪।୩:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱୈତ ନାଗରିକତା ପ୍ରସଙ୍ଗରେ ନିଷ୍ପତ୍ତି ନେବା ପାଇଁ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ମୌ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଚାରି ସପ୍ତାହ ସମୟ ଦେଇଛନ୍ତି। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ମୌ ବେଞ୍ଚ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୧ ଏପ୍ରିଲ ୨୦୨୪ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ଗୃହ ମନ୍ତ୍ରଣାଳୟ ଆଠ ସପ୍ତାହ ସମୟ ଦାବି କରିଥିଲା।ପ୍ରକୃତରେ, ଏହି ମାମଲା କର୍ଣ୍ଣାଟକର ଜଣେ ଆବେଦନକାରୀ ଶିଶିରଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ଆଧାରିତ, ଯିଏ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ତଦନ୍ତ ଦାବି କରିଛନ୍ତି। ସେ ଦାବି କରିଛନ୍ତି ଯେ ତାଙ୍କ ପାଖରେ ରାହୁଲ ଗାନ୍ଧୀଙ୍କ ନାଗରିକତା ସମ୍ପର୍କରେ ନୂତନ ପ୍ରମାଣ ଅଛି, ଯେଉଁଥିରେ ୟୁକେ ସରକାରଙ୍କଠାରୁ ପ୍ରାପ୍ତ ଡକ୍ୟୁମେଣ୍ଟ ଏବଂ ଇମେଲ୍ ଆଦି ସାମିଲ ଅଛି।

# ଗ୍ୟାସ ଗୋଦାମରେ ଲାଗିଲା ନିଆଁ,ଥରକେ ଫାଟିଲା ୩୫୦ ସିଲିଣ୍ଡର



**ବରେଲି,୨୪।୩:** ସୋମବାର ଅପରାହ୍ନରେ ବରେଲିର ବିଥ୍ରି ଚୈନପୁର ଥାନା ଅଞ୍ଚଳର ରାଜୌ ପରସାପୁରରେ ଥିବା ଗ୍ୟାସ ଏଜେନ୍ସି ଗୋଦାମରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୧ଟା ସମୟରେ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଗ୍ୟାସ ଏଜେନ୍ସିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଗାଁ ଲୋକଙ୍କ କହିବା ଅନୁଯାୟୀ, ସିଲିଣ୍ଡର ବିସ୍ଫୋରଣ ପରେ ଜୋରରେ ବିସ୍ଫୋରଣ ହୋଇଥିଲା ଯାହା ଆଖପାଖ ଅଞ୍ଚଳକୁ ଥରାଇ ଦେଇଥିଲା। ପ୍ରାୟ ଦେଢ଼ ଘଣ୍ଟା ଧରି ସିଲିଣ୍ଡରଗୁଡ଼ିକ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇ ଚାଲିଥିଲା। ବିସ୍ଫୋରଣ ସହିତ ପବନରେ ଉଡ଼ିଥିବା ସିଲିଣ୍ଡରର ଖଣ୍ଡଗୁଡ଼ିକ ପ୍ରାୟ ୫୦୦ ମିଟର ପରିଧି ମଧ୍ୟରେ କ୍ଷେତରେ ପଡ଼ିଥିଲା। ସେହି ସମୟରେ, ଗୋଦାମରୁ ନିଆଁ ଉଠିବା ଦେଖି, ରାଜାଉ ପର୍ସାପୁର ଗାଁରେ ଆତଙ୍କ ଖେଳିଗଲା। ଲୋକମାନେ କହିଲେ, ଏହା ଏପରି ଅନୁଭବ ହେଉଥିଲା ଯେପରି ଏକ ଜ୍ୱାଳାମୁଖୀ ଫୁଟି ଉଠିଛି। ଏହି ଘଟଣାରେ ୩୫୦ ରୁ ଅଧିକ ସିଲିଣ୍ଡର ଫାଟି ଯାଇଥିବା କୁହାଯାଉଛି। ଇଣ୍ଡେନର ମହାଲକ୍ଷ୍ମୀ ଗ୍ୟାସ ଏଜେନ୍ସିର ଗୋଦାମ ରାଜାଉ ପର୍ସାପୁର ଗ୍ରାମରୁ ପ୍ରାୟ ୫୦୦ ମିଟର ଦୂରରେ ଅବସ୍ଥିତ। ଏଜେନ୍ସିର ଚୌକିଦାର ଦିନେଶ ଚନ୍ଦ୍ର ଶୁକ୍ଲାଙ୍କ ଅନୁଯାୟୀ, ଗୋଦାମରେ ସିଲିଣ୍ଡର ବୋଝେଇ ଏକ ଟ୍ରକ ଅନଲୋଡ ହେବାକୁ ଅପେକ୍ଷା କରିଥିଲା। କୌଣସି ପ୍ରକାରେ ଟ୍ରକର ବନେଟରେ ନିଆଁ ଲାଗିଗଲା।

# ନାଗପୁର ହିଂସାର ମୁଖ୍ୟ ଅଭିଯୁକ୍ତଙ୍କ ଘର ଉପରେ ଚାଲିଲା ବୁଲଡୋଜର

**ନାଗପୁର,୨୪।୩:** ନାଗପୁର ହିଂସାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ଫହୀମ ଖାନଙ୍କ ଘର ଉପରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସ ଏବଂ ପ୍ରଶାସନର ଉପସ୍ଥିତିରେ ଫହିମ ଖାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଲାଯାଉଛି। ଘରଟି ଫହିମଙ୍କ ସ୍ତ୍ରୀଙ୍କ ନାମରେ ପଞ୍ଜିକୃତ। ଘରଟି ୮୬.୪୮ ବର୍ଗ ମିଟରରେ ନିର୍ମିତ। ଫହିମର ମୋମିନପୁରା ଅଞ୍ଚଳରେ ଏକ ବୁର୍ଖା ଦୋକାନ ଅଛି। ନାଗପୁର ହିଂସାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ଫହୀମ ଖାନଙ୍କ ବିରୋଧରେ ମାର୍ଚ୍ଚ ୨୧ ରେ ଏକ ନୋଟିସ ଜାରି କରାଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ବିଏମସି ନିଜେ କହିଥିଲା। ଆଜି ପୌରପାଳିକା ବେଆଇନ ନିର୍ମାଣକୁ ଭାଙ୍ଗି ନ ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାଯୋଗ୍ୟ, ନାଗପୁର ହିଂସା ମାମଲାରେ ଏପର୍ଯ୍ୟନ୍ତ ୧୧୨ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧ ଜଣ ନାବାଳକ ମଧ୍ୟ ଅଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ୨୧ଜଣଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି। ଯେତେବେଳେ ନାବାଳକମାନେ ପୋଲିସ ହେପାଜତରେ ଅଛନ୍ତି।

# ନୂଆ ପ୍ରଧାନମନ୍ତ୍ରୀଙ୍କ ଘୋଷଣା, ଏପ୍ରିଲରେ କାନାଡାରେ ଭୋଟିଂ

**ଓଟାୱା,୨୪।୩:** କାନାଡାର ନୂଆ ପ୍ରଧାନମନ୍ତ୍ରୀ ମାର୍କ କାର୍ନି ସାଧାରଣ ନିର୍ବାଚନ ଘୋଷଣା କରିଛନ୍ତି। ଏବେ କାନାଡାରେ ୨୮ ଏପ୍ରିଲରେ ଭୋଟ ଗ୍ରହଣ କରାଯିବ। ଏହାର ଅର୍ଥ ହେଉଛି ଆଜିଠାରୁ ଠିକ ଗୋଟିଏ ମାସ ପରେ କାନାଡାରେ ଏକ ନୂତନ ସରକାର ନିର୍ବାଚିତ ହେବ। ନିର୍ବାଚନ କରାଇବାର ନିଷ୍ପତ୍ତି ଏପରି ସମୟରେ ନିଆଯାଇଛି ଯେତେବେଳେ ମାର୍କ କାର୍ନି ସମ୍ପ୍ରତି କାନାଡାର ପ୍ରଧାନମନ୍ତ୍ରୀ ହୋଇଛନ୍ତି, ଜଷ୍ଟିନ ଟ୍ରୁଡୋ ଦୀର୍ଘ ସମୟ ପରେ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଡୋନାଲ୍ଡ ଟ୍ରମ୍ପ କାନାଡା ଉପରେ ଶୁଳ୍କ ଲାଗୁ କରିବାକୁ ନିରନ୍ତର ଧମକ ଦେଉଛନ୍ତି। କାନାଡିୟ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପଦର ମୁକାବିଲା କରିବା ପାଇଁ ଆମକୁ ଏକ ଦୃଢ଼ ଜନାଦେଶ ଆବଶ୍ୟକ। କାନାଡା ପ୍ରଧାନମନ୍ତ୍ରୀଙ୍କ ବୟାନ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମେରିକା ଏବଂ କାନାଡା ମଧ୍ୟରେ ସମ୍ପର୍କ କେତେ ଖରାପ ହୋଇଛି। କିଛି ସମୟ ପୂର୍ବରୁ ଉଭୟ ଦେଶ ପୁରୁଣା ସହଯୋଗୀ ଏବଂ ବାଣିଜ୍ୟିକ ଅଂଶୀଦାର ଥିଲେ। ସୂଚନାଯୋଗ୍ୟ, ଟ୍ରମ୍ପ ନିକଟରେ କାନାଡାକୁ ୫୧ତମ ରାଜ୍ୟ କରିବାକୁ ଧମକ ଦେଇଥିଲେ। କୁହାଯାଉଛି ଯେ ଟ୍ରମ୍ପଙ୍କ ଏହି ଧମକ ଯୋଗୁଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି।

# ଭୟଙ୍କର ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମଗ୍ରୀ ପାଉଁଶ

**ଗାଜିଆବାଦ,୨୪।୩:** ନନ୍ଦଗ୍ରାମ ଥାନା ଅନ୍ତର୍ଗତ ଏକ ମଦ ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ସମସ୍ତ ଜିନିଷ ଜଳିପୋଡି ପାଉଁଶ ହୋଇଯାଇଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ୪ଟି ଦମକଳ ବାହିନୀ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଖବର ମୁତାବକ, ଅଗ୍ନିକାଣ୍ଡ ରାଜନଗର ଏକ୍ସଟେନସନରୁ ଉତ୍ପନ୍ନ ହୋଇଥିବା ଜଣାପଡିଛି । ଗାଜିଆବାଦ ସହରର ନନ୍ଦଗ୍ରାମ ଥାନା ଅନ୍ତର୍ଗତ ଗୋଟିଏ ମଦ ଦୋକାନରେ ରାଜନଗରର ଏକ୍ସଟେନସନରୁ ନିଆଁ ଲାଗିଥିବା କୁହାଯାଉଛି। ପ୍ରାୟ ରାତି ୧ଟା ସମୟରେ ନିଆଁ ଲାଗିଥିବା ଜଣାପଡିଛି । ନିଆଁ ଏତେ ଭୟଙ୍କର ଥିଲା ଯେ, କ୍ଷଣିକ ମଧ୍ୟରେ ଜୋରରେ ନିଆଁ ବ୍ୟାପିଯାଇଥିଲା। ନିଆଁକୁ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ୪ଟି ଗାଡି ପହଞ୍ଚିଥିଲେ । ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ଅଗ୍ନିଶମ ବାହିନୀ ।

## ଦିଲ୍ଲୀ ପ୍ରାଣୀ ଉଦ୍ୟାନରେ ବନ୍ୟପ୍ରାଣୀଙ୍କ ପ୍ରତି ନିର୍ଯାତନା ଅଭିଯୋଗ

# ଖାଇବା ଛାଡିଦେଇଛନ୍ତି ଭାଲୁ, ଭାଙ୍ଗିଛି ଚିତା ବଣ୍ଟିର ଦାନ୍ତ




ନୂଆଦିଲ୍ଲୀ ୨୪।୩: ଜାତୀୟ ପ୍ରାଣୀ ଉଦ୍ୟାନର ଅନ୍ତେବାସୀଙ୍କ ପ୍ରତି ନିର୍ଯାତନା ଅଭିଯୋଗ ଆସିଛି। କେତେବେଳେ ଉଦ୍ୟାନ ଅନ୍ତେବାସୀଙ୍କୁ ପେଟ ପୁରା ଖାଇବାକୁ ଦିଆଯାଉ ନଥିବା ଅଭିଯୋଗ ହେଉଥିବା ବେଳେ ଆଉ କେତେବେଳେ ସେମାନଙ୍କୁ ଉଚିତ ଚିକିତ୍ସା କରାଯାଉନ ନଥିବାର ଅଭିଯୋଗ ହେଉଛି। ସେହିପରି ପ୍ରାଣୀ ଉଦ୍ୟନରେ ବଣ୍ୟାଜୀବଙ୍କ ଟିକାକରଣରେ କର୍ତ୍ତୃପକ୍ଷ ନୃଶଂସତା ଅବଲମ୍ବନ କରୁଥିବାର ମଧ୍ୟ ଅଭିଯୋଗ ହେଉଛି। ପରିସ୍ଥିତି ଏବେ ଏପରି ଯେ ଟିକାକରଣ କାଳରେ ବଳପ୍ରୟୋଗ ଯୋଗୁ ଚିତା ବଣ୍ଟିର ଦାନ୍ତ ଭାଙ୍ଗିଯାଇଛି। ନିୟମ ଅନୁସାରେ ଟିକାକରଣ ପୂର୍ବରୁ ବଣ୍ୟଜୀବଙ୍କୁ ପିଞ୍ଜରା ମଧ୍ୟକୁ ନେବା ଉଚିତ। ହେଲେ କର୍ମଚାରୀ ସାଧାରଣ ନୀତି ନିୟମ ମଧ୍ୟ ମାନୁ ନାହାନ୍ତି। ଏହି କ୍ରମରେ ଚିତା ବାଘ ବଣ୍ଟିକୁ ଲୁହା ସିଟ୍ ତଳେ ଦବାଇ ରଖି ଟିକାରଣ କରାଯାଇଥିଲା। ଫଳରେ ସେ ବିକଳରେ ତା ମୁହଁ ପାଖରେ ଥିବା ଏକ ଛଡକୁ ପାଟିରେ କାମୁଡି ଧରିଥିଲା। ଏଥିରେ ତାର ଏକ ଗୋଜିଆ ଦାନ୍ତ ଭାଙ୍ଗି ଯାଇଛି। ଏଣୁ ସେ ଖାଇବାକୁ ହଇରାଣ ହେଉଥିବା ଜଣାପଡିଛି। ଦୈନିକ ଜାଗରଣ ରିପୋର୍ଟ ଅନୁସାରେ କିଛିଦିନ ପୂର୍ବେ ପ୍ରାଣୀ ଉଦ୍ୟାନରେ ଏକ ବିରଳ ଜଙ୍ଗଲୀ କୁକର ଢୋଲର ମୃତ୍ୟୁ ହୋଇଛି। ଔଷଧ ଓଭର ଡୋଜ ଯୋଗୁ ତା ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ତେବେ ଉଦ୍ୟାନ କର୍ତ୍ତୃପକ୍ଷ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଢୋଲ ମୃତ୍ୟୁର କାରଣ ଜଣାପଡିବ ବୋଲି କହୁଛନ୍ତି। ପ୍ରାଣୀ ଉଦ୍ୟାନରେ କଳା ମାଇ ହରିଣ ପରସ୍ପର ସହ ଲଢାଲଢି ହୋଇ ଗୋଟିଏ ପ୍ରାଣ ହରାଇଛି। ଲଢେଇରେ ଦୁଇଟିଜାକ ହରିଣ ଆହତ ହୋଇଥିଲେ। ହେଲେ ପ୍ରାଣୀ ଉଦ୍ୟାନ ପକ୍ଷରୁ ସଠିକ ସମୟରେ ଚିକିତ୍ସା ସେବା ଯୋଗାଇ ନ ଦିଆଯିବା ଯୋଗୁ ଗୋଟିଏ ହରିଣର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ପ୍ରାଣୀ ଉଦ୍ୟାନରେ ରହୁଥିବା ସ୍ଲଥ ଭାଲୁ ମାନେ ଗତ କିଛି ଦିନ ହେଲା ଖାଦ୍ୟ ଖାଉ ନାହାନ୍ତି। ଉଦ୍ୟାନରେ ୩ଟି ସ୍ଲଥ ଭାଲୁ ଅଛନ୍ତି ଓ ୩ଜଣ ଜାକ ଅସୁସ୍ଥ। ରାଜଧାନୀ ଦିଲ୍ଲୀରେ ପାଗ ବଦଳିବା ଯୋଗୁ ସେମାନେ ଅସୁସ୍ଥ ହୋଇପଡିଛନ୍ତି, ଖାଦ୍ୟ ଖାଉ ନାହାନ୍ତି। ସେମାନଙ୍କୁ ତୁରନ୍ତ ଚିକିତ୍ସା ଦରକାର। ହେଲେ ଏ ଦିଗରେ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଧିର ମନ୍ଥର କାମ କରିବା ପ୍ରାଣୀ ପ୍ରେମୀଙ୍କୁ ଚକିତ କରିଛି। କୁହାଯାଉଛି ପ୍ରାଣୀ ଉଦ୍ୟାନ ରେ ବନ୍ୟଜୀବଙ୍କ ପ୍ରତି ଅସହିଷ୍ଣୁ ଆଚରଣ କରାଯାଉଛି।

# କେନ୍ଦ୍ର ଅର୍ଥ ସଚିବ ହେଲେ ଅଜୟ ସେଠ୍



ନୂଆଦିଲ୍ଲୀ ୨୪।୩: କେନ୍ଦ୍ର ସରକାର ଅର୍ଥମନ୍ତ୍ରାଳୟଙ୍କ ଆର୍ଥିକ ବ୍ୟାପାର ବିଭାଗ ସଚିବ ଅଜୟ ସେଠଙ୍କୁ ନୂଆ ଫାଇନାନ୍ସ ସେକ୍ରେଟାରୀ ନିଯୁକ୍ତ କରିଛନ୍ତି। କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ସୋମବାର ଏହି ପ୍ରସ୍ତାବକୁ ମଞ୍ଜୁର କରିଛି। ଏହି ପଦବୀରେ ଥିବା ତୁହୀନକାନ୍ତ ପାଣ୍ଡେୟଙ୍କୁ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ସେବି) ଅଧ୍ୟକ୍ଷ ନିଯୁକ୍ତ କରାଯିବା ପରେ ଏହା ରିକ୍ତ ଥିଲା। କର୍ଣ୍ଣାଟକ କ୍ୟାଡର ୧୯୮୭ ବ୍ୟାଚ୍ ଆଇଏଏସ୍ ଅଜୟ ସେଠ୍ ଏପ୍ରିଲ ୨୦୨୧ରେ ଅର୍ଥମନ୍ତ୍ରାଳୟଙ୍କ ଆର୍ଥିକ ବ୍ୟାପାର ବିଭାଗରେ ସଚିବ ରୂପେ ଯୋଗ ଦେଇଥିଲେ। ଚଳିତମାସ ପ୍ରାରମ୍ଭରେ ତାଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପବ୍ଲିକ ଫାଇନାନ୍ସ, ଟ୍ୟାକ୍ସେସନ, ସୋସିଆଲ ସେକ୍ଟର ଆଡିମିନେଷ୍ଟ୍ରେସନ ଭଳି କ୍ଷେତ୍ରରେ ଅଜୟ ସେଠ୍ ଙ୍କ ୩୦ ବର୍ଷର ଅଭିଜ୍ଞତା ରହିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେବା ଦେଇ ଆସିଥିବା ଅଜୟ ସେଠ୍ ଙ୍କ ଶୈକ୍ଷଣିକ ଯୋଗ୍ୟତା କଥା କହିବାକୁ ଗଲେ ସେ ଆଇଆଇଟି ରୁରକୀରୁ ମେକାନିକାଲ ଇଞ୍ଜିନିୟରିଂରେ ବି.ଟେକ୍ କରିଛନ୍ତି। ଏହାଛଡା ସେ ଏଟନିୟୋ ଡି ମନିଲା ୟୁନିଭର୍ସିଟିରୁ ଏମବିଏ ଡିଗ୍ରି ପାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅର୍ଥମନ୍ତ୍ରାଳୟର ୫ଟି ଅଲଗା ଅଲଗା ବିଭାଗ ରହିଛି। ଏଥିରେ ଆର୍ଥିକ ବ୍ୟାପାର ବିଭାଗ (ଡିଇଏ), ବ୍ୟୟ ବିଭାଗ (ଡିଓଇ) , ରାଜସ୍ୱ ବିଭାଗ (ଡିଓଆର), ନିବେଶ ଓ ସାର୍ବଜନିକ ସମ୍ପତ୍ତି ପ୍ରବନ୍ଧନ ବିଭାଗ (ଡିଆଇପିଏଏମ) ଓ ଆର୍ଥିକ ସେବା ବିଭାଗ (ଡିଏଫଏସ) ଆଦି ବିଭାଗ କାମ କରୁଛନ୍ତି। ଏଥିରୁ କୌଣସି ଗୋଟିଏ ବିଭାଗର ସଚିବଙ୍କୁ ତାଙ୍କ ବରିଷ୍ଠତା ଆଧାରରେ ଫାଇନାନ୍ସ ସେକ୍ରେଟାରୀ ନିଯୁକ୍ତ କରାଯାଏ। ଫାଇନାନ୍ସ ସେକ୍ରେଟାରୀ ସମ୍ପୂର୍ଣ୍ଣ ଅର୍ଥମନ୍ତ୍ରାଳୟର ସମନ୍ୱୟ କରନ୍ତି।

# ବୟାନ ପାଇଁ ମାଗିବିନି କ୍ଷମା




**ନୂଆଦିଲ୍ଲୀ,୨୪।୩:** ଦର୍ଶକଙ୍କ ମନୋରଞ୍ଜନ କରିବା ଭିତରେ ହୁଏତ କୁନାଲ କାମରା ଜାଣିପାରିନଥିଲେ ନିଜ ସୀମା। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ପରୋକ୍ଷରେ ଦେଶଦ୍ରୋହୀ କହିବା ଓ କଟାକ୍ଷ କରିବା ଘଟଣା ଏବେ କମେଡିଆନଙ୍କୁ ଭାରିପଡିଲାଣି । ମହାରାଷ୍ଟ୍ରଠୁ ନେଇ ଦିଲ୍ଲୀ ଏବେ କୁନାଲଙ୍କୁ ଜୋରଦାର ବିରୋଧ କରାଯାଉଛି । ଏପରିକି ଶିବସେନା ସିନ୍ଦେ ଗୋଷ୍ଠୀ ତାଙ୍କ ନାଁରେ ଏଫଆଇଆର ରୁଜୁ କରିବା ସହ ଗିରଫ ଦାବି କରିଛି । ସେପଟେ ମୁମ୍ବାଇ ସ୍ଥିତ ଦ ୟୁନିକଣ୍ଟିନେଣ୍ଟାଲ ବିଲଡିଂରେ ପହଁଚିଛି ବିଏମସି । ଏଠାରେ ରହିଛି ହାବିଟାଟ ଷ୍ଟୁଡିଓ, ଯେଉଁଠି କାମରାଙ୍କ ଶୋ ଆୟୋଜିତ ହୋଇଥିଲା । ତେବେ ବିଲଡିଂର ନିର୍ମାଣରେ ବେଆଇନ ଦର୍ଶାଇ କିଛି ଭାଗକୁ ମାଟିରେ ମିଶାଇଛି ବିଏମସି । ସେପଟେ ଏକନାଥ ସିନ୍ଦେଙ୍କୁ ଷ୍ଟାଣ୍ଡଅପ୍ କମେଡିଆଙ୍କ ବୟାନକୁ ନେଇ ଦେଖିବାକୁ ମିଳିଛି ମହାୟୁତି ବନାମ ମହାବିକାଶ ଅଘାଡି। କୁନାଲ କାମରା ଦର୍ଶକଙ୍କ ମନୋରଞ୍ଜନ କରିବା ପାଇଁ ମହାରାଷ୍ଟ୍ର ରାଜନୀତି ପ୍ରସଙ୍ଗକୁ ନେଇ ବ୍ୟଙ୍ଗାତ୍ମକ କବିତା ଗାଇଥିଲେ । ଯେଉଁଥିରେ ସିନ୍ଦେଙ୍କ ନାଁ ନେଇନଥିଲେ ସତ କିନ୍ତୁ ପ୍ରତ୍ୟେକ ଶବ୍ଦ ପରୋକ୍ଷରେ ସିନ୍ଦେଙ୍କୁ ଇଙ୍ଗିତ କରୁଥିଲା । ଶୋ'ର ଭିଡିଓ ଭାଇରାଲ ହେବା ପରେ ତାତିଥିଲେ ସିନ୍ଦେ ଗୋଷ୍ଠୀ କର୍ମୀ । ଷ୍ଟୁଡିଓ ଭିତରେ ଭଙ୍ଗାରୁଜା କରିବା ସହ ତାଣ୍ଡବ ରଚିଥିଲେ । ଶୋ' ପାଇଁ ମୁମ୍ବାଇରେ ଦେଖିବାକୁ ମିଳିଥିଲା ମହାଭାରତ । ତେବେ ଷ୍ଟାଣ୍ଡ୍ ଅପ୍ କମେଡିଆନଙ୍କ ବ୍ୟଙ୍ଗାତ୍ମକ କବିତାକୁ ନେଇ ମହାରାଷ୍ଟ୍ର ରାଜନୀତିରେ ଦେଖାଯାଇଥିବା ତୁମ୍ବିତୋଫାନ କେବେ ଶାନ୍ତ ହେଉଛି ତା ଉପରେ ନଜର ରହିବ ।

# ଗାଜାରେ ଜୋରଦାର ଅପରେସନ ଜାରି

# ମାଡ଼ିଚାଲିଛି ଆଇଡିଏଫ୍

**ଗାଜା,୨୪।୩:** ଅପରେସନ୍ ହମାସକୁ ଜୋର କରିଛି ଆଇଡିଏଫ୍ । ଇସ୍ରାଏଲ ସେନା ଗାଜା ଉପତ୍ୟକାରେ ଅଧିକ ଅନୁପ୍ରବେଶ କରିଥିବା ଦାବି କରିଛି । ଇସ୍ରାଏଲ ଡିଫେନ୍ସ ଫୋର୍ସ ଅନୁଯାୟୀ, ସୈନିକମାନେ ରାତିସାରା ଏହି ଅଞ୍ଚଳକୁ ଘେରାଉ କରି ଅନେକ ହମାସ ଆତଙ୍କବାଦୀଙ୍କୁ ନିପାତ କରିବା ସହ ହମାସର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଉପରେ ଆକ୍ରମଣ କରିଥିଲେ। ସେନା କହିଛି ଯେ ଦକ୍ଷିଣ ଗାଜାରେ ସୁରକ୍ଷା ଜୋନ୍‌କୁ ବିସ୍ତାର କରିବା ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଅପରେସନ୍ କରାଯାଇଛି । ଆଇଡିଏଫ୍‌ର ଜଣେ ମୁଖପାତ୍ର କହିଛନ୍ତି ,ଉତ୍ତର ଗାଜାର ବେଇତ ହାନୁନ୍ ଅଞ୍ଚଳରେ ମଧ୍ୟ ସେନା ସପ୍ତାହ ଶେଷରେ ଅପରେସନ କରିଥିଲା, ଯେଉଁଠାରେ ଲଢୁଆ ବିମାନ ହମାସର ସ୍ଥାନ ଏବଂ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୪୧ ମୃତଦେହ ଓ ୬୧ ଜଣ ଆହତଙ୍କୁ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସମୁଦାୟ ମୃତକଙ୍କ ସଂଖ୍ୟା ୫୦,୦୨୧ରେ ପହଞ୍ଚିଛି ବୋଲି ଗାଜା ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି । ଇସ୍ରାଏଲ ଆକ୍ରମଣରେ ଦୁଇ ମାସର ଅସ୍ତ୍ରବିରତିର ଅନ୍ତ ଘଟିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି , ସାମରିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହମାସକୁ ଧ୍ୱଂସ କରିବା ଏବଂ ଅବଶିଷ୍ଟ ବନ୍ଧକମାନଙ୍କୁ ମୁକ୍ତ କରିବା । ଗାଜାସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା ନୁସାରେ, ମାର୍ଚ୍ଚ ୧୮ ତାରିଖରୁ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ଆରମ୍ଭ ହେବା ପରଠାରୁ ୬୭୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୩୩ ଜଣ ଆହତ ହୋଇଛନ୍ତି ।



# ଛତିଶଗଡ଼ରେ ମାତିଲେ ମାଓବାଦୀ, ଦୁଇ ଏସ୍‌ଟିଏଫ୍ ଯବାନ ଆହତ



**ବିଜାପୁର,୨୪।୩:** କୁମ୍ବିଂ ସାରି ଫେରୁଥିବା ବେଳେ ଛତିଶଗଡ ବିଜାପୁରରେ ଶକ୍ତିଶାଳି ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ । ଅଳ୍ପକେ ବର୍ତ୍ତିଲା ଯବାନଙ୍କ ପିକଅପ୍ ଭ୍ୟାନ । ମଦ୍ଦେଡ ଥାନା ଗୋର୍ଲା ନାଳ ନିକଟରେ ଏହି ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଚାଳକଙ୍କ ସହ ଦୁଇ ଏସ୍‌ଟିଏଫ୍ ଯବାନ ଆହତ ହୋଇଥିବା ସୂଚନା । କୁମ୍ବିଂ ସାରି ପିକଅପ୍ ଭ୍ୟାନରେ ଫେରୁଥିଲେ ଏସଟିଏଫ୍ ଯବାନ । ସୂଚନା ଥାଉକି, ସନ୍ଧ୍ୟା ପ୍ରାୟ ୫:୪୫ ସମୟରେ, ଏକ ଏସ୍‌ଟିଏଫ୍ ଗାଡ଼ି ନକ୍ସଲ ଅପରେସନରୁ ଫେରୁଥିଲା। ଗାଡ଼ିଟି ଗୋର୍ଲା ନାଲାରେ ପହଞ୍ଚିବା ମାତ୍ରେ, ମାଓବାଦୀମାନେ ପୂର୍ବରୁ ଲଗାଯାଇଥିବା ଆଇଇଡି (ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍)କୁ ସକ୍ରିୟ କରିଥିଲେ। ଗାଡ଼ିଟି ଅତିକ୍ରମ କରିବା ପରେ ତୁରନ୍ତ ବିସ୍ଫୋରଣ ଘଟିଥିଲା । ଯାହା ଫଳରେ ଡ୍ରାଇଭର ଓ ଦୁଇ ଜଣ ଯବାନ ସାମାନ୍ୟ ଆହତ ହୋଇଥିଲେ।

● କର୍ଣ୍ଣାଟକ ମାମଲାରେ ମୁହଁ ଖୋଲିଲେ ଖଡ୍‌ଗେ

# ଧାର୍ମିକ ଆଧାରରେ ଦିଆଯାଇନି ସଂରକ୍ଷଣ



ନୂଆଦିଲ୍ଲୀ ୨୪।୩ଃ କର୍ଣ୍ଣାଟକ ସରକାର ମୁସଲମାନଙ୍କୁ ସରକାରୀ ଠିକାରେ ୪ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି। ଏହାକୁ ନେଇ ବିଜେପି ଏବେ ଆକ୍ରମକ ହୋଇ ଉଠିଛି। ବିଜେପିର କହିବା କଥା ହେଉଛି କଂଗ୍ରେସ ସମ୍ବିଧାନର ଅବମାନନା କରିଛି। ବିଜେପିର ଏହି ଅଭିଯୋଗ ଉପରେ ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋମବାର ପାଲଟା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଧର୍ମ ଆଧାରରେ ବିଜେପି ଆଇନ ତିଆରି କରେ, ହେଲେ ଆଜି ଏହି ପ୍ରସଙ୍ଗ ଉଠାଇ ନିଜର ଦୁର୍ନୀତିକୁ ଲୁଚେଇବାକୁ ଚେଷ୍ଟା କରୁଛି। ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏହା ପୂର୍ବରୁ କର୍ଣ୍ଣାଟକରେ ଯେଉଁ ବି ଦଳ ଶାସନ କରୁଥିଲେ ସେମାନେ ସେହି ସମୟର ରିଜର୍ଭେସନକୁ ସ୍ୱୀକାର କରିଥିଲେ, ଯାହା ୧୯୯୪ ମସିହାରେ ଆରମ୍ଭ ହୋଇଥିଲା ଓ ଏପର୍ଯ୍ୟନ୍ତ ରହିଛି। ମୁସଲମାନମାନଙ୍କୁ ପୂର୍ବରୁ କୌଣସି ଅଲଗା ରିଜର୍ଭେସନ ଦିଆଯାଉ ନଥିଲା କି ଆଜି ବି ଦିଆଯାଉନି। ଆମେ ସମ୍ବିଧାନକୁ ପାଳନ କରୁଛୁ, ସମ୍ବିଧାନ ବିରୋଧରେ କେହି ଯଦି କିଛି କହେ କଂଗ୍ରେସ ଚୁପ ବସିବନି। ସେପଟେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର ରାଜ୍ୟରେ ମୁସଲମାନଙ୍କ ନିମନ୍ତେ ୪% ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ସମ୍ବିଧାନ ବଦଳାଇବା ସମ୍ପର୍କରେ ଦେଇଥିବା ବୟାନକୁ ସୋମବାର ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ କଥାକୁ ଭୁଲ ଭାବେ ଉପସ୍ଥାପନା କରାଯାଇଛି। ସେ କହିଛନ୍ତି ମୁଁ ଜଣେ ସମ୍ବେଦନଶୀଳ ନେତା, ଗତ ୩୬ ବର୍ଷ ହେଲା ବିଧାନସଭାକୁ ଆସୁଛି। ମୁଁ ସମ୍ବିଧାନ ବଦଳାଇବା କଥା ଆଦୌ କହି ନାହିଁ। ତେବେ ସେ କହିଛନ୍ତି ଯେ ମୁଁ ସାଧାରଣ ଭାବେ କହିଥିଲି ବିଭିନ୍ନ ନିଷ୍ପତ୍ତି ପରେ ଅନେକ ପରିବର୍ତ୍ତନ ହେବ। ଯାହା ବି ରିଜର୍ଭେସନ ଦିଆଯାଇଛି ତାହା ପଛୁଆ ବର୍ଗଙ୍କ ରିଜର୍ଭେସନ ଅନୁସାରେ ଦିଆଯାଇଛି। ତେବେ ମୁଁ କହିନାହିଁ ଆମେ ସମ୍ବିଧାନ ବଦଳାଇ ଦେବୁ। ମୋ କଥାକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି ଓ ଏଥି ପାଇଁ ବିଧାନସଭାରେ ସ୍ୱାଧୀକାର ଭଙ୍ଗ ନୋଟିସ ଦେବି ଏବଂ ଏହି ମାମଲାକୁ ନେଇ ଲଢ଼ିବି। ସେପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ସାମ୍ବିଧାନିକ ପଦରେ ବସିଥିବା ବ୍ୟକ୍ତିଙ୍କ ଦ୍ୱାରା ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ସମ୍ବିଧାନ ବଦଳାଇବାର କଥା କହିବା ଆଦୌ ସ୍ୱୀକାରଯୋଗ୍ୟ ନୁହେଁ ବୋଲି କହିଛନ୍ତି। କିରେଣ ରିଜିଜୁ କହିଛନ୍ତି ଯେ ଏ କଥାକୁ ସଂସଦ ଚୁଚାପ ବସି ଦେଖି ପାରିବନି। ପ୍ରସଙ୍ଗରେ କଂଗ୍ରେସକୁ ସ୍ପଷ୍ଟିକରଣ ଦେବାକୁ ପଡିବ। ଏପରି ମତମନ୍ତବ୍ୟ ଦେଇଥିବା ବ୍ୟକ୍ତିକୁ ବହିଷ୍କାର କରିବା ଦରକାର। ଗୋଟିଏ ପଟେ ମୁସଲମାନଙ୍କୁ ସଂରକ୍ଷଣ ଦେବା କଥା କହୁଛନ୍ତି ଅନ୍ୟପଟେ ବାବା ସାହେବଙ୍କ ଫଟୋ ଓ ସମ୍ବିଧାନ ବହି ପକେଟରେ ରଖି ନାଟକ କରୁଛନ୍ତି।

● ସୌରଭଙ୍କ ରିପୋର୍ଟରେ ସାଂଘାତିକ ତଥ୍ୟ

# ପ୍ରେମିକ ସହ ମିଶି ନୃଶଂସ ଭାବେ ହତ୍ୟା କରିଛି ପତ୍ନୀ



**ନୂଆଦିଲ୍ଲୀ,୨୪।୩:** ଉତ୍ତରପ୍ରଦେଶର ସୌରଭ ରାଜପୁତ ହତ୍ୟା ଘଟଣା ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ସମସ୍ତଙ୍କୁ ଚକିତ କରିଛି । ସୌରଭଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଥିବାବେଳେ ଏଥିରୁ ଜଣା ପଡ଼ିଛି କି, କିଭଳି ଭାବେ ନୃଂଶସ ଭାବରେ ହତ୍ୟା କରିଥିଲେ ସ୍ତ୍ରୀ ମୁସ୍କାନ। ଶରୀରକୁ ଖଣ୍ଡ ଖଣ୍ଡ କରିଥିବାବେଳେ ମୁଣ୍ଡକୁ ମଧ୍ୟ ଅଲଗା କରି ଦେଇଥିଲେ। ଏହି ଖବର ଏବେ ସାମ୍ନାକୁ ଆସିଛି। ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଛି କି, ବେକ ଚାରି ପାଖରେ ଗଭୀର କ୍ଷତ ଚିହ୍ନ । ଉଭୟ କାନ ପାଖରେ ମଧ୍ୟ କ୍ଷତ ରହିଥିବାବେଳେ ମୁଣ୍ଡରୁ ଶରୀରକୁ ସମ୍ପୂର୍ଣ୍ଣ ଭାବେ ଅଲଗା କରାଯାଇଥିଲା। ସୌରଭଙ୍କ ପତ୍ନୀ ମୁସ୍କାନ ଓ ତାଙ୍କ ପ୍ରେମିକ ସାହିଲ ମିଶି ଅତି ନୃଂଶସ ଭାବେ ହତ୍ୟା କରିଥିଲେ । ଯାହା ଫଳରେ ସେ ଛଟପଟ ହୋଇ ଜୀବନ ହାରିଥିଲେ।

# ଦିଲ୍ଲୀରୁ ଶିମଲା ଯାଉଥିବା ବିମାନର ଜରୁରୀକାଳୀନ ଅବତରଣ



**ନୂଆଦିଲ୍ଲୀ,୨୪।୩:** ଦିଲ୍ଲୀରୁ ଶିମଲା ଯାତ୍ରା କରୁଥିବା ଆଲାଏନ୍ସ ଏୟାର ବିମାନକୁ ଜରୁରୀକାଳୀନ ଅବତରଣ କରାଯାଇଛି। ଏହି ବିମାନରେ ହିମାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ଏବଂ ଡିଜିପି ଯାତ୍ରା କରୁଥିଲେ । ସୂଚନା ଅନୁଯାୟୀ, ସୋମବାର ସକାଳେ ଦିଲ୍ଲୀରୁ ସିମଲା ଯାଉଥିବା ଆଲାଏନ୍ସ ଏୟାରର ବିମାନ ନମ୍ବର ୯୮୨୧ର ପାଇଲଟ୍ ସିମଲା ବିମାନବନ୍ଦରରେ ଅବତରଣ ସମୟରେ ବିମାନର ବ୍ରେକରେ ଯାନ୍ତ୍ରିକ ତ୍ରୁଟି ବିଷୟରେ ଜଣାଇଥିଲେ। ବିମାନରେ ହିମାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ଏବଂ ଡିଜିପି ଡକ୍ଟର ଅତୁଲ ବର୍ମାଙ୍କ ସମେତ ୪୪ ଜଣ ଯାତ୍ରୀ ଥିଲେ। ଏହି ଘଟଣା ସମ୍ପର୍କରେ ହିମାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ କହିଛନ୍ତି ଯେ,'ଆଜି ସକାଳେ ଆମେ ବିମାନ ଯୋଗେ ସିମଲାରେ ପହଞ୍ଚିଥିଲୁ। ବିମାନର ଅବତରଣରେ କିଛି ସମସ୍ୟା ହୋଇଥିଲା । ମୋର କୌଣସି ବୈଷୟିକ ଜ୍ଞାନ ନାହିଁ । କିନ୍ତୁ ମୁଁ ଜଣେ ସାଧାରଣ ଲୋକ ଭାବରେ କହିପାରିବି ଯେ ଯେତେବେଳେ ବିମାନଟି ଅବତରଣ କରିବାକୁ ଯାଉଥିଲା, ସେତେବେଳେ ଏହା ସଠିକ୍ ସ୍ଥାନରେ ଅବତରଣ କରିପାରିନଥିଲା । ଏହା ସଠିକ୍ ସ୍ଥାନରେ ଅଟକି ପାରିନଥିଲା ଏବଂ ରନୱେ ଶେଷ ହୋଇଥିବା ସ୍ଥାନରେ ପହଞ୍ଚିଥିଲା । ବିମାନକୁ ଅଟକାଇବା ପାଇଁ ଶକ୍ତ ବ୍ରେକ୍ ଲଗାଯାଇଥିଲା । କିନ୍ତୁ ଏହା ସଠିକ୍ ଭାବରେ କାର୍ଯ୍ୟ କରି ପାରିନଥିବା ଅନୁମାନ ହୋଇଥିଲା।

### ଆଇପିଏଲ୍-୧୮: ମାର୍ଶ ଓ ପୂରନ୍‌ଙ୍କ ଅର୍ଦ୍ଧଶତକ ବେକାର

# ଆଶୁତୋଷଙ୍କ ବିସ୍ଫୋରକ ଇନିଂସ: ଦିଲ୍ଲୀର ରୋମାଞ୍ଚକର ବିଜୟ



ବିଶାଖାପାଟଣା,୨୪।୩: ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣରେ ଆଜି ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଦମ୍‌ଦାର ବିଜୟ ହାସଲ କରିଛି। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ୬୬ ରନ୍ ସହାୟତାରେ ଦଳ ୧ ୱିକେଟ୍‌ରେ ବିଜୟୀ ହୋଇଛି। ମାତ୍ର ୩୧ ବଲ୍ ଖେଳି ୫ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ଏହି ରନ୍ କରିଥିବା ଆଶୁତୋଷଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏଥିସହ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଦୁଇ ତାରକା ଖେଳାଳି ମିଚେଲ୍ ମାର୍ଶ ଓ ନିକୋଲାସ୍ ପୂରନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ ବେକାର ସାବ୍ୟସ୍ତ ହୋଇଛି।

ପ୍ରଥମେ ବ୍ୟାଟିଂ ପାଇଁ ଲକ୍ଷ୍ନୌ ୮ ୱିକେଟ୍‌ରେ ୨୦୯ ରନ୍ କରିଥିଲା। ଦଳ ପକ୍ଷରୁ ପୂରନ୍ ତାଙ୍କ ଚିରାଚରିତ ଢଙ୍ଗରେ ବ୍ୟାଟିଂ କରି ମାତ୍ର ୩୦ ବଲ୍‌ରେ ୬ ଚୌକା ଓ ୭ ଛକା ମାଧ୍ୟମରେ ୭୫ ରନ୍ କରି ଅପରାଜିତ ଥିଲେ। ଏହାଛଡ଼ା ଓପନର ମାର୍ଶ ୩୬ଟି ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୭୨ ରନ୍‌ର ଇନିଂସ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ୍ ଷ୍ଟାର୍କ ଓ କୁଲଦୀପ ଯାଦବ ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଦିଲ୍ଲୀ ମାତ୍ର ୬୫ ରନ୍‌ରେ ୫ଟି ୱିକେଟ୍ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଟ୍ରିଷ୍ଟାନ୍ ଷ୍ଟବ୍ସ, ଅଭିଷେକ ଓ ବିପରାଜ ନିଗମ ଉପଯୋଗୀ ବ୍ୟାଟିଂ କରି ଦଳକୁ ୧୯.୩ ଓଭର୍‌ରେ ୯ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ଆଶୁତୋଷଙ୍କ ବ୍ୟତୀତ ଷ୍ଟବ୍ସ ଗୋଟିଏ ଚୌକା ଓ ୩ଟି ଛକା ମାଧ୍ୟମରେ ୩୪, ନିଗମ ମାତ୍ର ୧୫ ବଲ୍‌ରେ ୫ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୩୯ ଏବଂ ଅଧିନାୟକ ଅକ୍ଷର ପଟେଲ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୨୨ ରନ୍ ଏବଂ ଓପନର ଫାଫ୍ ଡୁପ୍ଲେସିସ୍ ୩ଟି ଚୌକା ଓ ୨ଟି ଛକା ଜରିଆରେ ୨୯ ରନ୍‌ର ଯୋଗଦାନ ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଲ୍ ଠାକୁର, ଏମ. ସିଦ୍ଧାର୍ଥ, ଦିଗ୍‌ବେଶ ରାଠି ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

## ମ୍ୟାଚ ସମୟରେ ହୃଦ୍‌ଘାତର ଶିକାର ହେଲେ କ୍ରିକେଟର



ନୂଆଦିଲ୍ଲୀ, ୨୪।୩: ପୂର୍ବତନ ବାଂଲାଦେଶ ଅଧିନାୟକ ତାମିମ ଇକବାଲ ମ୍ୟାଚ୍ ଖେଳୁଥିବା ସମୟରେ ହୃଦଘାତ ଶିକାର ହୋଇଥିଲେ। ଏହାପରେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ପ୍ରକାଶିତ ରିପୋର୍ଟ ଅନୁଯାୟୀ, ତମିମ ଇକବାଲ ଢାକା ପ୍ରିମିୟର ଲିଗ୍ (ଡିପିଏଲ)ରେ ମୋହମ୍ମଦନ୍ ସ୍ପୋର୍ଟିଂ କ୍ଲବ ପାଇଁ ଖେଳୁଥିଲେ। ଢାକା ପ୍ରିମିୟର ଲିଗରେ ମୋହମ୍ମଦନ୍ ସ୍ପୋର୍ଟିଂ କ୍ଲବ ଏବଂ ସିନେପୁକୁର କ୍ରିକେଟ୍ କ୍ଲବର ଦଳ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ତମିମ ଇକବାଲ ହୃଦଘାତର ଶିକାର ହୋଇଥିଲେ। ଫିଲ୍ଡିଂ କରିବା ସମୟରେ ତମିମ୍ ଇକବାଲ୍ ଅସହଜ ଅନୁଭବ କରିବା ଆରମ୍ଭ କରିଥିଲେ, ଏହାପରେ ତାଙ୍କୁ ଫଜିଲାତୁନେଶା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଇକବାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ କିପରି ଅଛି ସେନେଇ ଖବର ଲେଖାହେଲା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ରିପୋର୍ଟ ମିଳି ପାରି ନଥିଲ'

ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଡାକ୍ତର ଦେବାଶିଷ ଚୌଧୁରୀ ଏହି ଘଟଣାକୁ ନିଶ୍ଚିତ କରି କହିଛନ୍ତି, 'ତମିମ୍ ଇକବାଲ୍ ଛାତିରେ ଯନ୍ତ୍ରଣା ଅଭିଯୋଗ କରିବା ମାତ୍ରେ ତାଙ୍କୁ ହସ୍ପିଟାଲ ନେବା ପାଇଁ ଏକ ହେଲିକପ୍ଟର ବ୍ୟବସ୍ଥା କରାଯାଇଥିଲା।' ୫୦ ଓଭର ମ୍ୟାଚର ପ୍ରଥମ ଇନିଂସରେ ତମିମ୍ ଛାତିରେ ଯନ୍ତ୍ରଣା ହେଉଥିବା କହିବା ପରେ ତୁରନ୍ତ ଡାକ୍ତରୀ ବିଶେଷଜ୍ଞମାନେ ଘଟଣାସ୍ଥଳରେ ପହଞ୍ଚି କ୍ରିକେଟରଙ୍କସ୍ୱାସ୍ଥ୍ୟପରୀକ୍ଷାକରିବାପରେହସ୍ପଟାଲନେବାରବନ୍ଦୋବସ୍ତକରିଥିଲେ।

### ଓସିଏର ଅଜବ ନୀତି

## 'କଳାହାଣ୍ଡି କପ୍' ଖେଳୁନାହାନ୍ତି ୨୩ବର୍ଷରୁ କମ୍ ଓ ସିନିୟର କ୍ରିକେଟର

କଟକ, ୨୪।୩: ଭାରତୀୟ କ୍ରିକେଟରଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ବିସିସିଆଇ ନିୟମ କରିଛି। କିନ୍ତୁ ଓଡ଼ିଶାର ସିନିୟର କ୍ରିକେଟରମାନେ କଳାହାଣ୍ଡି କପ୍ ଭଳି ରାଜ୍ୟର ମୁଖ୍ୟ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳୁନାହାନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ୍(ଓସିଏ) ଏଭଳି ନିୟମ ଜାରି କରିଛି। ସିନିୟର ଓ ୨୩ ବର୍ଷରୁ କମ୍ ରାଜ୍ୟ ଦଳର ଖେଳାଳି ମାନେ କଳାହାଣ୍ଡି କପ୍ ନଖେଳି ବିଶ୍ରାମ ନେଉଛନ୍ତି। ବିସିସିଆଇ ସିଜନ୍ ଲାଗି ଖେଳାଳିମାନଙ୍କୁ ନେଇ ଶିବିର ମାଧମରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିବାକୁ ଓସିଏ ଚିନ୍ତା କରୁଛି। କିନ୍ତୁ ଶିବିର ବଦଳରେ ଅନ୍‌ଫିଲ୍ଡ କ୍ରିକେଟ ଖେଳିଲେ ଯେ କ୍ରିକେଟରଙ୍କ ଖେଳଶୈଳୀର ଅଧିକ ବିକାଶ ହେବ ଏକଥା ଓସିଏ ଜାଣିରଖିବା ଉଚିତ୍। ଏହାପରେ ବି ୨୩ବର୍ଷରୁ କମ୍ ଓ ସିନିୟର ଖେଳାଳିଙ୍କୁ କାହିଁକି ବିଶ୍ରାମ ଦିଆଯାଇଛି ତାକୁ ନେଇ ପ୍ରଶ୍ନ ଉଠୁଛି।

ଅନ୍ୟପକ୍ଷରେ ଚଳିତବର୍ଷ ଓସିଏର ନିର୍ବାଚନୀ ବର୍ଷ। ଅକ୍ଟୋବର ମାସ ବେଳକୁ ନିର୍ବାଚନ ହେବ। ନୂଆ କାର୍ଯ୍ୟକର୍ତ୍ତା ଦାୟିତ୍ୱ ଗ୍ରହଣ କରିବେ। କୁଲିଂ ଅଫ୍ ପିରିୟଡ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବର୍ତ୍ତମାନର କାର୍ଯ୍ୟକର୍ତ୍ତା ମଣ୍ଡଳୀ ସମ୍ପୂର୍ଣ୍ଣ ଭାବେ ବଦଳିଯିବେ। ଭୋଟ୍ ଭାଗମାପକୁ ନେଇ ଏଥର ଗଣିତ ଜଟିଳ ରହିଛି। ତେଣୁ ନିର୍ବାଚନ ପୂର୍ବରୁ ଜିଲ୍ଲା ଭୋଟରଙ୍କୁ ସନ୍ତୁଷ୍ଟ କରିବାକୁ ଶେଷ ବାଟ ହେଉଛି 'କଳାହାଣ୍ଡି କପ୍'। ଜିଲ୍ଲା ଟିମ୍‌ରେ ଖେଳାଳିଙ୍କୁ ସାମିଲ୍ କରି ଜିଲ୍ଲା ସଂଘକୁ ମନାଇ ରଖିବାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାର ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲା ଭୋଟରଙ୍କୁ ସନ୍ତୁଷ୍ଟ କରିବାକୁ ସିନିୟର ଖେଳାଳିଙ୍କୁ କଳାହାଣ୍ଡି କପ୍‌ରୁ ବିଶ୍ରାମ ଦେବାକୁ ନୂଆ ନୀତି ଓସିଏ ଜାରି କରିଥିବା ଅଭିଯୋଗ ହେଉଛି। ସବୁ ଜିଲ୍ଲାରୁ ଅଧିକରୁ ଅଧିକ ଖେଳାଳି କିଭଳି ଖେଳିବେ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି।

### ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଘୋଷଣା କଲା ବିସିସିଆଇ

## ୧୬ ମହିଳା ଖେଳାଳିଙ୍କୁ ସ୍ଥାନ




ନୂଆଦିଲ୍ଲୀ, ୨୪।୩: ବିସିସିଆଇ ସୋମବାର ମହିଳା ଦଳର କେନ୍ଦ୍ରୀୟ ଚୁକ୍ତିନାମା (ସେଣ୍ଟ୍ରାଲ କଣ୍ଟ୍ରାକ୍ଟ) ଘୋଷଣା କରିଛି। ବୋର୍ଡ ୧୬ ଜଣ ଖେଳାଳିଙ୍କୁ ୩ଟି ବର୍ଗରେ ବିଭକ୍ତ କରିଛି। ଗ୍ରେଡ୍ 'ଏ'ରେ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କ ସମେତ ୩ ଜଣ ଖେଳାଳି ଅଛନ୍ତି। ଗ୍ରେଡ୍ 'ବି'ରେ ଶଫାଲି ବର୍ମାଙ୍କ ସମେତ ୪ ଜଣ ଖେଳାଳି ଏବଂ ଗ୍ରେଡ୍ 'ସି'ରେ ୯ ଜଣ ଖେଳାଳି ଅଛନ୍ତି। ବିସିସିଆଇ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ସହିତ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କୁ କେନ୍ଦ୍ରୀୟ ଚୁକ୍ତିନାମାର 'ଏ' ବର୍ଗରେ ସାମିଲ କରିଛି। ରେଣୁକା ସିଂହ, ଜେମିମା ରୋଡ୍ରିଗ୍‌ଜ, ରିଚା ଘୋଷ ଏବଂ ଶଫାଲି ବର୍ମାଙ୍କୁ ତାଲିକା ବିରେ ସାମିଲ କରାଯାଇଛି। ବିସିସିଆଇ ଖୁବ୍‌ଶୀଘ୍ର ପୁରୁଷ ଜାତୀୟ ଦଳର କେନ୍ଦ୍ରୀୟ ଚୁକ୍ତିନାମାର ତାଲିକା ମଧ ପ୍ରକାଶ କରିବ।

**ଗ୍ରେଡ୍ ଏ: ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା**

**ଗ୍ରେଡ୍ ବି: ରେଣୁକା ସିଂହ, ଜେମିମା ରୋଡ୍ରିଗ୍‌ଜ, ରିଚା ଘୋଷ, ଶଫାଲି ବର୍ମା**

**ଗ୍ରେଡ୍ ସି: ଯଷ୍ଟିକା ଭାଟିଆ, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ତିତସ ସାଧୁ, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ କୌର, ଉମା ଛେତ୍ରୀ, ସ୍ନେହା ରାଣା, ପୂଜା ବସ୍ତ୍ରାକାର।**

ଗ୍ରେଡ୍ 'ଏ'ରେ ସାମିଲ ସ୍ମୃତି ମନ୍ଧାନା, ହରମନପ୍ରୀତ କୌର ଏବଂ ଦୀପ୍ତି ଶର୍ମା ପ୍ରତ୍ୟେକେ ବାର୍ଷିକ ୫୦ ଲକ୍ଷ ଟଙ୍କା ପାଇବେ। ଗ୍ରେଡ୍ ବିରେ ସାମିଲ ହୋଇଥିବା ୪ ଖେଳାଳିଙ୍କୁ ବାର୍ଷିକ ୩୦ ଲକ୍ଷ ଟଙ୍କା ମିଳିବ। ଗ୍ରେଡ୍ ସିରେ ଅନ୍ତର୍ଭୁକ୍ତ ୯ ଜଣ ମହିଳା ଖେଳାଳିଙ୍କୁ ପ୍ରତିବର୍ଷ ୧୦ ଲକ୍ଷ ଟଙ୍କା ଲେଖାଏଁ ମିଳିବ।

୨୦୨୨ ମସିହାରେ ବିସିସିଆଇ ଘୋଷଣା କରିଥିଲା ଯେ, ପୁରୁଷ ଏବଂ ମହିଳା କ୍ରିକେଟରଙ୍କୁ ସମାନ ମ୍ୟାଚ୍ ଫି' ଦିଆଯିବ। ତଥାପି, ବାର୍ଷିକ କେନ୍ଦ୍ରୀୟ ଚୁକ୍ତିନାମାରେ ଏକ ପାର୍ଥକ୍ୟ ରହିଛି। ପୁରୁଷ କ୍ରିକେଟରମାନଙ୍କୁ ୪ଟି ବର୍ଗରେ ଏବଂ ମହିଳା କ୍ରିକେଟରମାନଙ୍କୁ ୩ଟି ବର୍ଗରେ ରଖାଯାଇଛି। ପୁରୁଷ C ବର୍ଗର ଖେଳାଳିମାନେ ମଧ ମହିଳା 'ଏ' ବର୍ଗର ଖେଳାଳିଙ୍କ ତୁଳନାରେ ଅଧିକ ଟଙ୍କା ପାଆନ୍ତି।

ଭାରତୀୟ ପୁରୁଷ କ୍ରିକେଟରଙ୍କ କେନ୍ଦ୍ରୀୟ ଚୁକ୍ତି ବିଷୟରେ କହିବାକୁ ଗଲେ, ଗ୍ରେଡ୍ 'ଏ' ଖେଳାଳିମାନେ ପ୍ରତିବର୍ଷ ୫ କୋଟି ଟଙ୍କା ପାଆନ୍ତି। ଗ୍ରେଡ୍ 'ବି' ଖେଳାଳିମାନେ ୩ କୋଟି ଟଙ୍କା ଏବଂ ଗ୍ରେଡ୍ 'ସି' ଖେଳାଳିମାନଙ୍କୁ ୧ କୋଟି ଟଙ୍କା ଲେଖାଏଁ ମିଳୁଛି। ପୁରୁଷ କ୍ରିକେଟରେ ସବୁଠାରୁ ଆଗରେ ରହିଛି 'ଏ' ପ୍ଲସ୍ ଗ୍ରେଡ୍। ଏଥିରେ ସାମିଲ ଖେଳାଳିମାନେ ପ୍ରତିବର୍ଷ ୭-୭ କୋଟି ଟଙ୍କା ପାଆନ୍ତି।

## ଧୋନି..ଧୋନି ଶୁଣି କାନରେ ହାତଦେଇଦେଲେ ନୀତା ଅମ୍ବାନୀ

ନୂଆଦିଲ୍ଲୀ, ୨୪।୩: ଗତକାଲି ଆଇପିଏଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚେନ୍ନାଇ ସୁପରକିଙ୍ଗ୍ସ-ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲାରେ ଚେନ୍ନାଇ ପୁଣି ଥରେ ବାଜି ମାରି ନେଇଥିଲା । ମୁମ୍ବାଇକୁ ୪ ୱିକେଟ୍‌ରେ ହରାଇ ଆତ୍ମବିଶ୍ୱାସର ସହ ଚେନ୍ନାଇ ତା' ଅଭିଯାନ ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ମୁମ୍ବାଇ ଚିରାଚରିତ ଭାବେ ନିଜ ପ୍ରଥମ ମ୍ୟାଚ୍ ହାରିଥିଲା। ତେବେ ଧୋନି ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିବା ମାତ୍ରେ ଦର୍ଶକମାନେ ତାଙ୍କୁ ଜୋରଦାର ହୋହଲ୍ଲା ସହିତ ସ୍ୱାଗତ କରିଥିଲେ। ଏହି ସମୟରେ ସମଗ୍ର ଷ୍ଟାଡିୟମ "ଧୋନି...ଧୋନି..." ସ୍ଲୋଗାନରେ ପ୍ରତିଧ୍ୱନିତ ହୋଇଥିଲା। କିନ୍ତୁ ଏହି ପରିବେଶରେ, ଏକ ଆକର୍ଷଣୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀ ତାଙ୍କର ଉଭୟ କାନ ବନ୍ଦ କରିଦେଇଥିଲେ।ଆଇପିଏଲର କ୍ରେଜ୍ ପ୍ରତିବର୍ଷ ନୂଆ ଶିଖର ଛୁଇଁଥାଏ, କିନ୍ତୁ ଯେତେବେଳେ ଧୋନିଙ୍କ କଥା ଆସେ, ତାଙ୍କ ପ୍ରଶଂସକଙ୍କ ପାଗଳାମି ଏକ ଭିନ୍ନ ସ୍ତରକୁ ପହଞ୍ଚିଯାଏ। ଏହି ମ୍ୟାଚ୍‌ରେ ମଧ ଧୋନି ବ୍ୟାଟିଂ କରିବାକୁ ଆସିବା ମାତ୍ରେ ସମଗ୍ର ଷ୍ଟାଡିୟମରେ କେବଳ ଧୋନି ଧୋନି ଶୁଣିବାକୁ ମିଳିଥିଲା । ଲୋକମାନେ ଠିଆ ହୋଇ ତାଙ୍କୁ ସ୍ୱାଗତ କରିଥିଲେ ଏବଂ କିଛି ପ୍ରଶଂସକ ଭାବପ୍ରବଣ ମଧ ହୋଇଯାଇଥିଲେ। ଧୋନିଙ୍କ ପ୍ରଶଂସକମାନେ ଖୁସିରେ ନାଚୁଥିବାବେଳେ, ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀଙ୍କ ପ୍ରତିକ୍ରିୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଷ୍ଟାଡିୟମରେ ଶବ୍ଦ ବଢ଼ିବା ସହିତ ସେ ତାଙ୍କର ଦୁଇଟି କାନ ବନ୍ଦ କରିଦେଲେ। ତାଙ୍କର ପ୍ରତିକ୍ରିୟାର ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ପ୍ରଶଂସକମାନେ ବିଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। କିଛି ଲୋକ ଏହାକୁ ଶବ୍ଦରୁ ସୁରକ୍ଷା ବୋଲି କହିଥିବାବେଳେ କିଛି ଲୋକ ଏହାକୁ ଧୋନିଙ୍କ ପ୍ରଶଂସକଙ୍କ ଶକ୍ତିକୁ ଦାୟୀ କରିଛନ୍ତି। ଏମଏସ ଧୋନି କ୍ରିକେଟ ଜଗତର ସବୁଠାରୁ ବଡ଼ ସୁପରଷ୍ଟାରମାନଙ୍କ ମଧ୍ୟରୁ ଜଣେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବନି...

ଗଣାଯିବ। ଯେଉଁ ଶିଳ୍ପ ଉପଭୋକ୍ତା ଇଏଚଟି ଲେଭଲର, ସେମାନେ ୟୁନିଟ ପିଛା ୨୦ ପଇସା ରିହାତି ପାଇବେ। ୮୦ ପ୍ରତିଶତରୁ ଅଧିକ ଲୋଡ ଫ୍ୟାକ୍ଟରରେ ବ୍ୟବହୃତ ୟୁନିଟ ପିଛା ଏହି ରିହାତି ଲାଗୁ ହେବ। ସେହିପରି ବଣ୍ଟନ ଓ ପରିବହନ କ୍ଷତି ୧୮.୭୯ରୁ ୧୭.୩୩ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟର ବିଜୁଳି ଆବଶ୍ୟକତା ପାଇଁ ଗ୍ରୀଡକୋ ୪୧ ହଜାର ୩୨୧ ଏମୟୁ ଥିବା ବେଳେ ଗ୍ରୀଡକୋ ପାଖରେ ୪୮ ହଜାର ୩୧୮ ଏମୟୁ ଶକ୍ତି ଉପଲବ୍ଧ ରହିଛି। ସେହିପରି ବିଦ୍ୟୁତ ବିତରକ କମ୍ପାନୀ ଉପଭୋକ୍ତାଙ୍କୁ ୩୩ ହଜାର ୩୮୯ ଏମୟୁ ବିଜୁଳି ବିକ୍ରି କରୁଥିବା ସୂଚନା ଦିଆଯାଇଛି।

### ବଢ଼ିଲା...

ମାସିକ ୨୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସାଂସଦମାନଙ୍କୁ ମାସିକ ଦରମା ବ୍ୟତୀତ ନିର୍ବାଚନମଣ୍ଡଳୀ ଭତ୍ତା ବାବଦରେ ୭୦ ହଜାର ଟଙ୍କା ଓ ଅଫିସ ଭତ୍ତା ୬୦ ହଜାର ଟଙ୍କା ମିଳିଥାଏ। ସେମାନଙ୍କ ଦରମା ଉପରେ କୌଣସି ଟିକସ ଲାଗୁ ହୁଏନାହିଁ।

### ଚିଟ୍‌ଫଣ୍ଡ...

କରାଯାଇଥିବା ଦରଖାସ୍ତରୁ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ୨ ଲକ୍ଷ ୩୮ ହଜାର ୪୭୭ ଜଣ କ୍ଷୁଦ୍ର ଜମାକାରୀ ଓ ଗୋଲଡେନ୍ ଲ୍ୟାଣ୍ଡ ଡେପଲପର୍ସ ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ୨ ଲକ୍ଷ ୯୭ ହଜାର ୫୨୫ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ନ୍ୟାୟାଳୟଙ୍କ ଆଦେଶାନୁସାରେ, ରୋଜ୍ ଭ୍ୟାଲିର ବ୍ୟାଙ୍କ ଆକାଉଣ୍ଟରୁ ଜବତ ଅର୍ଥରୁ ୧ ଲକ୍ଷ ୮୨ ହଜାର ୧୫୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୬୫ କୋଟି ୩୫ ଲକ୍ଷ ୯୨ ହଜାର ୪୭୬ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସର ସମ୍ପତ୍ତି ନିଲାମ ଓ ବ୍ୟାଙ୍କ ଆକାଉଣ୍ଟରୁ ଜବତ ଅର୍ଥରୁ ୨୪ ହଜାର ୮୨୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୮ କୋଟି ୫୨ ଲକ୍ଷ ୬୪ ହଜାର ୧୨ ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ବିଶ୍ୱସ୍ତରୀୟ...

କରାଯାଇଥିଲା।ପରେ ରାଷ୍ଟ୍ରପତି ଭାପୁର ବ୍ଲକ କାଳିଆପଲ୍ଲୀରେ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ବିଶ୍ୱ ଶାନ୍ତି ମହାଯଜ୍ଞରେ ଯୋଗଦେଇ ପୂର୍ଣ୍ଣାହୁତି ଦେଇଥିଲେ। ଏଥିରେ ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କାଳିଆପଲ୍ଲୀ ଗାଁରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୟ ଜଗନ୍ନାଥ, ଜୟ ନୀଳମାଧବ, ଜୟ ବିଶ୍ୱାବସୁ କହି ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେଯେ ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ। ଏଠାରେ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ବିକଶିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନଙ୍କୁ ଆକର୍ଷିତ କରିପାରିବ। ଏହାଦ୍ୱାରା ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ସେହିପରି କୃଷି, ହସ୍ତଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନୟାଗଡ଼ର ସମ୍ଭାବନାକୁ ସାକାର ରୂପ ଦେବା ସକାଶେ ସମସ୍ତେ ଆଗକୁ ଆସିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ।

ରାଷ୍ଟ୍ରପତି ଆହୁରି କହିଥିଲେ ଯେ ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିର ଏକ ବିଶେଷତ୍ୱ ଓ ଏହା ଆଦିବାସୀ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ମଧ୍ୟ। ଆଦିବାସୀ କଳା ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ସହ ସେମାନଙ୍କ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକେ ଏହି କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଜାଣିବା ଓ ସେଗୁଡ଼ିକର ଫାଇଦା ନେବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତର ସର୍ବୋଚ୍ଚ ଶାସନକର୍ତ୍ତା ହୋଇ ମଧ୍ୟ ରାଷ୍ଟ୍ରପତିଙ୍କ ନିଜ ମାଟି ପ୍ରତି ଭଲ ପାଇବା ଓ ଆବିଳତାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ। ଆଦିମ ଜନଜାତି ଶବର, ବନବାସୀ ସମ୍ପ୍ରଦାୟ ଓଡ଼ିଶାର ପ୍ରାଚୀନ ଅଧିବାସୀ। ମହାନଦୀ ଅବବାହିକାର ଉର୍ବର ମୃତ୍ତିକା ଓ ଚାରଣ ଭୂମି ସହିତ ବଣପାହାଡ଼ ଘେରା ଅଞ୍ଚଳ ଏହି ଆଦିମ ସମ୍ପ୍ରଦାୟକୁ ବସତି ସ୍ଥାପନରେ ସହାୟକ ହୋଇଆସିଛି। ଏହି ସମ୍ପ୍ରଦାୟର ମୁଖ୍ୟ ଆଧାର ହେଉଛନ୍ତି କିମ୍ବଦନ୍ତୀ ଓ ପୁରାଣରେ ବର୍ଣ୍ଣିତ 'ଶବର ରାଜା ବିଶ୍ୱାବସୁ'। ଏହି ଉତ୍ସବ ଆମ ଐତିହ୍ୟ, ପରମ୍ପରା ଓ ଭାବାବେଗ ସହ ଜଡ଼ିତ। ସର୍ବଧର୍ମର ସମନ୍ୱୟ କ୍ଷେତ୍ର ଭାବେ ନୟାଗଡ ଜିଲ୍ଲା ପ୍ରସିଦ୍ଧି ଲାଭ କରିଥିବା ବେଳେ ଓଡ଼ଗାଁର ରଘୁନାଥ ଜୀଉଙ୍କଠାରୁ ଆରମ୍ଭ କରି ଶରଣକୁଳର ଲଡୁବାବାଙ୍କ ପର୍ଯ୍ୟନ୍ତ ଓ ମା' ଦକ୍ଷିଣକାଳୀଙ୍କଠାରୁ ଆରମ୍ଭ କରି ନୀଳମାଧବଙ୍କ ପର୍ଯ୍ୟନ୍ତ ବୈଷ୍ଣବ, ଶୈବ, ଶାକ୍ତ ଧର୍ମର ନିଦର୍ଶନ ଏଠାରେ ଦେଖିବାକୁ ମିଳେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ଆମ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ଆଦିବାସୀଙ୍କ ସାମଗ୍ରିକ ବିକାଶ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ଆମ ଜନଜାତି ଭାଇଭଉଣୀମାନେ ବିକାଶର ବାର୍ତ୍ତାବହ ହେବେ। ସରକାର ଏହି ଅନୁଷ୍ଠାନ ଓ ଏ ଅଞ୍ଚଳର ବିକାଶ କରିବେ। ପଠାଣି ସାମନ୍ତ ପ୍ଲାନେଟୋରିଅମ ପାଇଁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସାଇନ୍ସ ପାର୍କ ଓ ସାଇନ୍ସ ସେଣ୍ଟର ପାଇଁ ୬ କୋଟି ଟଙ୍କା, ପଠାଣି ସାମନ୍ତ ସ୍ମୃତି ପୀଠ ପାଇଁ ମଧ୍ୟ ୨ କୋଟି ଟଙ୍କା ଦିଆଯାଇଛି। ଏହି ଅଞ୍ଚଳରେ ଏସିଆର ସର୍ବବୃହତ ଉଷ୍ଣପ୍ରସବଣ କେନ୍ଦ୍ର ପାଇଁ ମଧ୍ୟ ୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିରର ବାର୍ଷିକ ପରିଚାଳନା ପାଇଁ ଆର୍ଥିକ ବ୍ୟବସ୍ଥା, ସ୍ୱତନ୍ତ୍ର କର୍ପସ ଫଣ୍ଡ ଓ ଅନ୍ୟାନ୍ୟ ଦାବି ସମ୍ପର୍କରେ ସେ ଅବଗତ ହୋଇଛନ୍ତି। ପୂର୍ବ ସରକାର ୨୦୨୨ରେ ଶହେ କୋଟି ଟଙ୍କା ଦେଇଥିଲେ ମଧ୍ୟ କାମ ଆଗେଇପାରିନାହିଁ। କିନ୍ତୁ ଏହି ଅଞ୍ଚଳ ଦେଶର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ଦିଗରେ ସରକାର ପଦକ୍ଷେପ ନେବା ସହ ମନ୍ଦିରର ଉନ୍ନତି, ସୌନ୍ଦର୍ଯ୍ୟକରଣ ଓ ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବେ। ଜିଲ୍ଲାପାଳଙ୍କୁ ମଧ୍ୟ ପୁନର୍ବାର ଏକ ଡିପିଆର ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହି ନୀଳମାଧବ କ୍ଷେତ୍ରକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ, ଧାର୍ମିକ ସ୍ଥଳ କରିବା ପାଇଁ ଯାହା ଆବଶ୍ୟକ ଆମ ସରକାର ଆଗାମୀ ଦିନରେ ସେସବୁ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ ଭାରତୀୟ ବିଶ୍ୱାବସୁ ଶବର ସମାଜ ଫାଉଣ୍ଡେସନର ସଭାପତି ହୃଷୀକେଶ ଦେହୁରୀ ଓ ସମ୍ପାଦକ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

### କାହା ପାଇଁ...

ଧ୍ୱନୀରେ ପ୍ରକମ୍ପିତ କରିଥିଲେ କଂଗ୍ରେସ ବିଧାୟକ। ସରକାର ମନମାନି ଚଳାଇଥିବା ନେଇ ଅଭିଯୋଗ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

ଏଥିପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କଂଗ୍ରେସକୁ ଟାର୍ଗେଟ କରି ସୁରେଶ ପୂଜାରୀ କହିଥିଲେ, ୧୮ ଦିନରେ ୩୧ ଘଣ୍ଟା ବି ଗୃହ ଚାଲିପାରିନାହିଁ। ବାଚସ୍ପତି ୩ ଥର ସର୍ବଦଳୀୟ ବୈଠକ ଡାକିଛନ୍ତି। ତା ସତ୍ତ୍ୱେ ସମାଧାନର ରାସ୍ତା ବାହାରି ପାରିନାହିଁ। ଲୋକଙ୍କ ଟିକସରେ ବିଧାନସଭା ଚାଲେ। ଏପରି ପଇସା ବରବାଦ ହେଲେ କଂଗ୍ରେସକୁ କ୍ଷମା ଦେବେନି ରାଜ୍ୟବାସୀ। ପ୍ରତିବାଦ କରିବାର ଢଙ୍ଗ ଅଛି କହି କଂଗ୍ରେସ ଉପରେ ବର୍ଷିଛନ୍ତି ସୁରେଶ ପୂଜାରୀ। କଂଗ୍ରେସ ଗତ ନିର୍ବାଚନରେ ୮୨ଟି ବିଧାନସଭାରେ ୫ ହଜାର ଛୁଇଁ ପାରିଲେ ନାହିଁ | ୨୦ ବିଧାନସଭାରେ ନୋଟା ଠାରୁ କମ ଭୋଟ ପାଇଛି। ଭଲ ପ୍ରସଙ୍ଗ ନଉଠାଇଲେ ପରବର୍ତ୍ତୀ ନିର୍ବାଚନରେ ଏକ ଅଙ୍କକୁ ଆସିଯିବ ବୋଲି କଟାକ୍ଷ କରିଛନ୍ତି ରାଜସ୍ୱ ମନ୍ତ୍ରୀ।

ଏହାର ଜବାବରେ କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ କହିଛନ୍ତି, ସରକାରୀ ଦଳର କାମ ହେଲା ବିଧାନସଭା ଚଳାଇବା।

ବିରୋଧୀଙ୍କୁ ଆକ୍ରମଣ କରିବା କି ଅସଭ୍ୟ ଭାଷା କହିବା ସରକାରୀ ଦଳର କାମ ନୁହେଁ। ବିଜେପିକୁ ସେ ଚ୍ୟାଲେଞ୍ଜ ଦେଇ କହିଛନ୍ତି, ଅହଂକାର ଓ ଆତ୍ମଗର୍ବରେ ଉବୁଟୁବୁ ସରକାର। ଯଦି ନିଜ ପ୍ରତି ବିଶ୍ୱାସ ଅଛି ସରକାର ଭଙ୍ଗ କରି ନିର୍ବାଚନ କରନ୍ତୁ। ଆଜି ନିର୍ବାଚନ ହେଲେ ୫୦ ସିଟ ବି ପାଇବେ ନାହିଁ। ସେପଟେ ନାରୀ ନିର୍ଯାତନ ପ୍ରସଙ୍ଗରେ ଗୃହ କମିଟି ଗଠନ କରିବାକୁ ତାରା ବାହିନୀପତି ଦାବି କରିବା ସହିତ କହିଛନ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ଆମକୁ ଅସଭ୍ୟ ଭାଷାରେ ଗାଳି କଲେ, ତାଙ୍କର ବରିଷ୍ଠ ବିଧାୟକ ଆମର କଲର ଧରିଲେ। ଏହା କଣ ବିଧାନସଭାରେ ଶୋଭା ପାଇଲା। ଧର୍ମର ଜୟ ହେବ। ଆମେ ପଞ୍ଚୁ ପାଣ୍ଡବ ଭଳି ସଂଖ୍ୟାରେ କମ୍। ଦ୍ରୌପଦୀଙ୍କ ବସ୍ତ୍ର ହରଣ ହଉଛି। ଆମେ କରିବୁ ଶତ୍ରୁର ପକ୍ଷ ଛେଦନ। ଆମେ ରାଜନୀତି କରୁନୁ ନାରୀ ସୁରକ୍ଷା ଚାହୁଁଛୁ ବୋଲି କହିଛନ୍ତି ତାରା।

### ହାଇକୋର୍ଟରେ...

୯ଟାରେ ସେ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଜନ୍ମ ପରେ କନ୍ୟା ସନ୍ତାନଟିର ଶରୀର ସୁସ୍ଥ ଥିଲା। ଏପରିକି ଜନ୍ମ ପରେ କନ୍ୟା ସନ୍ତାନ ସ୍ୱାଭାବିକ ଭାବେ କାନ୍ଦୁଥିଲା ଓ ହସୁଥିଲା ମଧ୍ୟ।

ପରିବାର ଲୋକଙ୍କ ପାଖରେ ଉକ୍ତ ସମୟର ଫଟୋ ଓ ଭିଡିଓ ମଧ୍ୟ ରହିଛି। ତେବେ ଆବେଦନକାରୀ ଉଲ୍ଲେଖ କରିଛନ୍ତି ଯେ କନ୍ୟାଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ସତ୍ତ୍ୱେ ତାକୁ ଆଇସିୟୁକୁ ନିଆଯାଇଥିଲା। ପରଦିନ ଶିଶୁଟିକୁ ଜେଜେମା' ଆଇସିୟୁରେ ଦେଖିବାକୁ ଯାଇଥିଲେ। କିନ୍ତୁ ସେତେବେଳେ ଅଚାନକ ମେଡିକାଲର ଜଣେ କର୍ମଚାରୀ ତାଙ୍କୁ ମୃତ କନ୍ୟାସନ୍ତାନ ପ୍ରଦାନ କରିଥିଲେ। ପରିବାର ଲୋକେ ମଧ୍ୟ ମୃତ ଶିଶୁକୁ ଆଉ ଯାଞ୍ଚ୍ ନ କରି ମହାନଦୀ ବାଲିରେ ପୋତିବା ପାଇଁ ନେଇଯାଇଥିଲେ। ତେବେ ପୋତିବା ସମୟରେ ଉକ୍ତ କନ୍ୟା ସନ୍ତାନଟି ସେମାନଙ୍କର ନୁହେଁ, ବରଂ ଅନ୍ୟ କାହାର ବୋଲି ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଠାରେ ମଧ୍ୟ ଉକ୍ତ ଶିଶୁଟିର ଫଟୋ ଉଠାଇଥିଲେ। ସେମାନେ ମେଡିକାଲ୍‌କୁ ଫେରି ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ସେମାନଙ୍କୁ ଅନ୍ୟ କାହାର ଏକ ମୃତ ଶିଶୁକୁ ଦିଆଯାଇଥିବା ଅଭିଯୋଗ କରିଥିଲେ।

ଅଧିକନ୍ତୁ ପରିବାର ଲୋକଙ୍କର ସନ୍ଦେହ ହେବାରୁ ସେମାନେ ପରବର୍ତ୍ତୀ ସମୟରେ ପୁନର୍ବାର ମୃତ ଶିଶୁଟିକୁ ପୋତିଥିବା ସ୍ଥାନକୁ ଯାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସେଠାରେ ମୃତଶିଶୁଟି ନଥିଲା, ବରଂ କପଡାରେ ବାଲି ବନ୍ଧାଯାଇଥିବା ଦେଖିବାକୁ ପାଇଥିଲେ। ଏଥିରୁ ଆବେଦନକାରୀ ଓ ତାଙ୍କ ପତ୍ନୀ ତାଙ୍କ ଶିଶୁକନ୍ୟାଟି ହସ୍ପିଟାଲରେ ଅଦଳବଦଳ ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେମାନେ କଟକ ବଡ଼ ମେଡିକାଲର ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ।

ମାତ୍ର ଅଧୀକ୍ଷକ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଏହାପରେ ଆବେଦନକାରୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। କିନ୍ତୁ ମାମଲା ରୁଜୁ କରିଥିଲେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ ଫେବ୍ରୁଆରୀ ୨୧ ତାରିଖରେ ଆବେଦନକାରୀ କଟକ ଡିସିପିଙ୍କ ପାଖରେ ଅଭିଯୋଗ କରିଥିଲେ। ତେବେ ଆଶ୍ଚର୍ଯ୍ୟର କଥା ସେଠାରେ ବି ତାଙ୍କୁ କୌଣସି ନ୍ୟାୟ ମିଳିନଥିଲା। ତେଣୁ ସେ ବାଧ୍ୟ ହୋଇ ଫେବ୍ରୁଆରୀ ୨୫ରେ କଟକ ଜିଲ୍ଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। କିନ୍ତୁ ସେଠାରୁ ବି ସେ ନିରାଶ ହୋଇ ଶେଷରେ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାର ସଠିକ ତଦନ୍ତ ସହ ତାଙ୍କ ଶିଶୁ କନ୍ୟାଟିକୁ ଫେରାଇବା ଦିଗରେ ପଦକ୍ଷେପ ନେବା ସକାଶେ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ହାଇକୋର୍ଟର ବିଚାରପତି ଡକ୍ଟର ଏସ୍.କେ. ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରିବା ସମୟରେ ଘଟଣାକୁ ନେଇ କଡ଼ା ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ଜବାବ ଦାଖଲ କରିବା ସକାଶେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ ଜବାବ ତଲବ କରିଛନ୍ତି। ଏହାଛଡ଼ା ଏସ୍‌ସିବି ଅଧୀକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ତଦନ୍ତ ରିପୋର୍ଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆସନ୍ତା ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

### ତଦନ୍ତ ହେଲେ...

ତେବେ ପଦ୍ମଲୋଚନ ଏହା କହିବା ବେଳକୁ ପଏଣ୍ଟ ଅଫ ଅର୍ଡର ଜରିଆରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହସ୍ତକ୍ଷେପ କରିବା ସହ ଏହି ପ୍ରସଙ୍ଗରେ ବବିଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରିଥିଲେ। ସେ କହିଥିଲେ ଯେ ଯିଏ ଏ ଗୃହର ସଦସ୍ୟ ନୁହନ୍ତି, ତାଙ୍କ ବିଷୟରେ ଗୃହରେ ଆଲୋଚନା ହେବା ଉଚିତ ନୁହେଁ। ତେବେ ଏପରି ମନ୍ତବ୍ୟ ଦେଇ ରାଜାବାବୁ ସିନା ପଦ୍ମଲୋଚନଙ୍କ ମୁହଁ ବନ୍ଦ କରିଦେଲେ, ହେଲେ ସେ ଉଖୁରେଇଥିବା ପ୍ରସଙ୍ଗ ପୁଣି ଥରେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ପରିସରକୁ ଆସିଛି। କାରଣ ବିଧାନସଭାରେ ପଦ୍ମଲୋଚନ ବବି ଓ ବ୍ଲାକରୋଜ କାହାଣୀ କହିବା ସମୟରେ ବିଜେଡିର କେତେକ ବିଧାୟକ ମୁରୁକି ମୁରୁକି ହସୁଥିବା ଦେଖିବାକୁ ମିଳିଥିଲା।

### ଚର୍ଚ୍ଚାରେ...

ଯେବେଠାରୁ ପାଣ୍ଡିଆନ ଗୋଟିଏ ବିଦେଶୀ କମ୍ପାନୀରେ ନିଯୁକ୍ତି ପାଇଛନ୍ତି ଓ ଖୁବ୍‌ଶୀଘ୍ର ଓଡ଼ିଶା ଛାଡ଼ି ବିଦେଶ ପଳାଇବେ ବୋଲି ଶୁଣାଗଲା, ସେବେଠାରୁ ସିଏ ଚର୍ଚ୍ଚାରେ। ଘଟଣାର ସତ୍ୟାସତ୍ୟ ବୁଝିବା ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗଣମାଧ୍ୟମ ମଧ୍ୟ ବିଭିନ୍ନ ସୂତ୍ର ଖୋଜୁଛନ୍ତି। ପାଣ୍ଡିଆନଙ୍କ ବିଦେଶ ଗସ୍ତକୁ ନେଇ ମଧ୍ୟ ଗଣମାଧ୍ୟମରେ ରୋଚକ ଖବରମାନ ପ୍ରକାଶ ପାଇବାରେ ଲାଗିଛନ୍ତି। ବିଶେଷକରି ପାଣ୍ଡିଆନ ଓଡ଼ିଶା ଛାଡ଼ିଲେ ବିଜେଡିର ଭାଗ୍ୟ କ'ଣ ହେବ, ପାଣ୍ଡିଆନଙ୍କ ସହ ତାଙ୍କ ଆଇଏଏସ୍ ପତ୍ନୀ ଓ ପିଲା ଓଡ଼ିଶା ଛାଡ଼ିବେ ନା ନାହିଁ, ପାଣ୍ଡିଆନ ଓଡ଼ିଶା ଛାଡ଼ିଲା ପରେ ତାଙ୍କୁ ନିଇତି ଗାଳି ଦେଉଥିବା ବିଜେପି ନେତାମାନେ କ'ଣ କରିବେ, ପାଣ୍ଡିଆନ ନବୀନ ନିବାସ ପରିତ୍ୟାଗ କଲେ ନବୀନ କାହାକୁ ଭରସା କରିବେ ଆଦି ଏହିଭଳି ରୋଚକ ଓ ମନଗଢ଼ା ଖବରମାନ ବିଭିନ୍ନ ଗଣମାଧ୍ୟମରେ ଉଡ଼ିବାରେ ଲାଗିଛି।

ଗୋଟିଏ ପଟେ ରାଜ୍ୟର ବଜେଟ୍ ଅଧିବେଶନ ଚାଲିଥିବା ବେଳେ ଅନ୍ୟପଟେ ରାଷ୍ଟ୍ରପତିଙ୍କଠାରୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଜାରି ରହିଛି। ତେବେ ସେମାନେ ଯେତେ ଚର୍ଚ୍ଚାରେ ନାହାନ୍ତି, ନବୀନ-ପାଣ୍ଡିଆନ ଯୋଡ଼ି ଚର୍ଚ୍ଚାରେ ତାଙ୍କଠାରୁ ବହୁପାଦ ଆଗରେ ଅଛନ୍ତି।

ବିଜେଡିର କୌଣସି ନେତା କି କର୍ମୀ ଯଦିଓ ଏ ବାବଦରେ ମୁହଁ ଖୋଲୁନାହାନ୍ତି, କିନ୍ତୁ ଭିତରେ ଭିତରେ ମନ୍ତ୍ରଣା ଜୋରଦାର ହେବାରେ ଲାଗିଛି। ବିଶେଷକରି ପାଣ୍ଡିଆନ ନବୀନ ନିବାସ ଛାଡ଼ିଲେ ତାଙ୍କ ଚଉକିରେ କିଏ ବସିବ, ତାକୁ ନେଇ ବି ଗଣତି ଆରମ୍ଭ ହୋଇଯାଇଛି।

ନିର୍ବାଚନ ହାରିବା ପରେ ନବୀନ ପଟ୍ଟନାୟକ ପୂର୍ବାପେକ୍ଷା ଅଧିକ ସକ୍ରିୟ ହୋଇଛନ୍ତି। ଖାଲି ନିୟମିତ ବିଧାନସଭାକୁ ଯାଉ ନାହାନ୍ତି, ଦଳୀୟ ନେତା ଓ କର୍ମୀମାନଙ୍କୁ ମଧ୍ୟ ଭେଟି ଆଲୋଚନା କରୁଛନ୍ତି।

ତାଙ୍କରି ନିର୍ଦ୍ଦେଶରେ ଦଳର ଦୁଇ ନେତା ତାମିଲନାଡୁ ଯାଇ ସ୍ଥାନ ପୁନଃ ନିର୍ଦ୍ଧାରଣ ବୈଠକରେ ଯୋଗ ଦେଇଥିବାବେଳେ ଖୋଦ୍ ନବୀନ ସେଠାକୁ ନିଜର ଭିଡିଓ ବାର୍ତ୍ତା ଜାରି କରିଥିଲେ। ଏହା ପୂର୍ବରୁ କେତେକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ କିନ୍ତୁ ତାଙ୍କ ଦିଲ୍ଲୀ ଗସ୍ତ ଓ ପାଣ୍ଡିଆନଙ୍କ ଓଡ଼ିଶା ଛାଡ଼ିବା ପ୍ରସଙ୍ଗ କେବଳ ବିଜେଡି ଶିବିରରେ ନୁହେଁ, ରାଜ୍ୟ ଓ ଜାତୀୟ ରାଜନୀତିରେ ବି ଚର୍ଚ୍ଚାର ବିଷୟ ପାଲଟିଛି।

# କାଳବୈଶାଖୀ ବର୍ଷାରେ ବ୍ୟାପକ ରବି ଫସଲ ନଷ୍ଟ

## ସରକାରୀ ସହାୟତା ଦାବି

**କୋଣାର୍କ, ୨୪।୩ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ସିମିଳି, ବନାଖଣ୍ଡି, ଅଚ୍ୟୁତପୁର, କାଦୁଆନୂଆଗାଁ, କୁରୁଜଙ୍ଗ, ଅବଦାନ ସମେତ ଗୋପ ଓ କାକଟପୁର ତହସିଲର ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତରେ ଅଦିନିଆ କାଳ ବୈଶାଖୀ ବର୍ଷା ବ୍ଯାପକ ମୁଗ, ବିରି, କୋଳଥ ସମେତ ବିଭିନ୍ନ ରବି ଫସଲ ଉଜୁଡ଼ି ଯାଇଥିବା ବେଳେ କୃଷକ ମାନଙ୍କ ମୁଣ୍ଡରେ ଚଡକ ପଡିଛି।

ଖବରରୁ ପ୍ରକାଶ ଯେ କୃଷକମାନେ ମୁଣ୍ଡ ଝାଳ ତୁଣ୍ଡେ ମାରି ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ଆଣି ମୁଗ, ବିରି, କୋଳଥ ସମେତ ବିଭିନ୍ନ ରବି ଫସଲ



ଚାଷ କରିଥିଲେ। ଚଳିତ ବର୍ଷ ରବି ଫସଲ ଭଲ ହୋଇଥିବା ବେଳେ କୃଷକମାନେ ଭଲ ଦୁଇ ପଇସା ରୋଜଗାର କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ଅଦିନିଆ କାଳ ବୈଶାଖୀ ବର୍ଷା ଯୋଗୁଁ ଉଜୁଡ଼ି ଯାଇଛି ରବି ଫସଲ। ରବି ଫସଲ କ୍ଷେତରେ ଲହଡି ମାରୁଛି ବର୍ଷାପାଣି। ଫଳରେ କୃଷକମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି, ଅଚ୍ୟୁତପୁର, ସିମିଳି, କାଦୁଆନୂଆଗାଁ ସମେତ ୨୦ ଗୋଟି ଗ୍ରାମପଞ୍ଚାୟତରେ ହୋଇଥିବା ରବି ଫସଲ କ୍ଷତିର ଆକଳନ କରି ଚାଷୀ ମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କିଶୋର ଚନ୍ଦ୍ର ସେଠ,ପୂର୍ଣ୍ଣ ଚନ୍ଦ୍ର ଲେଙ୍କା, ସୋମନାଥ ନାୟକ, ସୁକାନ୍ତ ନାୟକ ପ୍ରମୁଖ କୃଷକ ମାନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ମନ୍ତ୍ରୀ, କୃଷି ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖଙ୍କୁ ନିବେଦନ କରିଛନ୍ତି।

# ଧିମେଇଛି ୫୫ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ

## ଏନଏଚ୍ଏଆଇ କାର୍ଯ୍ୟାଳୟରେ ଧାରଣା ଦେବ ଜାଗରଣ ମଞ୍ଚ

**ଟାଙ୍ଗୀ-ଚୌଦ୍ୱାର, ୨୪।୩ (ସଂଚାର ବ୍ୟୁରୋ):**୫୫ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ଶେଷ ହେବାର ନାଁଗନ୍ଧ ଧରୁନି। ଠିକାସଂସ୍ଥା ଗୁଡ଼ିକ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅଞ୍ଚଳବାସୀଙ୍କୁ ଠକି ଛାଲିଛନ୍ତି। ଚୌଦ୍ୱାର ଜାଗରଣ ମଞ୍ଚ ତରଫରୁ ରାସ୍ତା କାମ ବିଳମ୍ବ ନେଇ ଗତ ଜାନୁୟାରି ୧୦ ତାରିଖରେ ଢେଙ୍କାନାଳ ସ୍ଥିତ ଏନଏଚ୍ଆଇ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଥିବା ବେଳେ ମାର୍ଚ୍ଚ ୧୫ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ଠିକାସଂସ୍ଥା ଏମଏସଆଇଏଲ ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ସମୟ ଅବଧି ପୁରି ଯାଇଥିଲେ ସୁଦ୍ଧା ରାସ୍ତା କାମ ୬୦ଭାଗ ହୋଇ



ନଥିବା ଜାଗରଣ ମଞ୍ଚ ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ରାସ୍ତା କାମ ଅତି ନିମ୍ନମାନର ହେବା ସହିତ ଧିମା ଗତିରେ ଚାଲୁଛି। ଏହାର ପ୍ରତିବାଦରେ ଅସନ୍ତା ୨୨ତାରିଖରେ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଜୟଦେବବିହାର ସ୍ଥିତ ଜାତୀୟ ରାଜପଥ ଓଡ଼ିଶା ଆଞ୍ଚଳିକ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ଦିଆ ଯାଇଛି।ଆସନ୍ତା ଏପ୍ରିଲ ୧୫ତାରିଖ ଭିତରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନପାରିଲେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମଖରେ ମଞ୍ଚ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ରବିବାର ଗାନ୍ଧିଛକ ସ୍ଥିତ ମାର୍କେଟ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ଜାଗରଣ ମଞ୍ଚ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

# ହତ୍ୟାକାରୀକୁ ଆଜୀବନ ଜେଲ୍ଦଣ୍ଡ

**ବ୍ରହ୍ମପୁର, ୨୪।୩ (ସଂଚାର ବ୍ୟୁରୋ):** ଏକ ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍। ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏହି ରାୟ ଶୁଣାଇଛନ୍ତି। ୨୦୨୩ ଡିସେମ୍ବରରେ ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ସ୍ଥାନୀୟ ଅମ୍ବିକାନଗର ୨ୟ ଲାଇନ ନିବାସୀ ରଙ୍କ ସେଠୀଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାରେ ଟାଉନ ପୁଲିସ ଅଭିଯୁକ୍ତ ବାପିନି ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ହତ୍ୟା ମାମଲାର ଚୂଡାନ୍ତ ରାୟ ଜିଲ୍ଲା ଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ପ୍ରକାଶ ପାଇଥିଲା । ସାକ୍ଷୀମାନଙ୍କ ବୟାନ ଓ ଦାଖଲ ହୋଇଥିବା ଚାର୍ଜସିଟକୁ ଭିତ୍ତି କରି ଉକ୍ତ କୋର୍ଟ ଅଭିଯୁକ୍ତ ବାପିନିକୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସିସି ଟିଭି ଫୁଟେଜ ଏବଂ ଫୋନ୍ କଲ୍ ରେକର୍ଡରୁ ଅଭିଯୁକ୍ତଙ୍କୁ ଧରିଥିଲା ପୋଲିସ୍।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



**ହିଞ୍ଜିଳିକାଟୁ, ୨୪।୩ (ସଂଚାର ବ୍ୟୁରୋ):** ଜନୈକ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ରାୟଗଡା ଚାନ୍ଦିଲି ଥାନା ଅଂଚଳରୁ ହିଞ୍ଜିଳି ପୋଲିସ ଗତକାଲି ହିଞ୍ଜିଳି ଥାନା ଇଲାକାର ଆକାଶ ନାହାକ (୨୫ଙ୍କୁ ଗିରଫ କରିଛି। ଏ ନେଇ ହିଞ୍ଜିଳି ଥାନାରେ ଗତ ଜାନୁଆରୀ ୩୦ତାରିଖରେ ୭୭/୨୫ରେ କେସ ରୁଜୁ ହୋଇଥିଲା। କୋର୍ଟ ଚାଲାଣ କରାଯାଇଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

### ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ଶିକ୍ଷା ବିଭାଗ ବିରୋଧରେ ପୁଳା ପୁଳା ଅଭିଯୋଗ



**ନିଶ୍ଚିନ୍ତକୋଇଲି, ୨୪।୩ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରୁ ମୋଟ ୧୩୫ଟି ସାଧାରଣ ଅଭିଯୋଗ ଓ ୨ଟି ସାମୂହିକ ଅଭିଯୋଗ ଆସିଥିଲା। ଶିବିରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ ଯୋଗଦେଇ ୫୨ଟି ଅଭିଯୋଗକୁ ତୁରନ୍ତ ସମାଧାନ କରିଥିଲେ। ଶିବିରରେ ଜିଲ୍ଲାପାଳଙ୍କ ସହ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ,ଉପଖଣ୍ଡ ଆରକ୍ଷୀ ଅଧିକାରୀ , ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ସହ ଜିଲ୍ଲା ସ୍ତରୀୟ ପ୍ରାୟ ସବୁ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ୮୦ ବର୍ଷରୁ ଊର୍ଦ୍ଧ ବୃଦ୍ଧ ବୃଦ୍ଧା ବର୍ଦ୍ଧିତ ଭତ୍ତା ଓ ୮୦% ଭିନ୍ନକ୍ଷମ ମାନଙ୍କୁ ବର୍ଦ୍ଧିତ ଭତ୍ତା ଜାନୁଆରୀ ମାସର କିଛି ହିତାଧିକାରୀ ପାଇ ନଥିବା ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗ ବିରୋଧରେ ପୁଳା ପୁଳା ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ ପହଞ୍ଚିଥିଲା ବେଳେ ନୂଆକରି ଯୋଗଦେଇଥିବା ବିଇଓଙ୍କ କାର୍ଯ୍ୟଧାରା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶରତ ଦେବଙ୍କ ୩୭ତମ ଶ୍ରାଦ୍ଧୋତ୍ସବ

**ଆଳି, ୨୪।୩ (ସଂଚାର ବ୍ୟୁରୋ):** ଆଳି ମାଟିର ମଉଡମଣି ଆଳିର ବିନ୍ଧାଣୀ ଭାବେ ପରିଚିତ ସ୍ୱର୍ଗତ ରାଜା ସାହେବ୍ ଶରତ କୁମାର ଦେବଙ୍କ ୩୭ତମ ଶ୍ରାଦ୍ଧ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ। ପୂର୍ବାହ୍ନରେ ସ୍ୱର୍ଗତଃ ଦେବଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆଳିଗୋଷ୍ଠୀ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ ତାଙ୍କ ସୁପୁତ୍ର ପ୍ରତାପ କେଶରୀ ଦେବ। ଅପରାହ୍ନ ୫ଟାରେ ଡାକବଙ୍ଗଳା ସ୍ତିତ ଶରତ କୁମାର ଦେବଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ପ୍ରଦାନ ପରେ ନୁଆବଜାର ଅନ୍ନପୂର୍ଣ୍ଣା ପଡ଼ିଆରେ ସ୍ମୃତି ସଭାରେ ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ ସଭା ଆରମ୍ଭରୁ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ମୁଖ୍ୟ ବକ୍ତା ଭାବେ ପ୍ରତାପ କେଶରୀ ଦେବ, ସମ୍ମାନୀୟ ଅତିଥି ରାଜକନିକା ସମିତି ଅଧକ୍ଷା ମିନତୀ ରାଉତ୍ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇ ଶରତ କୁମାର ଦେବଙ୍କ ସ୍ମୃତି ଚାରଣ କରିଥିଲେ।



# ବିଜେପିରେ ଯୋଗଦେଲେ ବିଜେଡିର ଟୁନୁ ଗଣ୍ଡ

**ରାଇଘର, ୨୪।୩ (ସଂଚାର ବ୍ୟୁରୋ):** ଓଡିଶାରେ ଭାରତୀୟ ଜନତା ପାର୍ଟି ସରକାର ଆସିବା ପରେ ଚାରିଆଡେ ଏହି ନୂତନ ସରକାରଙ୍କ ପ୍ରଶଂସାର ଗାନ କରୁଛନ୍ତି ଲୋକେ। ବିଭିନ୍ନ ଦଳରୁ ଲୋକେ ବିଜେପି ଦଳରେ ଯୋଗଦାନ କରୁଥିବାର ଦେଖିବାକୁ ମିଳିଛି। ଏହି ପରିପେକ୍ଷୀରେ ଆଜି ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଯୋଢ଼େଙ୍ଗା ଠାରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ ତଥା ସରପଞ୍ଚ ଫୁଲସିଂ ଗଣ୍ଡଙ୍କ ଭାଇ ଆଜି ବିଜେଡି ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ଉକ୍ତ ମିଶ୍ରଣପର୍ବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସମ୍ପାଦକ ସନ୍ତୋଷ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରୀତିସ୍ମିଗ୍ଧା ମହାପାତ୍ର, ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ଯୋଢ଼େଙ୍ଗା ମଣ୍ଡଳ ସଭାପତି ସରୋଜ ଜେନା, ରାଇଘର ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ବରିଷ୍ଠ ବିଜେପି କର୍ମୀ ବିଶ୍ୱନାଥ ସିଲ, ମନୋହର ଦଣ୍ଡସେନା, ମିହିର ଢାଳିଙ୍କ ସମେତ ସମସ୍ତ ବିଜେପି କର୍ମୀଙ୍କ ଉପସ୍ଥିତିରେ ଟୁନୁ ଗଣ୍ଡ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦେଇଛନ୍ତି।

### ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଅ

# ନିମନ୍ତ୍ରଣପତ୍ର ବାଣ୍ଟିଲେ ମଣ୍ଡଳ ଶିକ୍ଷାଧିକାରୀ

**କାକଟପୁର/ଅସ୍ତରଙ୍ଗ, ୨୪।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସରକାରୀ ବିଦ୍ୟାଳୟରେ ୫ବର୍ଷରୁ ଊର୍ଦ୍ଧ୍ୱ ଶିଶୁମାନେ ଶିଶୁବାଟିକା ଓ ୬ବର୍ଷରୁ ଊର୍ଦ୍ଧ୍ୱ ଶିଶୁମାନେ ପ୍ରଥମଶ୍ରେଣୀରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟା ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ରକୁ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନର କର୍ମକର୍ତ୍ତା ମାନେ ବିଭିନ୍ନ ଅଞ୍ଚଳକୁ ଯାଇ ନିମନ୍ତ୍ରଣ ଦେବା ସହ ସରକାରୀ ଶିକ୍ଷା ବ୍ୟବସ୍ଥା ବିଷୟରେ ବୁଝାଉଛନ୍ତି। ଚଳିତ ବର୍ଷ ରାଜ୍ୟରେ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ୫ବର୍ଷରୁ ଅଧିକ ପିଲା ଶିଶୁ ବାଟିକାରେ ନାମ ଲେଖାଇବେ। ୬ବର୍ଷରୁ ଅଧିକ ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ପଢ଼ିବେ।



ସରକାରୀ ବିଦ୍ୟାଳୟରେ ପାଠ ପଢ଼ିଲେ ପିଲାମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଉପରେ ଅଭିଭାବକମାନଙ୍କୁ ବୁଝାଇଥିଲେ। ନାମଲେଖାଇବାକୁ ଯୋଗ୍ୟ ଶିଶୁମାନଙ୍କ ଘରକୁ ଯାଇ ସେମାନଙ୍କ ଅଭିଭାବକକୁ ନିମନ୍ତ୍ରଣ ପତ୍ର ବଣ୍ଟନ ସହ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନାମଲେଖାଇବା ନିମନ୍ତେ ସେମାନଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନବାଡି କର୍ମୀ ସହ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ସାମିଲ ଥିଲେ।

# ରେଳସେବା ପୁରସ୍କାର ବିତରଣ ଉତ୍ସବ



**ଖୋର୍ଦ୍ଧା, ୨୪।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ସ୍ଥାନୀୟ ରେଡଙ୍ଗ କଲୋନୀ ରେଲୱେ କଲ୍ୟାଣ ମଣ୍ଡପ ଠାରେ ୬୯ତମ ରେଳସେବା ପୁରସ୍କାର ୨୦୨୪ ବିତରଣ ଉତ୍ସବ ଆୟୋଜିତ କରାଯାଇଥିଲା । କର୍ମଚାରୀ ମାନଙ୍କ ନିଷ୍ଠାପର ପ୍ରୟାସ ଏବଂ କଠିନ ପରିଶ୍ରମକୁ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ରେଳମଣ୍ଡଳର ୫୬ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍ ଏସ ବାଜ୍ୱା ସମ୍ମାନିତ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର୍ ସିମ୍ରନ୍ କୌର, ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶୁଭ୍ରଜ୍ୟୋତିମଣ୍ଡଳ, ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଏଚ୍ ଏସ ବାଜ୍ୱା, ନିଜ ଅଭିଭାଷଣରେ ସମସ୍ତ ପୁରସ୍କାର ବିଜେତାଙ୍କୁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ଏବଂ ପ୍ରଗତିଶୀଳ ମନୋଭାବ ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ବିଶିଷ୍ଟ ରେଳ ସେବା ପୁରସ୍କାର -୨୪ରେ ଖୋର୍ଦ୍ଧାରୋଡ ଡିଭିଜନ ୬ଟି ଦକ୍ଷତା ସିଲ୍ଡ ହାସଲ କରିଛି ବୋଲି ସେ ପ୍ରକାଶ କରିଥିଲେ।

ଏହି ପୁରସ୍କାର ବିତରଣ ସମାରୋହରେ ମଣ୍ଡଳ ରେଳ ପ୍ରବନ୍ଧକ ଉଲ୍ଲେଖନୀୟ ରେଳବାଇ ପୁରୁଷ ଏବଂ ମହିଳା କର୍ମଚାରୀଙ୍କୁ ରେଳସେବା ପୁରସ୍କର -୨୦୨୪ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମଚାରୀ, ଶ୍ରୀଜନକୁଞ୍ଜ, ଉତ୍କଳପବ୍ଲିକ ସ୍କୁଲ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଧାରଣା



**ରାଇଘର/ନବରଙ୍ଗପୁର, ୨୪।୩ (ସଂଚାର ବ୍ୟୁରୋ):** ଜନ ସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରି ସ୍ଥାୟୀକାରଣ ଆଦି ଦାବି ନେଇ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଧାରଣା ୧୩ ଦିନରେ ପହଁଚିଛି । କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଅଫିସରେ ତାଲା ଝୁଲିବା ସହ ଅନେକ ସମସ୍ୟା ମଧ୍ୟ ଉପୁଜୁଥିବାର ପରିଲିକ୍ଷିତ ହେଉଛି । ବିଶେଷ ଭାବରେ ଟିବି ରୋଗୀମାନେ ସରକାରଙ୍କ ତରଫରୁ ମିଳୁଥିବା ଔଷଧ ଓ ଖାଦ୍ୟ ପାଇ ପାରୁନାହାନ୍ତି, ଗର୍ଭବତୀ ମହିଳାମାନଙ୍କର ପ୍ରସବ ପରବର୍ତୀ ପ୍ରୋତ୍ସାହନ ରାଶି ପାଇବାରେ ବାଧା ସୃଷ୍ଟି ହେଉଛି, ନିଦାନ ପାଇଁ ଆବଶ୍ୟକ କିଟ କିଣିବା ନେଇ ସମସ୍ୟା ସୃଷ୍ଟି ହେଉଛି, ମ୍ୟାଲେରିଆ ଏବଂ ଅଣସଂକ୍ରମଣ ରୋଗର ପରିଚାଳନାରେ ରୋକ ଲାଗିଛି, ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ରାଶି ବନ୍ଦ ରହିଛି। ଶବବାହକ ଗାଡି (ମହାପ୍ରୟାଣ) ଚାଲିବା ବନ୍ଦ ହେବାର ଆଶଙ୍କା, ପ୍ରସବ ମା ଓ ଶିଶୁ ମାନଙ୍କର ଟୀକା କରଣରେ ବାଧା ଉପୁଜୁଛି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଗୁଆଳି ଏବଂ ସଫେଇ କର୍ମଚାରୀମାନେ ଗତ ମାସରୁ ଦରମା ପାଇନଥିବା ହେତୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଯାଉଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

**ନାଉଗାଁ, ୨୪।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଗତସିଂହପୁର ତତ୍ତ୍ୱାବଧାନରେ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ସଂଗଠନ ଓ ସୋସିଆଲ ମିଶନ ୱାର୍ଲଡର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କିଶୋର ମହାନ୍ତି, ଡାକ୍ତର ସୁଶ୍ରୀ ସଙ୍ଗୀତା ବେହୁରା ଅତିଥି ଭାବେ ଯୋଗ ଦେଇ ଯକ୍ଷ୍ମା ରୋଗକୁ କିଭଳି ପ୍ରତିହତ କରାଯାଇ ପାରିବ ସେବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ମହାନ୍ତି, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ଊର୍ମିଳା ତରାଇ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ଗୀତାରାଣୀ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ଦାସ ଆଦି ଯୋଗ ଦେଇ ଯକ୍ଷ୍ମା ଦିବସ ଉପରେ ଗୁରୁତ୍ୱାରୋପ କରିଥିଲେ। ସୋସିଆଲ ମିଶନ ୱାର୍ଲଡର ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ସମାଜସେବୀ ଓ ରୋଗୀମାନେ ଯୋଗ ଦେଇଥିଲେ।






# ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର, ୨୪।୩ (ସଂଚାର ବ୍ୟୁରୋ):** ଆଜି ଝରିଗାଁ ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ଚନ୍ଦ୍ର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ ଓ ବି ଡି ଓ ମଧୁସୂଦନ ମାଝୀଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୩୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୨ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଜିଲ୍ଲାପାଳ ଡ଼ା ମହାପାତ୍ର ଏହାପରେ ଚକ୍ଲାପଦର ଗ୍ରାମ ପଞ୍ଚାୟତ ଗସ୍ତ କରି ଆଧାର କେନ୍ଦ୍ର ପରିଦର୍ଶନ ସହ ଚନ୍ଦନଧାରା ଗସ୍ତ କରିଥିଲେ।

# ନେହରୁ ଯୁବ କେନ୍ଦ୍ର ପକ୍ଷରୁ ସହିଦ୍ ଦିବସ

**କୋଣାର୍କ, ୨୪।୩ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କ ସ୍ଥିତ ଆର୍ତ୍ତତ୍ରାଣ କର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସରରେ ନେହେରୁ ଯୁବ କେନ୍ଦ୍ର, ପୁରୀ ଓ ଫ୍ରେଣ୍ଡ୍ସ କ୍ଲବର ମିଳିତ ସହଯୋଗରେ ସହିଦ୍ ଦିବସ ପାଳିତ ହୋଇଯାଇଛି। ସହିଦ୍ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଫ୍ରେଣ୍ଡସ କ୍ଲବର ସଭାପତି ରାମକୃଷ୍ଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ




ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଏନସିସି ଅଧିକାରୀ ଦିଲ୍ଲୀପ କୁମାର ନାୟକ, ସିକ୍ଷାବିତ୍ ଚିତ୍ରାଞ୍ଜଳୀ ନାୟକ, ସମାଜସେବୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇ ଯୁବସମାଜ ଭଗତ ସିଁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜସ୍ୱସି ରାୟ, ଦିଲୀପ କୁମାର ଜେନା, ଅନିଲ ସ୍ୱାଇଁ, ପ୍ରିୟ ରଂଜନ ରଥ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚୋରା ମଦ ବେପାରକୁ ମହିଳାଙ୍କ ବିରୋଧ

**କାକଟପୁର/ଅସ୍ତରଙ୍ଗ, ୨୪।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳ ହେଉ ଅବା ବଜାରରେ ଖୁଲମଖୁଲ୍ଲା ଚାଲୁଛି ଦେଶୀ ଓ ବିଦେଶୀ ମଦର ଚୋରା ଚାଲାଣ। ଦିନକୁ ଦିନ ମଦ ମାଫିଆ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଗାଁଠୁ ବଜାର ସବୁଠି ଚୋରା ମଦ ଛାଇଗଲାଣି। ଅବକାରୀ ବିଭାଗ ନିଷ୍କ୍ରିୟତା ତଥା ଲାଞ୍ଚ ଖୋର ମନୋବୃତ୍ତି ଯୋଗୁଁ ମଦ ମାଫିଆଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବାରମ୍ବାର ପୁଲିସକୁ ଅବଗତ ପରେ କିଛି ଲାଭ ନ ମିଳିବାରୁ ଶେଷରେ ଗାଁ ମହିଳା ଏକତ୍ରିତ ହୋଇଛନ୍ତି।

ରବିବାର ରାତି ୧୦ଟା ସମୟରେ ଶତାଧିକ ମହିଳା ଚୋରା ମଦ ବେପାରକୁ ବିରୋଧ କରିଥିଲେ। ଏହି ସମୟରେ ଚୋରା ମଦ ବେପାର କରୁଥିବା ବନବିହାରୀ ଦାଶ ଉତ୍ୟକ୍ତ ହୋଇ ମହିଳାଙ୍କୁ ମାରାଣାସ୍ତ୍ର ଦେଖାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଗାଁରେ ଦୀର୍ଘ ଦିନ ହେବ ବନବିହାରୀ ଦାଶ ଗାଁ ଭିତରେ ଏହି ବେପାର ଚଳାଉଥିବାରୁ ମଦ୍ୟପଙ୍କ ଭିଡ଼ ଜମୁଛି। ଏହା ଦ୍ୱାରା ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହିତ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ କାରଣରୁ ଘରୁ ପଦାକୁ ବାହାରିବା କଷ୍ଟକର।



ଚୋରା ମଦ ବେପାରକୁ ମହିଳାଙ୍କ ବିରୋଧ ଖବର ପାଇ ଅସ୍ତରଙ୍ଗ ଥାନା ଏଏସଆଇ ପ୍ରଶାନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଂଚି ଚୋରା ମଦ ବ୍ୟବସାୟ କରୁଥିବା ସରିପୁର ଗ୍ରାମର ବନବିହାରୀ ଦାଶଙ୍କୁ ଥାନାକୁ ଆଣିବା ସହ ବିପୁଳ ପରିମାଣର ମଦ ପୁଲିସ ଜବତ କରିଥିଲେ। ସୋମବାର ମଧ୍ୟାହ୍ନରେ ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ବନବିହାରୀ ଦାଶ(୪୫)ଙ୍କ ନାମରେ ଅସ୍ତରଙ୍ଗ ଥାନା କେଶ ନମ୍ବର ୫୩/୨୫ରେ ମାମଲା ରୁଜୁ କରାଯାଇ ତାଙ୍କ ନିକଟରୁ ୧୮ଲିଟର ୫୦୦ମିଲି ମଦ ଜବତ ସହ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି।

# ସିପାହୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି କମାଣ୍ଡାଣ୍ଟ୍!

## ଅଭିଯୋଗର ଭିଡ଼ିଓ ଭାଇରାଲ
## ଛୁଟି ପାଇଁ ମଗାଯାଉଛି ଟଙ୍କା
## ଆତ୍ମହତ୍ୟା କରିବାକୁ ଚେତାବନୀ

**ଗଞ୍ଜାମ, ୨୪।୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଷ୍ଟମ ବାଟାଲିୟନରେ ମନମାନି ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ଖୋଦ ବାଟାଲିୟନର କମାଣ୍ଡାଣ୍ଟ୍ ମାନସିକ ନିର୍ଯ୍ୟାତନା ଦେଉଥିବା ଜଣେ ସିପାହୀ ଭିଡ଼ିଓ ଜାରି କରି ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ଭିଡ଼ିଓ ଖୁବ୍ ଭାଇରଲ ହେଉଛି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଏହି ଭିଡିଓରେ ସିପାହୀ ଜଣକ ଅସହାୟ ପ୍ରକାଶ କରି ଆତ୍ମହତ୍ୟା ପାଇଁ ଚେତାବନୀ ଦେବା ପରି ଘଟଣା ଦେଖିବାକୁ




ମିଳିଛି। ଗତ କିଛି ଦିନ ଧରି ଏହି ଭିଡ଼ିଓ ଖୁବ୍ ଜୋରରେ ଭାଇରଲ ହେଉଛି। ତେବେ ଆତ୍ମହତ୍ୟା ପାଇଁ ଜାରି କରିଥିବା ଏହି ଭିଡ଼ିଓ ବାର୍ତ୍ତା ସଶସ୍ତ୍ର ପୋଲିସ୍ ବହିନୀରେ ହଟଚମଟ ସୃଷ୍ଟି କରିଛି।

ଭାଇରଲ ହେଉଥିବା ଭିଡ଼ିଓରେ ସିପାହୀ ଜଣକ ଅଭିଯୋଗ କରିଛନ୍ତି କି ତାଙ୍କୁ ବର୍ତ୍ତମାନର କମାଣ୍ଡାଣ୍ଟ୍ ମାନସିକ ନିର୍ଯାତନା ଦେବା ସହ ହଇରାଣ ହରକତ କରୁଛନ୍ତି। ତାଙ୍କ ପିଲାର ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ସେ ଛୁଟି ଆବେଦନ କରିଥିଲେ। କିନ୍ତୁ ତାଙ୍କ କଥା କେହି ଶୁଣିନଥିଲେ ଏବଂ ଛୁଟି ପାଇଁ ତାଙ୍କୁ ଟଙ୍କା ମଗାଯାଇଥିଲା। ଯାହା ଦେବାକୁ ସେ ଅସମର୍ଥ ଥିଲେ। ଏଥିରେ ବାଟାଲିୟନର ଅନ୍ୟ କିଛି କର୍ମଚାରୀ ବି ସାମିଲ ଥିବା ସିପାହୀ ଜଣକ ଭିଡ଼ିଓରେ କହିଛନ୍ତି। କେବକ ଛୁଟି ନୁହେଁ ଡ୍ୟୁଟି ବଣ୍ଟନରେ ବି ପ୍ରିୟାପ୍ରୀତି କରାଯାଉଥିବା ଅଭିଯୋଗ ହୋଇଛି। ସସପେଣ୍ଡ ହେବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ସିପାହୀ ଜଣକ ଏଭଳି ଭିଡିଓ କରିଥିବା ଜଣାପଡ଼ିଛି। ଏଭଳି ଘଟଣାକୁ ନେଇ ବାଟାଲିୟନରେ ଅସନ୍ତୋଷ ତେଜୁଥିବା ଜଣାପଡିଛି। ଯଦିଓ ଚାପ ଏବଂ ଡରରେ କେହି ମୁହଁ ଖୋଲୁନାହାଁନ୍ତି, ତଥାପି ଅସନ୍ତୋଷ ପ୍ରକାଶ କରୁଥିବା ସୂଚନା ମିଳିଛି। ସମ୍ପ୍ରତି ଭାଇରଲ ଭିଡ଼ିଓରେ ସିପାହୀଙ୍କ ଅଭିଯୋଗରେ ଯଦି ସତ୍ୟାସତ୍ୟ ଥାଏ, ତେବେ କମାଣ୍ଡାଣ୍ଟ୍ଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଦେଖିବାକୁ ବାକି ରହିଲା।

ସଂଚାର THE SANCHAR

# ଦୁଇ ନକଲି ପୁଲିସ ଗିରଫ, ଚାକିରି ନାଁରେ ଠକୁଥିଲେ

## ପୁଳା ପୁଳା ଜାଲ ନୋଟ୍ ସହ କାର୍ ଜବତ






**ଭୁବନେଶ୍ୱର,୨୪।୩ (ସଂଚାର ବ୍ୟୁରୋ):** ରାଜଧାନୀରେ ବ୍ଲକିଂ ଚେକିଂ ବେଳେ ଧରାପଡ଼ିଲା ନକଲି ପୋଲିସ । ପୋଲିସ ଆଖିରେ ଧୂଳି ଦେଇ ଖସିବାକୁ ଉଦ୍ୟମ ବେଳେ ଧରିଲା କମିଶନରେଟ ପୋଲିସ। ନକଲି ସବ୍ ଇନ୍ସପେକ୍ଟରକୁ ଗିରଫ କରିଛି ସହିଦନଗର ଥାନା ପୋଲିସ । ଅଭିଯୁକ୍ତ ଜଣଙ୍କ ମାନସ ରଞ୍ଜନ ସେନାପତି । ସେ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି । ପୋଲିସ ୟୁନିଫର୍ମ ସହ କିଛି ନକଲି ଆଇଡି କାର୍ଡ ଓ ନଗଦ ଟଙ୍କା ଜବତ ହୋଇଛି। ଯେଉଁଥିରେ ୨ ଲକ୍ଷ ଟଙ୍କାର ନକଲି ନୋଟ୍ ମଧ୍ୟ ଜବତ ହୋଇଛି । ସେହିପରି ମାନସର ସହଯୋଗୀ ନକଲି କନେଷ୍ଟବଳ ଆଶିଷ ସ୍ୱାଇଁ ମଧ୍ୟ ଗିରଫ ହୋଇଛି ।

କମିଶନରେଟ ପୋଲିସ ସୂଚନା ଅନୁସାରେ, ଗତକାରି (ରବିବାର) ବିଳମ୍ବିତ ରାତିରେ ଭୁବନେଶ୍ୱର ସହୀଦନଗର ଥାନା ପକ୍ଷରୁ ଚେକିଂ ବ୍ଲକିଂ ଚାଲିଥିଲା । ସହିଦନଗର ଅଞ୍ଚଳରେ ଆଇଡିବିଆଇ ଛକରେ ପୋଲିସ ପକ୍ଷରୁ ଚେକିଂ ବେଳେ ଓଡି ୩୩ ଜେଡ୍ ୪୯୮ ନମ୍ବର ଥିବା ଏକ ନୀଳ ରଙ୍ଗର କାରକୁ ପୋଲିସ ଅଟକାଇଥିଲା । କାର ଆଗରେ ପୋଲିସର ଏକ ସାଇନ ବୋର୍ଡ ଥିବା ବେଳେ ପୋଲିସ ଟୋପି ମଧ୍ୟ ରଖାଯାଇଥିଲା । ଚେକିଂ କରୁଥିବା ଅଫିସର ରାତିରେ କେଉଁଆଡେ ଆସିଛନ୍ତି ବୋଲି ପଚାରିଥିଲେ । ଏହି ସମୟରେ ଗାଡିରେ ବସିଥିବା ଜଣେ ଯୁବକ ଗମ୍ଭୀର ସ୍ୱରରେ ଡିଏସପି ମାନସ ସେ ନାପତି ବୋଲି କହି କାର୍‌ର କାଚକୁ ତଳକୁ ଖସାଇଥିଲେ । ଡିଏସପି ପରିଚୟ ଦେଉଥିବା ଯୁବକଙ୍କୁ ପୋଲିସ ତାଙ୍କର ପରିଚୟ ପତ୍ର ମାଗିଥିଲା ।

ସେପଟେ ପୋଲିସ ପୋଷାକରେ ଥିବା ଯୁବକ ଜଣଙ୍କ ନିଜକୁ ଓପିଏସ ଅଫିସର ବୋଲି କହି ଚକମା ଦେବାକୁ ଚେଷ୍ଟା କରିଥିଲେ । ହେଲେ ଗାଡି ଆଗରେ ରଖାଯାଇଥିବା ଟୋପି, ଯାହାକୁ ତଳ ରାଙ୍କ୍‌ର ପୋଲିସ କର୍ମଚାରୀ ବ୍ୟବହାର କରନ୍ତି । ଚେକିଂ ଡ୍ୟୁଟିରେ ଥିବା ଅଫିସର ଟୋପିକୁ ଦେଖି ସନ୍ଦେହରେ ଆଇଡି କାର୍ଡ ମାଗିଥିଲେ। ଯୁବକ ଜଣଙ୍କ ପକେଟରୁ ଏକ ଓଡ଼ିଶା ପୋଲିସ ଲେଖା ଥିବା ଆଇଡି କାର୍ଡ ବାହାର କରିଥିଲେ । ଯେଉଁଥିରେ ଲେଖାଥିଲା ଭଦ୍ରକ ପୋଲିସର ସବ୍ ଇନସ୍ପେକ୍ଟର । ଏସବୁ ଭିତରେ ଚେକିଂ କରୁଥିବା ପୋଲିସ ଅଧିକାରୀଙ୍କ ସନ୍ଦେହ ଆହୁରି ବଢ଼ିଥିଲା । ଯାହାକୁ ନେଇ ଗାଡି ଚେକିଂ କରିବା ପାଇଁ ସହଯୋଗ କରିବାକୁ କହିଥିଲେ ଅଫିସର ।

ବ୍ଲକିଂ ଚେକିଂ କରୁଥିବା ଅଫିସର କାର୍ ଚେକିଂ କରିବାକୁ କହିବାରୁ ଗାଡି ବାହାରକୁ ବାହାରି ଡିଏସପିକୁ ନାଲି ଆଖି ଦେଖାଇଥିଲା ଅଭିଯୁକ୍ତ । ଶେଷରେ ଯାଞ୍ଚ ବେଳେ ଗାଡ଼ି ଭିତରେ କିଛି ନକଲି ଷ୍ଟାମ୍ପ, ପରିଚୟ ପତ୍ର, ବିଭିନ୍ନ ପୋଲିସ ପୋଷାକରେ ଥିବା ଫଟୋ, ପୋଲିସ ୟୁନିଫର୍ମ ସହ ପୋଲିସ ଜୋତା, ବେଲ୍ଟ , କ୍ୟାପ ଓ ଅନ୍ୟାନ୍ୟ କିଛି ନିଯୁକ୍ତି ପତ୍ର ପାଇଥିଲା ପୋଲିସ । ଯେଉଁଥିରେ ପୋଲିସର ସନ୍ଦେହ ଆହୁରି ବଢ଼ିଥିଲା । ପକେଟ ଯାଞ୍ଚ ପରେ ସେମାନଙ୍କ ପାଖରୁ ବିଡା ବିଡା ନକଲି ୫୦୦ ଟଙ୍କିଆ ନୋଟ ମିଳିଥିଲା । ପରେ ସହୀଦନଗର ଥାନାରେ ପୋଲିସ ଅଭିଯୁକ୍ତ ମାନସ ସହ ତାର ସହଯୋଗୀ ନକଲି କନେଷ୍ଟବଳ ଆଶିଷ ସ୍ୱାଇଁଙ୍କୁ ଗିରଫ କରିଛି । ତେବେ ତଦନ୍ତ ବେଳେ ମାନସ ରଞ୍ଜନ ସେନାପତି ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୫ଟି ମାମଲା ଥିବା ଜଣାପଡ଼ିଛି ।

ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ ସୂଚନା ଦେଇ କହିଛନ୍ତି, "ସହୀଦନଗର ଥାନା ଅଞ୍ଚଳରେ ଜଣେ ଲୋକକୁ ଗିରଫ କରାଯାଇଛି । ନିଜକୁ ଡିଏସପି କହି ସେ ବିଭିନ୍ନ ଠକେଇ ଓ କାରବାରରେ ସମ୍ପୃକ୍ତ ଥିଲେ । ତାଙ୍କ ପାଖରୁ ନକଲି ଆଇଡି କାର୍ଡ ଓ ନିଯୁକ୍ତି ପତ୍ର ମିଳିଛି । ଏହାସହ ଏକ କାର ଜବତ ହୋଇଛି । ଯେଉଁଠି ନକଲି ପୋଲିସ ପୋଷାକ ସହ ନକଲି ଭାରତୀୟ ଟଙ୍କା ମଧ୍ୟ ଜବତ କରାଯାଇଛି । ଏହା ଏପରି ଏକ ଢାଞ୍ଚାରେ ଛପା ଯାଇଛି, ଯାହାକୁ ସହଜରେ ଜାଣିହେବ ନାହିଁ ଏହା ଅସଲି କିମ୍ବା ନକଲି । ଏନେଇ ଅଲଗା ମାମଲା ହେବ । କେଉଁଠୁ କିପରି କାରବାର କରୁଥିଲେ, ସେନେଇ ଟଙ୍କା ମଧ୍ୟ ସ୍ୱତନ୍ତ୍ର ଯାଞ୍ଚ କରାଯିବ ।"ତେବେ ରାତ୍ରି ସମୟରେ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବ୍ଲକିଂ ଚେକିଂକୁ ଏବେ ଜୋରଦାର କରାଯାଉଛି। ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ଏନେଇ ବ୍ଲକିଂ ଚେକିଂ ଜାରି ରହିଥିବା ବେଳେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ।

## ବାଲୁକା ଆନିମେସନରେ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ:** ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଆନିମେସନ୍ ଭିଡିଓ ଜରିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଭିନବ ଢଙ୍ଗରେ ପ୍ରସ୍ତୁତ ହୋଇଥିବା ଏହି କ୍ଷୁଦ୍ର ବାଲୁକା ଆନିମେସନରେ ନିଖୁଣ ଭାବରେ ଡା. ପ୍ରଧାନଙ୍କ ଚିତ୍ର ଅତି ନିଖୁଣ ଭାବରେ ଅଙ୍କାଯାଇଛି। ମାନସଙ୍କ ଦ୍ୱାରା ପ୍ରସ୍ତୁତ ଭିଡିଓ ଡା. ପ୍ରଧାନଙ୍କ ପ୍ରତି ଥିବା ସମ୍ମାନ ଓ ସ୍ମୃତିର ବାର୍ତ୍ତା ବହନ କରୁଛି। ଡା. ପ୍ରଧାନ ଓଡ଼ିଶାର ଜଣେ ଅଭିଜ୍ଞ ରାଜନେତା, ବିଶିଷ୍ଟ ଡାକ୍ତର ତଥା ଜଣେ ଉତ୍ସର୍ଗୀକୃତ ସମାଜସେବୀ ଥିଲେ। ଦୁଇ ଥରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଥିବା ଡାକ୍ତର ପ୍ରଧାନ ଜନସେବା, ସ୍ୱାସ୍ଥ୍ୟସେବା ଏବଂ ତୃଣମୂଳ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏକ ଛୋଟ ସହରରୁ ଚାଷୀ ପରିବାରରୁ ଆସି ରାଜ୍ୟର ଜଣେ ସୁନାମଧନ୍ୟ ଡାକ୍ତର ଭାବରେ ପ୍ରତିଷ୍ଠିତ ହେବା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ ସ୍ତରରେ ନେତା ହେବା ଡା ପ୍ରଧାନଙ୍କ ସେବା, ସମର୍ପଣ ଓ ପ୍ରତିବଦ୍ଧତାକୁ ସୂଚାଉଛି। ସମାଜ କଲ୍ୟାଣ ଓ ନୀତିଗତ ନେତୃତ୍ୱ ପ୍ରତି ତାଙ୍କର ଆଜୀବନ ପ୍ରତିବଦ୍ଧତା ଓଡ଼ିଶାର ସାମାଜିକ-ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିପାରିଛି।

## ଟ୍ରକ୍ ସହ ଗଞ୍ଜେଇ ଜବତ, ଦୁଇ ଗିରଫ




**ସୁବର୍ଣ୍ଣପୁର,୨୪।୩ (ସଂଚାର ବ୍ୟୁରୋ):**ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା । ପୋଲିସ ପେଟ୍ରୋଲିଂ ଟିମ ଏବଂ ଅବକାରୀ ବିଭାଗ ପକ୍ଷରୁ ଯାଂଚ କଲାବେଳେ ଦୃତ ଗତିରେ ଯାଉଥିବା ଏକ ଅଶୋକ ଲିଲେଣ୍ଡ ଟ୍ରକକୁ ଅଟକାଇ ଥିଲେ । ଟ୍ରକର ସିକ୍ରେଟ ଚାମ୍ବର ଭିତ୍ରୁ ୮୦ କେଜି ଗଂଜେଇ ଜବତ ହୋଇଛି । ଟ୍ରକଟିକୁ ସିଜ କରିବାସହ ବିହାର ରାଜ୍ୟର ଦୁଇ ଗଂଜେଇ ମାଫିଆ ପ୍ରଦୀପ ବର୍ମା ଏବଂ ବିନୋଦ କୁମାରକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୁଚନା ଅନୁସାରେ, ପଡୋଶୀ ବଉଦ ଜିଲ୍ଲାରୁ ବିହାର ରାଜ୍ୟକୁ ଗଂଜେଇ ଚାଲାଣ ହେଉଥିବା ସମୟରେ ଖବରପାଇ ତରଭା ପାଖରେ ଅବକାରୀ ବିଭାଗ ଟିମ ଛପି ରହିଥିଲେ । ଦୃତ ଗତିରେ ଯାଉଥିବା ଟ୍ରକକୁ ଅଟକାଇ ଯାଂଚ କଲାବେଳେ ସେଥିରୁ ଜରିବସ୍ତାରେ ୪ଟି ଗଂଜେଇ ଭର୍ତ୍ତି ବ୍ୟାଗ ବାହାରିଥିଲା। ଜବତ ଗଂଜେଇର ଓଜନ ୮୦ କେଜି ହୋଇଥିବାବେଳେ ଗିରଫ ଗଂଜେଇ ଚାଲାଣକାରୀ ବିହାର ରାଜ୍ୟର ବୋଲି ଜଣାଯାଇଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ଦାୟର କରାଯିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଅଧିକାରୀ ସୁଚନା ଦେଇଛନ୍ତି ।

### ବନ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣା

## ୪ ଶିକାରୀ ଗିରଫ, ୪ଦେଶୀ ବନ୍ଧୁକ ଜବତ



**ଉଦଳା,୨୪।୩ (ସଂଚାର ବ୍ୟୁରୋ):** ବନ କର୍ମଚାରୀଙ୍କୁ ଗୁଳିମାଡ଼ । ଶିକାରୀ ଧରିବାକୁ ଯାଇଥିଲେ ହେଲେ ନିଜେ ହେଲେ ଶୀକାର । ପୋଡ଼ାଡିହା ରେଞ୍ଜ ମନଭଙ୍ଗା ବିଟ ଅଞ୍ଚଳରେ ଚଢ଼ାଉ ସମୟରେ ବନ ବିଭାଗ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରିଲେ ଶିକାରୀ । ବନ ବିଭାଗ ଏବଂ ଏସଟିପିଏଫ ମଧ୍ୟ ଫାଙ୍କା ଗୁଳି ଚାଳନା କରିଥିଲେ । ଗତକାଲି ରାତିରେ ପୋଡାଡିହା ବନ ବିଭାଗ ଏବଂ ଏସ୍‌ଟିପିଏଫ୍ ମିଳିତ ଭାବେ ମନଭଙ୍ଗା ବିଟ ଅଞ୍ଚଳରେ ଚଢ଼ାଉ କରିଥିଲେ । ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି । ଘଟଣାସ୍ଥଳରୁ ୪ଟି ଦେଶୀ ବନ୍ଧୁକ ଜବତ ହୋଇଛି।

## ଡକାୟତି ଯୋଜନାଫେଲ୍, ୬ ଗିରଫ

**ଚଣ୍ଡିଖୋଲ,୨୪।୩ (ସଂଚାର ବ୍ୟୁରୋ):**ଡକାୟତି ଉଦ୍ୟମ ବେଳେ ଫେଲ୍ ମାରିଲା ପୂର୍ବ ଯୋଜନା। ଏହି ଘଟଣାରେ ଯାଜପୁର ଜିଲ୍ଲା ବଇରୀ ପୋଲିସ ୬ ଜଣ ଲୁଟେରାଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ତିନୋଟି ବାଇକ, ଦୁଇଟି ଭୁଜାଲି, ଗୋଟିଏ ଖେଳନା ବନ୍ଧୁକ, ଲୁହା ରଡ଼, ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ କରିଛି ପୋଲିସ । ଗତକାଲି (ରବିବାର) ରାତିରେ ଏମାନେ ଛତିଆ ଅମରାବତୀ ନିକଟରେ ଲୁଟ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଗିରଫ କରିବାକୁ ସକ୍ଷମ ହୋଇଛି। ଏମାନେ ପୂର୍ବରୁ ବିଭିନ୍ନ ସ୍ଥାନରେ ଡକାୟତି କରୁଥିବା ପୋଲିସ କହିଛି । ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଆଜି ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

### ଛତୁଆ ଖାଇ ଦୁଇ ଭଉଣୀଙ୍କ ମୃତ୍ୟୁ ଘଟଣା

## ଛତୁଆ ନୁହେଁ, ଅଟା ଓ ବେସନ ମିକ୍ସ ଖାଇଥିଲେ

- ସୂଚନା ଦେଲେ ଗଜପତି ଜିଲ୍ଲାପାଳ
- ତିନିଜଣିଆ ଟିମ୍ ଚଳାଇଛି ତଦନ୍ତ

**ଗଜପତି,୨୪।୩(ସଂଚାର ବ୍ୟୁରୋ):** ଗତକାଲି ଗଜପତିରେ ବିଷାକ୍ତ ଛତୁଆ ଖାଇ ଦୁଇ ଜଣ ଶିଶୁ ମୃତ୍ୟୁବରଣ କରିଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ନେଇ ଖବର ଆସିଥିଲା। ଏହାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜାରି ରହିଥିବା ବେଳେ ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏନେଇ ସଠିକ୍ ତଥ୍ୟ ପ୍ରଦାନ ସକାଶେ ତତ୍ପରତା ପ୍ରକାଶ ପାଇଛି। ଏହି ଦୁଇ ଭଉଣୀ ଛତୁଆ ନୁହେଁ, ବରଂ ଅଟା ଓ ବେସନ ମିକ୍ସ ଖାଇଥିଲେ ବୋଲି ଆଜି ସୂଚନା ଦେଇଛନ୍ତି ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ। କିନ୍ତୁ ଖାଦ୍ୟ କେମିତି ବିଷାକ୍ତ ହେଲା ଏବଂ ସେମାନେ ଖାଇଥିବା ଅଟା ଓ ବେସନ ମିକ୍ସ କେଉଁଠୁ ଆସିଥିଲା, ସେନେଇ ତଦନ୍ତ ଜାରି ରହିଛି। ଦୁହିଁଙ୍କ ମୃତ୍ୟୁ ଖାଦ୍ୟ ପାଇଁ ହୋଇଛି କି ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଜାଣିବା ସକାଶେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛି। କିନ୍ତୁ ବିଷକ୍ରିୟା ଯୋଗୁଁ ସେମାନଙ୍କ ମୃତ୍ୟୁ ଘଟିଥିବା ନିଶ୍ଚିତ ବୋଲି ରାଜ୍ୟପାଳ କହିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ମାମଲାରେ ତନାଘନା ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ ହୋଇଛି। ଏହି ଟିମ୍ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେଉଁଥିପାଇଁ ଖାଦ୍ୟ ବିଷାକ୍ତ ହେଲା? ଅଟା ଓ ବେସନ କେଉଁଠୁ ଆସିଥିଲା? ଆଦି ଜାଣିବା ସକାଶେ ଟିମ୍ ପଚରାଉଚରା ଚଳାଇଛି। ସେପଟେ ଉକ୍ତ ଦୁଇ ଭଉଣୀଙ୍କ ମୃତଦେହର ବ୍ୟବଚ୍ଛେଦ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗଜପତି ଆର୍. ଉଦୟଗିରି ବ୍ଲକ ରାମଗିରି ଗାଁରେ ଗତକାଲି ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ଏହାଛଡ଼ା ସେମାନଙ୍କ ବାପା ଓ ବଡ଼ ଭଉଣୀ ମଧ୍ୟ ଗୁରୁତର ଅବସ୍ଥାରେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଥିଲା। ଅଙ୍ଗନବାଡ଼ିରୁ ମିଳିଥିବା ଛତୁଆ ଖାଇବା ଯୋଗୁଁ ସେମାନଙ୍କର ଏପରି ଅବସ୍ଥା ହୋଇଥିବା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା।

### ପିଏମ୍ ଆବାସ ସର୍ଭେ ନେଇ ମନ୍ତ୍ରୀଙ୍କ କଡ଼ା ଚେତାବନୀ

## ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରତିଟି ଗରିବଙ୍କୁ ଛାତ ଘର ଯୋଗାଇଦେବା ସକାଶେ ରାଜ୍ୟ ସରକାର ବଦ୍ଧପରିକର ଥିବା ବେଳେ ଅଦ୍ୟାବଧି ୨୪ ଲକ୍ଷ ୨୨ ହଜାର ୭୭୧ ଜଣ ପିଏମ ଆବାସ ଯୋଜନାରେ ପଞ୍ଜିକରଣ କରିସାରିଛନ୍ତି। ନୂଆ ସରକାର ପିଏମ୍ ଆବାସ ହିତାଧିକାରୀ ଚୟନରେ କୌଣସି ପ୍ରକାର ଅନିୟମିତାକୁ ବରଦାସ୍ତ କରିବେ ନାହିଁ। ପ୍ରତିଟି ଯୋଗ୍ୟ ହିତାଧିକାରୀ ଯେପରି ଘର ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି। ଯଦି କୌଣସି ଅଧିକାରୀ ହିତାଧିକାରୀ ଚୟନରେ ପାତରଅନ୍ତର କରନ୍ତି, ସେ ସମ୍ପର୍କରେ ଜଣାପଡ଼ିବା ମାତ୍ରେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ସେ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେବାକୁ ଯାଇ କହିଛନ୍ତି ଯେ ଆସନ୍ତା ୩୧ ତାରିଖ ସୁଦ୍ଧା ତାଲିକା ବିଭାଗରେ ପହଞ୍ଚିବ। ପଞ୍ଚାୟତ ଓ ବ୍ଲକ ସ୍ତରର ଅଧିକାରୀ ଯଦି କୌଣସି ବି ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ୍ କରିନଥିବେ, ତା'ହେଲେ ଅଭିଯୋଗ ହସ୍ତଗତ ହେବା ମାତ୍ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିଯୋଗ ବିଭାଗ ନିକଟରେ ପହଞ୍ଚିବା ମାତ୍ରେ ତୁରନ୍ତ ବିଭାଗ ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚିବ। ଯଦି ଉଦ୍ଦେଶ୍ୟମୂଳକ ଭାବେ ସାମିଲ୍ କରାଯାଇନଥିବା କୌଣସି ହିତାଧିକାରୀ ଅନୁଭବ କରନ୍ତି, ତା'ହେଲେ ସେମାନେ ତୁରନ୍ତ ଜିଲ୍ଲାପାଳ ଓ ସିଡିଓଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଶ୍ରୀ ନାଏକ କହିଛନ୍ତି। ଆସନ୍ତା ୩୦ ତାରିଖରେ କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ଘର ବାଣ୍ଟିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

ଏଥିସହ ଆଉ ଦୁଇ/ତିନି ପରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବା ନେଇ ପୂର୍ବାନୁମାନ କରାଯାଇଥିବା ବେଳେ ଏହି ସମୟରେ ଗ୍ରାମାଞ୍ଚଳର କୌଣସି ଲୋକ ଯେପରି ଜଳକଷ୍ଟ ନ ଭୋଗିବେ, ତା' ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ବିଭିନ୍ନ ସ୍ଥାନରେ ୫ ଲକ୍ଷ ୧୮ ହଜାର ୨୬୭ଟି ଟ୍ୟୁବୱେଲ୍ କାର୍ଯ୍ୟ କରୁଥିବା ବେଳେ ଚଳିତ ବର୍ଷ ଆହୁରି ୨୦ ହଜାର ୯୦୪ଟି ଟ୍ୟୁବୱେଲ ମଞ୍ଜୁର ହୋଇଛି। ଦରକାର ପଡ଼ିଲେ ଆଉ ଏକ ହଜାର ଟ୍ୟୁବୱେଲ ଖୋଳାଯିବାର ବ୍ୟବସ୍ଥା କରାଯିବ। ଅଦ୍ୟାବଧି ୨ ହଜାର ନଳକୂପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆସନ୍ତା ଜୁନ ୧୫ ସୁଦ୍ଧା ସବୁ ଟ୍ୟୁବୱେଲ ଖୋଳା କାର୍ଯ୍ୟ ଶେଷ ହେବା ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଯେଉଁଠି ଟ୍ୟୁବୱେଲ ଅଚଳ ହୋଇଛି, ସେଠାରେ ନୂଆ ଟ୍ୟୁବୱେଲ ବସାଯିବ। ସ୍କୁଲ ଓ ଅଙ୍ଗନବାଡିରେ ମଧ୍ୟ ଟ୍ୟୁବୱେଲ ବସିବ। ଏ ବାବଦରେ ୩୫୪ କୋଟି ଟଙ୍କା ମଞ୍ଜୁର ହେବା ସହ ବିଭିନ୍ନ ଜିଲ୍ଲାକୁ ଦିଆଯାଇସାରିଛି। ଜଳ ସଙ୍କଟର ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି।

## ଏନ୍‌ଏଚ୍‌ଆର୍‌ସିରେ ବଡ଼ଦାଣ୍ଡ ଉଠାଦୋକାନୀ ଦ୍ୱାରସ୍ଥ

### ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ପୁରୀ,୨୪।୩ (ସଂଚାର ବ୍ୟୁରୋ):** ବଡ଼ଦାଣ୍ଡରୁ ଉଠାଦୋକାନୀ ଉଚ୍ଛେଦ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମାନବାଧିକାର କର୍ମୀ ମନୋଜ କୁମାର ଜେନା । ମାନବାଧିକାର ଆୟୋଗ ଏହି ଆବେଦନକୁ ଗ୍ରହଣ କରି ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଜେନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ପ୍ରୋଟେକ୍ସନ୍ ଅଫ୍ ଲାଇଭ୍ଲିହୁଡ ଆଣ୍ଡ ରେଗୁଲେସନ ଅଫ୍ ଷ୍ଟ୍ରିଟ୍ ଭେଣ୍ଡିଂ ଆକ୍ଟ ୨୦୧୪ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏପରିକି ଦୋକାନୀମାନଙ୍କୁ ମାସିକ ୧୫ ହଜାର ଟଙ୍କା ପ୍ରଦାନ କରାଯିବା ଲାଗି ପ୍ରଶାସନ ଦେଇଥିବା ପ୍ରତିଶ୍ରୁତିରୁ ମଧ୍ୟ ହୁଡ଼ି ଯାଇଛି। ଗତ ୬ ମାସ ହେବ ପ୍ରଶାସନ ଏହାକୁ ବନ୍ଦ କରି ଦେଇଛି।

National Human Rights Commission

### କେରଳ ବିଜେପିର ନୂଆ ମୁଖିଆ ଚନ୍ଦ୍ରଶେଖର

## ଶୁଭେଚ୍ଛା ଜଣାଇଲେ ସହପ୍ରଭାରୀ ଅପରାଜିତା



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** କେରଳ ବିଜେପିର ନୂଆ ସଭାପତି ଭାବେ ରାଜ୍ୟର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ମନୋନୀତ ହୋଇଛନ୍ତି। ଆଜି କେରଳର ତିରୁବନନ୍ତପୁରମର ଉଦୟ ପ୍ୟାଲେସଠାରେ ବିଜେପିର ଜାତୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ଘୋଷଣା କରିଛନ୍ତି। ଘୋଷଣା ସମୟରେ କେରଳ ବିଜେପିର ପ୍ରଭାରୀ ପ୍ରକାଶ ଜାଭଡେକର ଓ ସହପ୍ରଭାରୀ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ୩୦ଟି ବିଜେପି ଜିଲ୍ଲା ଓ ୨୮୦ଟି ମଣ୍ଡଳର ୩ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗତ ତିନି ଦିନ ଧରି କେରଳର ବିଜେପି କାର୍ଯ୍ୟାଳୟରେ ବରିଷ୍ଠ ନେତାଙ୍କୁ ନେଇ ମାନସ ମନ୍ଥନ କରିଥିଲେ ଶ୍ରୀ ଜାଭଡେକର ଓ ଶ୍ରୀମତୀ ଷଡ଼ଙ୍ଗୀ। ଶେଷରେ ସର୍ବସମ୍ମତି କ୍ରମେ ଦଳର କୋର୍ କମିଟି ବୈଠକରେ ଶ୍ରୀ ଚନ୍ଦ୍ରଶେଖରଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଏହି ଘୋଷଣା ପରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ କେରଳ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ବର୍ଷ ବାକି ଅଛି। ସହପ୍ରଭାରୀ ହେବା ପରେ ପ୍ରତି ମାସରେ ସେ ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କୁ ଭେଟୁଛନ୍ତି। ତେଣୁ କେରଳରେ କିଭଳି ଓଡ଼ିଶା ମଡେଲ୍ ପ୍ରୟୋଗ କରି ସେଠାରେ ବି ଡବଲ ଇଞ୍ଜିନ ସରକାର ଗଢ଼ିହେବ, ତା' ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ଶ୍ରୀ ଚନ୍ଦ୍ରଶେଖରଙ୍କ ପାଖରେ କେନ୍ଦ୍ରମନ୍ତ୍ରୀର ଅଭିଜ୍ଞତା ସହ ସମସ୍ତଙ୍କୁ ସାଥୀରେ ନେଇ ଚାଲିବାର ଦକ୍ଷତା ମଧ୍ୟ ରହିଛି। ଆଗକୁ କେରଳ ବିଜେପି କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନାଭିମୁଖୀ ଯୋଜନାକୁ କିଭଳି ଗାଁଗାଁରେ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ କେରଳ ବିଜେପି ଶ୍ରୀ ଚନ୍ଦ୍ରଶେଖରଙ୍କ ରୂପରେ ଜଣେ ଦକ୍ଷ ସଭାପତି ପାଇଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିବା ସହ ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନରେ ନିଶ୍ଚିତ ଭାବେ ବିଜେପି ସରକାରର ଗଢ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ସ୍ତ୍ରୀର ଆତ୍ମହତ୍ୟା ଧମକ, ଝଗଡ଼ା ସ୍ୱାମୀଙ୍କୁ ବ୍ଲାକମେଲିଂ ସଦୃଶ



**କଟକ,୨୪।୩(ସଂଚାର ବ୍ୟୁରୋ):** ଜଣେ ସ୍ତ୍ରୀ ବାରମ୍ବାର ଆତ୍ମହତ୍ୟା ଧମକ ଦେବା ଓ ଝଗଡ଼ା କରିବା କେବଳ ସ୍ୱାମୀଙ୍କ ପ୍ରତି ଅତ୍ୟାଚାର ନୁହେଁ, ବରଂ ଏହା ମାନସିକ ଅତ୍ୟାଚାର ବୋଲି ଓଡ଼ିଶା ହାଇକୋର୍ଟ ମତ ଦେଇଛନ୍ତି। ଛାଡ଼ପତ୍ର ମାମଲାରେ ପରିବାର ଅଦାଲତଙ୍କ ବିବାହ ବିଚ୍ଛେଦ ଆଦେଶକୁ ବଜାୟ ରଖି ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସୂଚନାନୁଯାୟୀ, ୨୦୦୩ରେ ବିବାହ କରିଥିବା ଜଣେ ବ୍ୟକ୍ତି ଗତ ୨୦୦୯ରେ ନିଷ୍ଠୁରତା ଆଧାରରେ ଛାଡ଼ପତ୍ର ମାଗିଥିଲେ। ସେ କୋର୍ଟଙ୍କ ନିକଟରେ ଏହି ଆବେଦନ କରିବା ସମୟରେ ସ୍ତ୍ରୀଙ୍କ ଆଚରଣ ତାଙ୍କ ପାଇଁ ବିବାହ ଜାରି ରଖିବା ସମ୍ଭବ ନୁହେଁ ବୋଲି କହିଥିଲେ। ସେ ତାଙ୍କ ଅଭିଯୋଗରେ ନିୟମିତ ଭାବେ କଳିଝଗଡ଼ା, ଆର୍ଥିକ ନିୟନ୍ତ୍ରଣ, ଆତ୍ମହତ୍ୟା ନେଇ ବାରମ୍ବାର ଧମକ ଏବଂ ତାଙ୍କ ବୃଦ୍ଧ ପିତାମାତାଙ୍କୁ ବଳପୂର୍ବକ ଘରୁ ବାହାର କରିଦେବା ଆଦି ସାମିଲ୍ ଥିଲା। ଏହି ମାମଲାର ଶୁଣାଣି କରି କଟକର ପରିବାର ଅଦାଲତ ସ୍ୱାମୀଙ୍କ ଦ୍ୱାରା ସ୍ଥାୟୀ ଭରଣପୋଷଣ ବାବଦରେ ୬୩ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ବିବାହ ବିଚ୍ଛେଦ ପାଇଁ ମଞ୍ଜୁରୀ ଦେଇଥିଲେ। ତଥାପି ମହିଳା ଜଣଙ୍କ ଦାମ୍ପତ୍ୟ ଜୀବନକୁ ଫେରିବା ଉଦ୍ଦେଶ୍ୟ ନେଇ ହାଇକୋର୍ଟରେ ଉକ୍ତ ଆଦେଶ ବିରୋଧରେ ଆବେଦନ କରିଥିଲେ। ଏହି ମାମଲାର ରାୟ ଦେବା ସମୟରେ କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଜୀବନସାଥୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବାରମ୍ବାର ଆତ୍ମହତ୍ୟା କିମ୍ବା ତା'ଠାରୁ ଅସହ୍ୟ ଧମକ କେବଳ ଭାବପ୍ରବଣତାକୁ ଅତିକ୍ରମ କରିଯାଏ। ଏହା ଭାବପ୍ରବଣ ଦୁର୍ବଳତାର ଘୋର ଅପବ୍ୟବହାର ଓ ମାନସିକ ଯୁଦ୍ଧର ଏକ ସ୍ପଷ୍ଟ ରୂପକୁ ଦର୍ଶାଏ। ବିଚାରପତି ବିପି ରାଉତରାୟ ଓ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି।

### ପିକ୍‌ଅପ୍ ଭ୍ୟାନ୍‌କୁ ଗୋଡ଼େଇ ଗୋଡ଼େଇ ଧରିଲା ଅବକାରୀ ବିଭାଗ

## ୪୫୫ ଲିଟର ମଦ ଜବତ,ମାଫିଆ ଥରହର

**ଆଠଗଡ଼,୨୪।୩(ସଂଚାର ବ୍ୟୁରୋ):** ଅନ୍ଧାର ରାତିରେ ପୂରା ଫିଲ୍ମ ଷ୍ଟାଇଲରେ ମଦ ବୋଝେଇ ପିକ୍‌ଅପ ଭ୍ୟାନକୁ ଗୋଡ଼େଇ ଗୋଡ଼େଇ ଧରିଛି ଅବକାରୀ ବିଭାଗ। ଅବଶ୍ୟ ଅବକାରୀ ବିଭାଗ ଗାଡ଼ି ଉକ୍ତ ମଦ ବୋଝେଇ ଭ୍ୟାନ୍‌କୁ ଗୋଡ଼ାଉଥିବା ସମୟରେ ମଦ ମାଫିଆମାନେ ଖସି ପଳାଇବା ସକାଶେ ମଦ ଭର୍ତ୍ତି ଜାରକିନ ଫିଙ୍ଗିଥିଲେ। କିନ୍ତୁ ଶେଷରେ ଅବକାରୀ ବିଭାଗର କର୍ମଚାରୀମାନେ ଉକ୍ତ ଗାଡ଼ିକୁ ଧରିବା କରିବା ସହ ସେଥିରୁ ୪୫୫ ଲିଟରର ଚୋରା ଦେଶୀ ମଦ ଜବତ କରିଛନ୍ତି। କଟକ ଜିଲ୍ଲାର ଆଠଗଡ଼ରେ ଗତକାଲି ବିଳମ୍ବିତ ରାତିରେ ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି।

ମିଳିଥିବା ସୂଚନାନୁସାରେ, ଆଠଗଡ଼ ଅଞ୍ଚଳରୁ ମଦ ବୋଝେଇ ହୋଇଥିବା ଉକ୍ତ ପିକ୍‌ଅପ ଭ୍ୟାନଟି ବାଙ୍କି, କଳାପଥର ଦେଇ ନୟାଗଡ଼ ଆଡକୁ ଯାଉଥିବା ସମୟରେ ବାଙ୍କି ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ତୁରନ୍ତ ବିଭାଗୀୟ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ଧରିବା ସକାଶେ ପିଛା କରିଥିଲେ। କିନ୍ତୁ ବାଙ୍କି ଅବକାରୀ ଟିମକୁ ଚକମା ଦେଇ ମଦ ବୋଝେଇ ଭ୍ୟାନ୍‌ଟି ପୁଣି ଆଠଗଡ଼ ତିଗିରିଆ ଅଞ୍ଚଳକୁ ଫେରିଆସିଥିଲା। ଏହି ସମୟରେ ଅବକାରୀ ଟିମ୍‌କୁ ଦେଖି ମଦ ମାଫିଆମାନେ ଗାଡ଼ି ଉପରକୁ ମଦ ଭର୍ତ୍ତି ଜାରକିନ୍ ଫିଙ୍ଗିଥିଲେ।



ମାଫିଆମାନଙ୍କ ଉଦ୍ଦେଶ୍ୟ ଥିଲା ଯେ ଜାରକିନ ଭୟରେ ଅବକାରୀ ଟିମ୍‌ର ସଦସ୍ୟମାନେ ପଛକୁ ଫେରିବେ କିମ୍ବା ଗାଡ଼ି ଗତି କମାଇଲେ ସେମାନେ ଗାଡ଼ି ନେଇ ଫେରାର ହୋଇଯିବେ। କିନ୍ତୁ ବାଙ୍କୀ ଅବକାରୀ ବିଭାଗ ତୁରନ୍ତ ଏନେଇ ଆଠଗଡ ଅବକାରୀ ବିଭାଗକୁ ଅବଗତ କରିଥିଲା। ଫଳରେ ଉଭୟ ଟିମ୍ ମିଳିତ ଭାବେ ୩ରୁ ୪ ଘଣ୍ଟା ଉକ୍ତ ଭ୍ୟାନ୍ ପଛରେ ଗୋଡ଼ାଇବା ପରେ ଶେଷରେ ମଦ ମାଫିଆମାନେ ଆଉ କୌଣସି ଉପାୟ ନ ପାଇ ଗାଡି ଛାଡ଼ି ଫେରାର ହୋଇଯାଇଥିଲେ। ଉକ୍ତ ଭ୍ୟାନ୍‌ରୁ ୪୫୫ଲିଟର ଚୋରା ଦେଶୀ ମଦ ସହ ମିଳିଥିଲା। ଉଭୟ ମଦ ଆଉ ପିକ୍‌ଅପ୍ ଭ୍ୟାନ୍‌କୁ ଆଠଗଡ ଅବକାରୀ ବିଭାଗ ଜବତ କରିଥିଲା। ଉକ୍ତ ମହିନ୍ଦ୍ରା ପିକଅପ୍ ଭ୍ୟାନ୍‌ର ନମ୍ବର ଓଡି୦୫ ବିଟି ୩୮୦୮ ବୋଲି ଜଣାପଡ଼ିଛି। ଉକ୍ତ ଗାଡ଼ିଟିକୁ ବାଙ୍କୀ ଟି-ସେତୁଠାରୁ ଗୋଡାଇ ଗୋଡାଇ ଅବକାରୀ କର୍ମଚାରୀମାନେ ନୂଆପାଟଣା ଜଙ୍ଗଲ ମଧ୍ୟରେ ଅଟକାଇଥିଲେ। ଏନେଇ ଏକ ମାମଲା ରୁଜୁ କରାଯିବା ସହ ତୁରନ୍ତ ମଦ ମାଫିଆମାନଙ୍କୁ ଗିରଫ କରାଯିବ ବୋଲି ଆଠଗଡ଼ ଅବକାରୀ ଉପଅଧୀକ୍ଷକ କହିଛନ୍ତି। ତେବେ ଅବକାରୀ ବିଭାଗର ଏପରି ନଛୋଡ଼ବନ୍ଧା ନୀତି ପରେ ସ୍ଥାନୀୟ ଅଞ୍ଚଳର ମଦ ମାଫିଆମାନେ ଭୟରେ ଥରହର ହୋଇଛନ୍ତି।

## ବଢୁଛି ଔଷଧର ପ୍ରକାର, କମୁଛି ବ୍ୟୟ ବରାଦ



**ଭୁବନେଶ୍ୱର,୨୪।୩:** ରାଜ୍ୟରେ ରୋଗୀମାନଙ୍କୁ ଯୋଗାଯାଉଥିବା ମାଗଣା ଔଷଧର ତାଲିକା ବୃଦ୍ଧି ପାଉଥିବାବେଳେ ଏ ବାବଦୀୟ ଖର୍ଚ୍ଚ କିନ୍ତୁ କମିବାରେ ଲାଗିଛି। ଏଭଳି ସ୍ଥଳେ ରୋଗୀମାନେ କିଭଳି ଗୁଣାତ୍ମକ ଔଷଧ ପାଇବେ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ରାଜ୍ୟ ସରକାର ନିରାମୟ ଯୋଜନାରେ ରୋଗୀମାନଙ୍କୁ ସରକାରୀ ଚିକିତ୍ସାଳୟରେ ମାଗଣା ଔଷଧ ଯୋଗାଇ ଦେଉଛନ୍ତି । ଏଥିପାଇଁ ଗଠନ ହୋଇଛି ରାଜ୍ୟ ଔଷଧ ନିଗମ । ସରକାର ବ୍ୟୟବରାଦ କରିବାପରେ ଔଷଧ ନିଗମ ଟେଣ୍ଡର ଜରିଆରେ ଔଷଧ ଖରିଦ କରିଥାଏ । ୨୦୧୭-୧୮ ବର୍ଷରେ ରାଜ୍ୟ ସରକାର ରୋଗୀମାନଙ୍କ ପାଇଁ ୩୯୫ ପ୍ରକାରର ଔଷଧ ଖରିଦ କରିଥିବାବେଳେ ଏଥିପାଇଁ ୧୬୪ କୋଟି ଟଙ୍କା ବ୍ୟୟ କରିଥିଲେ ।

ଏହା ପରଠାରୁ ବର୍ଷକୁ ବର୍ଷ ଔଷଧର ପ୍ରକାର ସହିତ ସରକାରଙ୍କର ବ୍ୟୟ ଅଟକଳ ବଢ଼ି ବଢ଼ି ଚାଲିଥିଲା । ୨୦୨୧-୨୨ ବର୍ଷରେ ଖରିଦ ହୋଇଥିବା ଔଷଧର ପ୍ରକାର ୫୯୭ ଥିବାବେଳେ ସରକାର ୫୨୬ କୋଟି ଟଙ୍କା ମୂଲ୍ୟର ଔଷଦ ଖରିଦ କରିଥିଲେ । ତେବେ ଏହା ପରବର୍ଷ ଯଦିଓ ଔଷଧର ପ୍ରକାର ବୃଦ୍ଧି ପାଇ ୬୭୮ରେ ପହଞ୍ଚିଥିଲା କିନ୍ତୁ ସରକାରଙ୍କର ଔଷଧ ଖରିଦ ବାବଦୀୟ ବ୍ୟୟ ପରିମାଣ ୫୨୩ କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

୨୦୨୩-୨୪ ବର୍ଷରେ ଖରିଦ ହୋଇଥିବା ଔଷଧର ପ୍ରକାର ୫୯୫କୁ ହ୍ରାସ ପାଇଥିବାବେଳେ ସରକାର କିନ୍ତୁ ୬୩୦ କୋଟି ୩୬ଲକ୍ଷ ଟଙ୍କାର ଔଷଧ କିଣିଥିଲେ । ଚଳିତ ଆର୍ଥିକ ବର୍ଷରେ ସରକାର ୭୪୧ ପ୍ରକାରର ଔଷଦ ଖରିଦ କରିଥିବାବେଳେ ଏ ବାବଦରେ କିନ୍ତୁ ୪୪୯ କୋଟି ୪୩ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି । ରାଜ୍ୟରେ ଔଷଧର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ହଠାତ୍ ଖରିଦ ପରିମାଣ ହ୍ରାସ ପାଇବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ରାଜ୍ୟ ସରକାର ଟେଣ୍ଡର ଜରିଆରେ ରୋଗୀମାନଙ୍କ ପାଇଁ ସିଧାସଳଖ ଔଷଧ କିଣି ଯୋଗାଇ ଦେଉଥିବାବେଳେ ବରାଦ ଅର୍ଥରୁ ୧୦ ପ୍ରତିଶତ ଜିଲ୍ଲାମାନଙ୍କୁ ଏବଂ ୩୦ ପ୍ରତିଶତ ଅର୍ଥ ମେଡିକାଲ କଲେଜଗୁଡ଼ିକୁ ଯୋଗାଇ ଦିଆଯାଇଛି । ଅତ୍ୟାବଶ୍ୟକ ସ୍ଥଳେ ଏହି ଅର୍ଥରେ ସେମାନେ ଔଷଧ କିଣି ରୋଗୀଙ୍କୁ ଯୋଗାଇଦେବେ । ତେବେ ଏହି ଅର୍ଥରେ ସାଧାରଣ ରୋଗୀମାନେ ଔଷଧ ପାଇବା ଏତେ ସହଜ ହେଉନାହିଁ । ତେଣୁ ଏହି ଅର୍ଥରେ କିଭଳି ଓ କେତେ ପରିମାଣର ଔଷଧ କେଉଁଠାରୁ ଖରିଦ ହେଉଛି ତାହାର ନିୟମିତ ସମୀକ୍ଷା କରାଯିବା ପାଇଁ ମତପ୍ରକାଶ ପାଉଛି । ବର୍ତ୍ତମାନ ସରକାରୀ ଚିକିତ୍ସାଳୟଗୁଡ଼ିକରେ ରୋଗୀମାନଙ୍କୁ ବାହାରୁ ଔଷଧ ନଲେଖିବାପାଇଁ ଡାକ୍ତରମାନଙ୍କୁ କଡା ତାଗିଦ କରାଯାଇଛି । ତେଣୁ ସେମାନେ ସରକାରଙ୍କ ଔଷଧ ତାଲିକା ଅନୁଯାୟୀ ପ୍ରେସକ୍ରିପସନ ଲେଖୁଛନ୍ତି । ହେଲେ ସରକାରୀ ଯେଭଳି ଭାବେ ଔଷଧ ଖରିଦ ପରିମାଣ ହ୍ରାସ କରୁଛନ୍ତି ତାହା ଫଳରେ ନିୟମିତ ଭାବେ ସରକାରୀ ଔଷଧ ସେବନ କରୁଥିବା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଥାଇରଏଡ୍ ଆଦି ରୋଗୀମାନେ ପ୍ରଭାବିତ ହେବା ନେଇ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

କମିଲା ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୭୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୨୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୭୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୨୯୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୨୯୦ ଟଙ୍କା ଓ ୮୯,୭୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୪୪୦ ଟଙ୍କା ଓ ୮୯, ୯୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୨୯୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୭୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୨୯୦ ଓ ୮୯,୭୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଇଟାଲୀରେ ବିବାହ କରିବେ ଜେଫ୍-ଲରେନ୍



ନୂଆଦିଲ୍ଲୀ ୨୪।୩: ଆମାଜନ୍ ମୁଖ୍ୟ ଜେଫ୍ ବେଜୋସ୍ ତାଙ୍କ ବାନ୍ଧବୀ ଲରେନ୍ ସାଞ୍ଚେଜ୍‌ଙ୍କୁ ଚଳିତ ବର୍ଷ ଜୁନ୍ ଆଡ଼କୁ ଇଟାଲୀର ଭେନିସ୍‌ରେ ବିବାହ କରିବେ। ୨୦୧୮ରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୩ ମେ'ରେ ସେମାନେ ନିର୍ବନ୍ଧ କରିଥିଲେ। ତାହାର ଦୁଇ ବର୍ଷ ପରେ ପରସ୍ପରକୁ ଦୁହେଁ ବିବାହ କରିବାକୁ ଯାଉଛନ୍ତି। ଘନିଷ୍ଠ ଲୋକମାନଙ୍କୁ ସେ ନିମନ୍ତ୍ରଣ କାର୍ଡ ପଠାଇଥିବା ଦାବି କରାଯାଉଛି। ଇଟାଲୀରେ ଥିବା ବେଜୋସ୍‌ଙ୍କ ବିଳାସପୂର୍ଣ୍ଣ ୟଟ୍‌ରେ ସେମାନେ ବିବାହ କରିବେ। ସେହି ସ୍ଥାନରେ ଲରେନଙ୍କୁ ବେଜୋସ୍ ପ୍ରେମ ନିବେଦନ କରିଥିଲେ। ତେଣୁ ତାହା ତାଙ୍କ ପାଇଁ ବେଶ୍ ସ୍ୱତନ୍ତ୍ର।

**ସମସ୍ତ କାର୍ କମ୍ପାନୀ କଲେ ବଡ଼ ଘୋଷଣା**

# ଏପ୍ରିଲ ପହିଲାରୁ ମହଙ୍ଗା ହେବ କାର୍



**ନୂଆଦିଲ୍ଲୀ, ୨୪।୩:** ଦେଶରେ କାର କିଣିବା ଏବେ ଆହୁରି ମହଙ୍ଗା ହେବାକୁ ଯାଉଛି। ଭାରତରେ କାର ବିକ୍ରି କରୁଥିବା ଅନେକ କାର ବ୍ରାଣ୍ଡ ସେମାନଙ୍କ କାରର ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ୧ ଏପ୍ରିଲ୍ ୨୦୨୫ରୁ ମାରୁତି ସୁଜୁକି, ଟାଟା, କିଆ, ହୁଣ୍ଡାଇ ଏବଂ ହୋଣ୍ଡା ସମେତ ଅନେକ କାର୍ କମ୍ପାନୀ ସେମାନଙ୍କ ଗାଡ଼ିର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। କାର ମହଙ୍ଗା ହେବାର କାରଣ ଇନପୁଟ୍ ଖର୍ଚ୍ଚ ବୃଦ୍ଧି ବୋଲି କୁହାଯାଉଛି।

ମାରୁତି ସୁଜୁକି ଏହାର ସମ୍ପୂର୍ଣ୍ଣ ଲାଇନ-ଅପ୍‌ର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି। ମାରୁତି ସୁଜୁକି କାରର ମୂଲ୍ୟ କେତେ ବୃଦ୍ଧି ପାଇବ ସେ ବିଷୟରେ ଅଟୋ ନିର୍ମାତା ଏପର୍ଯ୍ୟନ୍ତ କୌଣସି ସୂଚନା ଦେଇନାହାଁନ୍ତି। କିନ୍ତୁ କମ୍ପାନୀ କହିଛି ଯେ ବଢ଼ିଥିବା ଇନପୁଟ୍ ଖର୍ଚ୍ଚ ଏବଂ ପରିଚାଳନା ଖର୍ଚ୍ଚ ଯୋଗୁଁ କାରଗୁଡ଼ିକର ମୂଲ୍ୟ ବୃଦ୍ଧି କରାଯାଉଛି। କହିରଖୁଛୁ, ମାରୁତି ସୁଜୁକି ଚଳିତ ବର୍ଷ ତୃତୀୟ ଥର ପାଇଁ କାରର ମୂଲ୍ୟ ବୃଦ୍ଧି କରୁଛି।ଟାଟା ମୋଟର୍ସ ମଧ୍ୟ ଆଇସିଇ, ସିଏନଜି ଏବଂ ଇଲେକ୍ଟ୍ରିକ୍ କାର ଗୁଡ଼ିକର ମୂଲ୍ୟ ୩ ପ୍ରତିଶତ ବୃଦ୍ଧି କରିବାକୁ ଯାଉଛି। ଏହି ବ୍ରାଣ୍ଡର ନେକ୍ସନ, ପଞ୍ଚ, କର୍ଭ, ହାରିଅର, ସଫାରି, ଟିଗୋର, ଟିଆଗୋ ଏବଂ ଅଲଟ୍ରୋଜ ଭଳି ଗାଡ଼ିଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବାକୁ ଯାଉଛି। କାରର ମୂଲ୍ୟ ବୃଦ୍ଧି ସମ୍ପର୍କରେ ଅଟୋମେକରମାନେ କହିଛନ୍ତି ଯେ ବଢ଼ିଥିବା ଇନପୁଟ୍ ଖର୍ଚ୍ଚ ଯୋଗୁଁ କାର୍ ମୂଲ୍ୟ ବୃଦ୍ଧି କରିବା ଆବଶ୍ୟକ। ହୁଣ୍ଡାଇ କାରଗୁଡ଼ିକ ମଧ୍ୟ ୩ ପ୍ରତିଶତ ମହଙ୍ଗା ହେବାକୁ ଯାଉଛି।

ଏହି କାରଗୁଡ଼ିକର ତାଲିକାରେ ଗ୍ରାଣ୍ଡ ଆଇ୧୦ରୁ ଆୟନିକ ୫ ସାମିଲ ରହିଛି। ସେହି ସମୟରେ, କାରର ମୂଲ୍ୟ ବୃଦ୍ଧି ଭାରତୀୟ ବଜାରରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଥିବା ହୁଣ୍ଡାଇ କ୍ରେଟା ଇଭି ଉପରେ ମଧ୍ୟ ପ୍ରଭାବ ପକାଇପାରେ। କିଆ କାରଗୁଡ଼ିକ ମଧ୍ୟ ୩ ପ୍ରତିଶତ ପର୍ଯ୍ୟନ୍ତ ମହଙ୍ଗା ହେବାକୁ ଯାଉଛି। ଗାଡ଼ି କମ୍ପାନୀ କହିଛି ଯେ ଗାଡ଼ିର ମୂଲ୍ୟ ବୃଦ୍ଧି ପରେ ମଧ, କିଆ କ୍ୱାଲିଟି ବଜାୟ ରଖିବା ଉପରେ ଧ୍ୟାନ ଦେବ। ସେହି ସମୟରେ, ରେନଲ୍ଟ କାରର ମୂଲ୍ୟରେ ଦୁଇ ପ୍ରତିଶତ ବୃଦ୍ଧି ହେବ। ହୋଣ୍ଡା ମଧ୍ୟ ଏହାର ସମ୍ପୂର୍ଣ୍ଣ ରେଞ୍ଜର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି।

ବିଏମଡବ୍ଲ୍ୟୁ ମଧ୍ୟ ଏହାର ସମସ୍ତ ମଡେଲର ମୂଲ୍ୟ ତିନି ପ୍ରତିଶତ ବୃଦ୍ଧି କରିବାକୁ ଯାଉଛି। ଏହି ଗାଡିଗୁଡ଼ିକର ତାଲିକାରେ ବିଏମଡବ୍ଲ୍ୟୁ ୨ ସିରିଜ୍ ଏବଂ ବିଏମଡବ୍ଲ୍ୟୁ ଏକ୍ସଏମ ସାମିଲ ରହିଛି। ଏହା ସହିତ ମିନି କୁପର ଏସ୍ ଏବଂ ମିନି କଣ୍ଟ୍ରିମ୍ୟାନର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବାକୁ ଯାଉଛି। ବିଳାସପୂର୍ଣ୍ଣ କାର୍ କମ୍ପାନୀଗୁଡ଼ିକ ମଧ୍ୟରେ ବିଏମଡବ୍ଲ୍ୟୁ ପ୍ରଥମ ବ୍ରାଣ୍ଡ ଯିଏ ଏପ୍ରିଲ ୧ ରୁ କାର୍ ମୂଲ୍ୟ ବୃଦ୍ଧି ଘୋଷଣା କରିଛି।

## ବିଦେଶ ଯିବ ଓଡ଼ିଶା ଆମ୍ବ



**ଭୁବନେଶ୍ୱର,୨୪।୩(ସଂଚାର ବ୍ୟୁରୋ):** ଓଡ଼ିଶା ବିଦେଶକୁ ଆମ୍ବ ପଠାଇବ। ଏନେଇ ସୋମବାର ଲୋକସେବା ଭବନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୧୫ବର୍ଷ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି । ରାଜ୍ୟ ସରକାରଙ୍କ ସହିତ କୁଇନ ପାତ୍ର ଓ ପ୍ରଧାନ ଏନଜିଓ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଢେଙ୍କାନାଳର ଆମ୍ବ ମିଠା ଆମ୍ବ। ସେହି ଆମ୍ବର ଚାହିଦା ବିଦେଶରେ ରହିଥିବାରୁ ତାକୁ ରପ୍ତାନି କରାଯିବା ନେଇ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ଅନେକ ସ୍ଥାନରୁ ଆମ୍ବ ବିଦେଶକୁ ରପ୍ତାନି ହୋଇଛି । ଗତ ବର୍ଷ ରାୟଗଡ଼ାରୁ ବିଦେଶକୁ ଆମ୍ବ ପଠାଯାଇଥିଲା। ସେହିଭଳି ମିଶନ ଶକ୍ତି ମାଧ୍ୟମରେ ବିଦେଶକୁ ଓଡିଶାର ବିଭିନ୍ନ ସାମଗ୍ରୀ ରପ୍ତାନି ନେଇ ଦ୍ୱିତୀୟ ଚୁକ୍ତି ହୋଇଛି । ଲୋକସେବା ଭବନରେ ଦୁଇ ଉପ ମୁଖ୍ୟମନ୍ତ୍ରୀ, କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡା ତଥା ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଏହି ଚୁକ୍ତି ହୋଇଛି। ଏହି ଚୁକ୍ତି ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଉତ୍ପାଦକୁ ଗୁରୁତ୍ୱ ଦିଆଯିବ।

## ଭାରତରେ ଲଞ୍ଚ ହେଲା ଆଷ୍ଟନ ମାର୍ଟିନ ଭାନକୁଇସ୍

**ନୂଆଦିଲ୍ଲୀ, ୨୪।୩:** ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ପ୍ରତ୍ୟେକ ମାସରେ ହେଉ କିମ୍ବା ବର୍ଷର ହେଉ କିଛି ନା କିଛି କାର୍ ଏବଂ ବାଇକ୍ ଲଞ୍ଚ ହେଉଛି। ଯାହା ଲୋକମାନଙ୍କୁ ବେସ୍ ଖୁସି ମଧ୍ୟ କରାଉଛି। ଏହି ଲୋକମାନଙ୍କ ଖୁସିକୁ ଦେଖି ବର୍ତ୍ତମାନ ମାର୍କେଟରେ ଲଞ୍ଚ ହୋଇଛି ଏକ ପାୱାରଫୁଲ୍ କାର୍। ଯାହାର ନାମ ରହିଛି-ଆଷ୍ଟନ ମାର୍ଟିନ ଭାନକୁଇସ। ଏହି କାରର ନାଁ ଟି ଆପଣଙ୍କୁ ନିଶ୍ଚିତ ଭାବରେ ଅଜବ ଲାଗୁଥିବ। ହେଲେ କାରରେ ରହିଛି ପାୱାରଫୁଲ୍ ଫିଚର୍ସ, ଯାହା ବିଷୟରେ ଜାଣିଲେ ଆପଣ ହେବେ ଆଶ୍ଚର୍ଯ୍ୟ। ତେବେ ଆସନ୍ତୁ ଜାଣିବା ଏହି କାରର ଡିଟେଲ୍ସ।

ଆଷ୍ଟନ ମାର୍ଟିନ ଭାନକୁଇସ (ଆଷ୍ଟନ ମାର୍ଟିନ ଭାନକ୍ୱିଶ) ର ଥାର୍ଡ ଜେନେରେସନ୍ ମଡେଲ୍ ମାର୍କେଟରେ ଲଞ୍ଚ ହୋଇଛି। ଏହି କାରର ମୂଲ୍ୟ ରୋଲ୍ସ-ରୟେସି ଘୋଷ୍ଟ ସହିତ ସମାନ। ଏକ୍ସଟେରିୟର ସହିତ ନୂଆ ଆଷ୍ଟନ ମାର୍ଟିନ ଜିଟିର ଇଣ୍ଟେରିୟରକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏହି କାରଟି ଲଞ୍ଚ ହେବା ମାତ୍ରେ ଏହା ଏହି ବ୍ରାଣ୍ଡର ଫାସଟେଷ୍ଟ ରନିଙ୍ଗ୍ କାର ହୋଇଗଲା। ଏହି ଆଷ୍ଟନ ମାର୍ଟିନ କାରର ସ୍ପିଡ୍ ବୁଲେଟ୍ ଟ୍ରେନ୍ ସହିତ ଟକ୍କର ଦେଇଥାଏ। ଆଷ୍ଟନ ମାର୍ଟିନ ଭାନକୁଇସ (ଆଷ୍ଟନ ମାର୍ଟିନ ଭାନକ୍ୱିଶ) ରେ ୫.୨ ଲିଟର ଟ୍ୱିନ୍-ଟର୍ବୋ ଭି୧୨ ଇଞ୍ଜନ ଲାଗିଛି। ଖାସ୍ କଥା ହେଉଛି ଯେ ଏହି କାରର ଇଞ୍ଜନକୁ ହାଇବ୍ରିଡ୍ ସିଷ୍ଟମ ସହିତ ଆଡ୍ କରାଯାଇ ନାହିଁ। ଏହି କାରର ଇଞ୍ଜିନ୍ ୮୩୫ ଏଚପିର ପାୱାର ମିଳିଥାଏ ଏବଂ ୧,୦୦୦ ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଏହି ଗାଡ଼ିଟି ୮-ସ୍ପିଡ୍ ଟ୍ରାନ୍ସମିସନ୍ ମାଧ୍ୟମରେ ପଛ ଟାୟାରକୁ ପାୱାର ପ୍ରଦାନ କରେ। ଆଷ୍ଟନ୍ ମାର୍ଟିନ୍ ଭାନକ୍ୱିସ୍ ମାତ୍ର



୩.୩ ସେକେଣ୍ଡରେ ୦ ରୁ ୧୦୦ କେଏମପିଏଚର ସ୍ପିଡ୍ ବଢ଼ାଇପାରିବ। ଏହି କାରର ଟପ୍-ସ୍ପିଡ୍ ୩୪୫କେଏମପିଏଚ ରହିଛି, ଯାହା ବୁଲେଟ୍ ଟ୍ରେନର ଅପରେସନାଲ୍ ସ୍ପିଡ୍ ଅପେକ୍ଷା ଅଧିକ।

ଭାରତରେ ମୁମ୍ବାଇ ଏବଂ ଅହମ୍ମଦାବାଦ୍ ମଧ୍ୟରେ ବୁଲେଟ୍ ଟ୍ରେନ୍ ପ୍ରୋଜେକ୍ଟ ଉପରେ କାମ ଚାଲିଛି। ଏହି ପ୍ରୋଜେକ୍ଟ ୨୦୨୮ସୁଦ୍ଧା ସମାପ୍ତ ହୋଇପାରେ। ଏଥି ସହ ଯେତେବେଳେ ଭାରତରେ ବୁଲେଟ୍ ଟ୍ରେନ୍ ଚାଲିବ, ଏହାର ସ୍ପିଡ୍ ଘଣ୍ଟା ପ୍ରତି ୩୨୦ କିଲୋମିଟର ହେବ। ସେହିଭଳି ଆଷ୍ଟନ୍ ମାର୍ଟିନ୍ ଭାନକ୍ୱିଶର ଟପ୍-ସ୍ପିଡ୍ ହେଉଛି – ୩୪୫ କେଏମପିଏଚ। ଆପଣମାନେ ଜାଣି ରଖନ୍ତୁ ଯେ ଏହି ନୂଆ ଆଷ୍ଟନ୍ ମାର୍ଟିନ ଭାନକ୍ୱିସରେ କେବଳ ଦୁଇଜଣ ଲୋକ ଏକାଠି ଯାତ୍ରା କରିପାରିବେ। ଏହି ଗାଡ଼ିର ୨-ସିଟର ଇଣ୍ଟେରିୟରେ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରାଯାଇଛି। ଏହି ଗାଡ଼ିରେ ୧୦.୨୫-ଇଞ୍ଚର ଟଚସ୍କ୍ରିନ୍ ଅଟୋର ଫିଚର ସାମିଲ୍ ଅଛି। ଏହି କାରରେ ଡ୍ରାଇଭର ଡିସପ୍ଲେ ପାଇଁ ନୂଆ ସଫ୍ଟୱେର୍ ଲଗାଯାଇଛି। ପ୍ରଥମ ଥର ପାଇଁ, ଆଷ୍ଟନ୍ ମାର୍ଟିନ୍ ଏହି ସୁପର ଲଗଜରୀ କାରରେ ଫିକ୍ସଡ୍ ଗ୍ଲାସରୁଫ୍ ର ଅପ୍ସନ ମଧ୍ୟ ଦିଆଯାଇଛି।

ଆଷ୍ଟନ୍ ମାର୍ଟିନ୍ ଭାନକ୍ୱିସର ଏକ୍ସ-ଶୋରୁମ୍ ପ୍ରାଇସ୍ ୮.୮୫ କୋଟି ଟଙ୍କାରୁ ଆରମ୍ଭ ହେଉଛି। ଏହି କାରର ମୂଲ୍ୟ ପ୍ରାୟ ରୋଲ୍ସ-ରଏସ୍ ଘୋଷ୍ଟ ସହିତ ସମାନ୍। ଏହି ବର୍ଷ ଫେବୃଆରୀ ୨୦୨୫ ରେ ଭାରତରେ ରୋଲ୍ସ-ରଏସ୍ ଘୋଷ୍ଟ ସିରିଜ୍ II ଲଞ୍ଚ ହୋଇଥିଲା। ଏହି ଲଗଜରୀ କାରର ଏକ୍ସ-ଶୋରୁମ୍ ପ୍ରାଇସ୍ ୮.୯୫ କୋଟି ଟଙ୍କାରୁ ଆରମ୍ଭ ହେଉଛି। ଏଥି ସହ ଯଦି ଆପଣ କିଛି ଲଗଜରୀ କାର୍ କିଣିବା ପାଇଁ ପ୍ଲାନ୍ କରୁଛନ୍ତି ତେବେ ଏହି କାର୍ ଆପଣଙ୍କ ପାଇଁ ବେଷ୍ଟ ହୋଇପାରିବ।

## ୧୦ ବର୍ଷରେ ଦୁଇଗୁଣା ହେଲା ଭାରତୀୟ ଅର୍ଥନୀତି

**ନୂଆଦିଲ୍ଲୀ,୨୪।୩:** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମଏଫ) ତଥ୍ୟ ଅନୁଯାୟୀ, ଭାରତ ଗତ ୧୦ ବର୍ଷ ମଧ୍ୟରେ ୧୦୫ ପ୍ରତିଶତ ଅଭିବୃଦ୍ଧି ସହିତ ଏହାର ଜିଡିପି (ମୋଟ ଘରୋଇ ଉତ୍ପାଦ) ଦ୍ୱିଗୁଣିତ କରିଛି, ଯାହା ୨୦୧୫ ରେ ୨.୧ ଟ୍ରିଲିୟନ ଡଲାରରୁ ୨୦୨୫ ରେ ୪.୩ ଟ୍ରିଲିୟନ ଡଲାର ହୋଇଛି। ଭାରତ ତୁଳନାରେ, ସମାନ ସମୟ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନାର ଜିଡିପି ଯଥାକ୍ରମେ ୬୬ ପ୍ରତିଶତ ଏବଂ ୪୪ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହିତ, ଭାରତ ବର୍ତ୍ତମାନ ଯୁକ୍ତରାଷ୍ଟ୍ର (୩୦.୩ ଟ୍ରିଲିୟନ ଡଲାର), ଚାଇନା (୧୯.୫ ଟ୍ରିଲିୟନ ଡଲାର), ଜର୍ମାନୀ (୪.୯ ଟ୍ରିଲିୟନ ଡଲାର) ଏବଂ ଜାପାନ (୪.୪ ଟ୍ରିଲିୟନ ଡଲାର) ପରେ ବିଶ୍ୱର ଜିଡିପି ଦୃଷ୍ଟିରୁ ପଞ୍ଚମ ବୃହତ ଦେଶ। ଆଇଏମଏଫ ତଥ୍ୟ ଅନୁଯାୟୀ, ଭାରତ ଖୁବ୍ ଶୀଘ୍ର ଜାପାନକୁ ପଛରେ ପକାଇବାକୁ ଯାଉଛି। ଗତ ଦଶନ୍ଧିରେ ଯୁକ୍ତରାଜ୍ୟର ଜିଡିପି ୨୮ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଫ୍ରାନ୍ସର ଜିଡିପି ରେ ୩୮ ପ୍ରତିଶତ ଅଭିବୃଦ୍ଧି ଘଟିଛି, ୨୦୧୫ ରେ ୨.୪ଟ୍ରିଲିୟନ ଡଲାରରୁ ୨୦୨୫ ରେ ୩.୩ ଟ୍ରିଲିୟନ




ଡଲାର ହୋଇଛି। ୫୦ ପ୍ରତିଶତରୁ ଅଧିକ ଜିଡିପି ଅଭିବୃଦ୍ଧି ସହିତ ଅନ୍ୟାନ୍ୟ ଶ୍ରେଷ୍ଠ ଅର୍ଥନୀତିଗୁଡ଼ିକ ହେଲେ ରୁଷ (୫୭ ପ୍ରତିଶତ), ଅଷ୍ଟ୍ରେଲିଆ (୫୮ ପ୍ରତିଶତ) ଏବଂ ସ୍ପେନ୍ (୫୦ ପ୍ରତିଶତ)।

ଭାଜପା ନେତା ଅମିତ ମାଲବ୍ୟ ତାଙ୍କ X ପୋଷ୍ଟରେ ଅଭୂତପୂର୍ବ ହାରରେ ଭାରତର ଜିଡିପି ଅଭିବୃଦ୍ଧି ଦର୍ଶାଉଥିବା ଆଇଏମଏଫ ତଥ୍ୟ ସେୟାର କରିଛନ୍ତି। ସେ କହିଛନ୍ତି, "ଭାରତ ଏକ ଉଲ୍ଲେଖନୀୟ ଅର୍ଥନୈତିକ ମାଇଲଖୁଣ୍ଟ ହାସଲ କରିଛି, ୨୦୧୫ ରେ ଏହାର ଜିଡିପି ୨.୧ ଟ୍ରିଲିୟନ ଡଲାରରୁ ୨୦୨୫ ରେ ୪.୩ ଟ୍ରିଲିୟନ ଡଲାର ହୋଇଛି – ଏହା ଅନ୍ୟ କୌଣସି ପ୍ରମୁଖ ବିଶ୍ୱ ଅର୍ଥନୀତି ଦ୍ୱାରା ଅତୁଳନୀୟ ୧୦୫ % ଅଭିବୃଦ୍ଧି। ଏହି ଅସାଧାରଣ ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱ ଏବଂ ତାଙ୍କ ସରକାରଙ୍କ ନିଷ୍ଠୁର ପ୍ରୟାସର ପ୍ରମାଣ।" "ସକ୍ରିୟ ଅର୍ଥନୈତିକ ନୀତି, ସାହସିକ ସାଂରଚନିକ ସଂସ୍କାର ଏବଂ ବ୍ୟବସାୟ କରିବାର ସହଜତା ଉପରେ ନିରନ୍ତର ଧ୍ୟାନ ଦେଇ, ମୋଦି ସରକାର ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତିର ସ୍ଥାନକୁ ନେଇଯାଇଛି – ସ୍ୱାଧୀନତା ପରଠାରୁ ପୂର୍ବ କୌଣସି ସରକାର ଏପରି ପୁରସ୍କାର ପାଇ ନଥିଲେ। ଆଜି, ଏହି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ କେବଳ ଭାରତର ଅର୍ଥନୈତିକ ପ୍ରସାରକୁ ଆଗେଇ ନେଉନାହିଁ ବରଂ ଏହାକୁ ପାରମ୍ପରିକ ବିଶ୍ୱ ଶକ୍ତିଶାଳୀ ଦେଶଗୁଡ଼ିକ ଅପେକ୍ଷା ଆଗରେ ରଖିଛି, ଯାହା ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଙ୍କେତ ଦେଉଛି," ସେ ଆହୁରି ମଧ୍ୟ କହିଛନ୍ତି।

## ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓର ପ୍ରାଧାନ୍ୟ ବିସ୍ତାର

**୪ ଲକ୍ଷରୁ ଅଧିକ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ**

**ଭୁବନେଶ୍ୱର, ୨୪।୩:** ଓଡ଼ିଶାରେ ଉପଲବ୍ଧ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା, ଜିଓ ଫାଇବର ଏବଂ ଜିଓ ଏୟାରଫାଇବରର ଲୋକପ୍ରିୟତା ବଳରେ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି ରିଲାଏନ୍ସ ଜିଓ। ରାଜ୍ୟରେ ୪ ଲକ୍ଷରୁ ଅଧିକ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ହାସଲ କରି ଜିଓ ୱାୟାରଲାଇନ୍ ବା ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ତାର ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ୨୦୨୪ ଡିସେମ୍ବର ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧୬,୬୦୦ ରୁ ଅଧିକ ନୂତନ ଜିଓ ଫାଇବର ଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ୱାୟାରଲାଇନ୍ କ୍ଷେତ୍ରରେ ସର୍ବାଧିକ ୬୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ୪ ଲକ୍ଷ ୱାୟାରଲାଇନ୍ ଗ୍ରାହକ ସଂଖ୍ୟା ଅତିକ୍ରମ କରିଥିବା ଜିଓ ରାଜ୍ୟରେ




ଏକମାତ୍ର ସେବା ପ୍ରଦାନକାରୀ ହୋଇଛି। ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ତିନି ଗୁଣରୁ ଅଧିକ। ୨୦୨୪ ଡିସେମ୍ବର ୩୧ ସୁଦ୍ଧା, ଜିଓର ରାଜ୍ୟରେ ୪୦୦୯୨୫ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ରହିଛନ୍ତି। ଏହି ଗ୍ରାହକମାନେ ସର୍ବଶ୍ରେଷ୍ଠ ବିଶ୍ୱସ୍ତରୀୟ ହୋମ ଏଣ୍ଟରଟେନମେଣ୍ଟ (ଗୃହ ମନୋରଞ୍ଜନ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଉପଭୋଗ କରୁଛନ୍ତି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୧ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି।

## ମହିଳାଙ୍କ ଆୟ ବଢ଼ାଇଛି ଡ୍ରାଗନ୍ ଫ୍ରୁଟ୍

**ଭୁବନେଶ୍ୱର, ୨୪।୩:** କେନ୍ଦୁଝର ଜିଲ୍ଲାର ଏକ ଦୁର୍ଗମ ଗାଁର ପାଞ୍ଚ ମହିଳା ବିଦେଶୀ ଡ୍ରାଗନ ଫ୍ରୁଟ୍ ଚାଷ କରି ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭୀମକୁଣ୍ଡ ଜଳପ୍ରପାତ ଠାରୁ ୨୦ କିମି ଏବଂ ବାରିପଦାଠାରୁ ୬୦ କିମି ଦୂରରେ ଥିବା ସାହାରପଡ଼ା ବ୍ଲକ ତାଳପଡା ଗାଁର ଉମା ମହାନ୍ତ, ସଂଗୀତା ମହାନ୍ତ, ବନିତା ମହାନ୍ତ, ସରସ୍ୱତୀ ମହାନ୍ତ ଏବଂ ସୁଲୋଚନା ମହାନ୍ତ ପୂର୍ବରୁ ପରିବାରର ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ ପାଇଁ ପରିବା ଚାଷ କରୁଥିଲେ। କିନ୍ତୁ ଦୀର୍ଘକାଳୀନ ଉଦ୍ୟାନ କୃଷିରେ ଅଧିକ ଲାଭ ହେଉଥିବା ଜାଣିବା ପରେ ବିଦେଶୀ ଡ୍ରାଗନ ଫ୍ରୁଟ୍ ଚାଷ ପାଇଁ ଆଗ୍ରହୀ ହୋଇଥିଲେ। ସାମାଜିକ ସଂଗଠନ ସିୱାଇଏସ୍‌ଡି, ଡିଏମ୍ଏଫ୍ ଏବଂ ଏପିସି କର୍ମକର୍ତ୍ତାଙ୍କ ଆର୍ଥିକ ତଥା ବୈଷୟିକ ସହାୟତାରେ ପ୍ରାୟ ୨ ବର୍ଷ ପୂର୍ବେ ୧.୨୦ ଏକର ଜମିରେ ଡ୍ରାଗନ ଫ୍ରୁଟ୍ ଚାଷ ଆରମ୍ଭ କରିଥିଲେ। ଚାଷ ପୂର୍ବରୁ ଏହି ପାଞ୍ଚ ଆଗ୍ରହୀ ମହିଳାଙ୍କୁ ନେଇ ମା ତାରିଣୀ ପ୍ରଡ୍ୟୁସର୍ ଗ୍ରୁପ ଗଠନ କରାଯାଇଥିଲା। ଜମିର ବିକାଶ ପରେ ଟିଟିଲାଗଡ଼ରୁ ଅଣାଯାଇଥିଲା ୧୭୨୦ଟି ଲାଲ୍ କିସମ ଡ୍ରାଗନ୍ ଫ୍ରୁଟ୍ ଚାରା। ଆବଶ୍ୟକୀୟ ଯତ୍ନ ଓ



ଦେଖାରେଖା ଫଳରେ ରୋପଣର ୮/୯ମାସ ମଧ୍ୟରେ ଅମଳ ହୋଇଥିଲା ଫଳ। ପ୍ରଥମ ବର୍ଷ ୬୦ରୁ ୭୦କେଜି ଏବଂ ଦ୍ୱିତୀୟ ବର୍ଷ ୭୦ରୁ ୮୦କେଜି ଫଳ ଉତ୍ପାଦନ କରିଥିଲେ ଏହି ଉତ୍ସାହୀ ମହିଳା। କେଜି ପ୍ରତି ୨୦୦ଟଙ୍କା ଦରରେ କେନ୍ଦୁଝର ଓ କରଞ୍ଜିଆ ବଜାରରେ ଏସବୁ ଫଳ ବିକ୍ରି ହୋଇଥିଲା। ଡିଏମ୍ଏଫ୍‌ରୁ ୩ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିବାରୁ ଏହି ଚାଷ କରିବା ସେମାନଙ୍କ ପାଇଁ ସହଜ ହୋଇଥଲା। ଯେଉଁ ଜମିରେ ପାରମ୍ପରିକ ପରିବା ଚାଷ କରି ଚାଷୀ କ୍ଷତି ସହୁଥିଲେ ସେହି ଜମିରେ ଡ୍ରାଗନ୍ ଫ୍ରୁଟ୍ ଚାଷ କରି ଦୁଇଗୁଣ ଅଧିକ ଆୟ କରିବାରେ ସକ୍ଷମ ହୋଇଛନ୍ତି ମା ତାରିଣୀ ଉତ୍ପାଦିକା ଦଳ। କମ୍ ପରିଚାଳନା ଖର୍ଚ୍ଚ ସହିତ ସ୍ୱାଭିମାନ ଓ ସମ୍ମାନଜନକ ଜୀବନ ଜିଇଁବାରେ ଫଳ ଚାଷ ସହାୟକ ହୋଇଥିବା କହିଛନ୍ତି ତାଳପଡ଼ାର ଏହି ସ୍ୱରୋଜଗାରୀ ମହିଳା। ସୋମବାର ସିୱାଇଏସ୍‌ଡିର ୪୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ସଚିବ ମନୋଜ କୁମାର ଆହୁଜା ଏମାନଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ଦିନରେ ସେମାନେ ଡ୍ରାଗନ୍ ଫ୍ରୁଟ୍‌ର ଚାରା ପ୍ରସ୍ତୁତ କରି ବିକ୍ରି କରିବା ସହିତ ୫ ଏକର ଜମିରେ ଏହି ଚାଷ କରିବା ଲାଗି ଯୋଜନା ରଖିଥିବା କହିଛନ୍ତି।

## ଭାରତରେ ୧୮୦ କର୍ମଚାରୀ ଛଟେଇ କଲା ବିମାନ ନିର୍ମାତା କମ୍ପାନି ବୋଇଂ

**ନୂଆଦିଲ୍ଲୀ,୨୪।୩:** ବିମାନ ନିର୍ମାତା କମ୍ପାନି ବୋଇଂ ଭାରତରେ ୧୮୦ କର୍ମଚାରୀଙ୍କୁ ଛଟେଇ କରିଛି। ସାରା ବିଶ୍ୱରେ କର୍ମଚାରୀ ଛଟେଇ ଯୋଜନାର ଅଂଶ ଭାବେଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି କମ୍ପାନି କହିଛି। ଖର୍ଚ୍ଚ କାଟ ଏବଂ ପରିଚାଳନା ଟିମ୍‌ରେ ଜରୁରୀ ପରିବର୍ତ୍ତନ ଆଧାରରେ କମ୍ପାନି ବାଙ୍ଗାଲୋରର ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି କେନ୍ଦ୍ରରେ ୧୮୦ କର୍ମଚାରୀଙ୍କୁ କାଢ଼ି ଦେଇଛି। ବର୍ତ୍ତମାନ ବିଶ୍ୱ ବଜାରର ଚ୍ୟାଲେଞ୍ଜିଂ ସ୍ଥିତିକୁ ସାମ୍ନା କରୁଛି କମ୍ପାନି। ଘରୋଇ ବଜାରରେ ବୋଇଂର ୭ ହଜାର କର୍ମଚାରୀ ରହିଛନ୍ତି। ବୋଇଂ ଲାଗି ଭାରତ ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦% କର୍ମଚାରୀ କାଢ଼ିବା ନେଇ ପୂର୍ବରୁ କମ୍ପାନି ଘୋଷଣା କରିଥିଲା।

## ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ହଇରାଣ

# ରବିବାର ଦିନ ଧାଡ଼ିରେ କଟୁଛି ଓଳିଏ

**ହିଞ୍ଜିଳିକାଟୁ,୨୪।୩(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ଆଖପାଖର ପ୍ରାୟ ୪ଠଟି ଅଂଚଳର ଲୋକେ ଏହି ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟକୁ ନିର୍ଭର କରୁଛନ୍ତି। ବିଭିନ୍ନ ଯୋଜନାରେ ସରକାର ଏବେ ଅନେକ ସୁବିଧା ମାଗଣା କରି ଦେଇଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବେଳେ ତଦନୁଯାୟୀ ଭିତ୍ତିଭୂମି ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସୀମିତ ଭିତ୍ତିଭୂମି ଏବଂ ସମ୍ବଳରେ ଚାଲିଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ପରିସ୍ଥିତି ଏମିତି, ରୋଗୀ ଡ଼ାକ୍ତରଙ୍କୁ ରୋଗ ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ରୋଗୀମାନେ ସକାଳୁ ଆସି ଲମ୍ବା ଧାଡିରେ ରହି ଟିକଟ କାଟି ଡ଼ାକ୍ତରଙ୍କୁ ରୋଗ ଦେଖାଇବାକୁ ଲମ୍ବାଧାଡ଼ି ଯନ୍ତ୍ରଣାରେ ରହିଥିବାର ନଜିର ଆସିଛି । କାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପାଇଁ ପ୍ରାୟ ଡାକ୍ତର ଆସୁନଥିବା ଯୋଗୁଁ ୨ଜଣ ଡ଼ାକ୍ତର ନିଯୁକ୍ତିରେ ରହିଥିଲେ। ତେଣୁ ଡ଼ାକ୍ତର ଅଭାବ ଯୋଗୁ ରୋଗୀମାନେ ସକାଳୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ଜଣାପଡିଛି। ଡାକ୍ତର ଏବଂ ଆନୁସଙ୍ଗିକ ଭିତ୍ତିଭୂମି ଅଭାବ ଯୋଗୁଁ ଏଠାରେ ଦୈନିକ ଶତାଧିକ ରୋଗୀ ସମସ୍ୟା ଭୋଗୁଛନ୍ତି। ଡାକ୍ତରଙ୍କୁ ଅପେକ୍ଷା କରି ସେମାନଙ୍କ ଓଳିଏ କଟୁଛି, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାର ପ୍ରମୁଖ ପେଣ୍ଠସ୍ଥଳ ଏହି ଉପଖଣ୍ଡ ଚିକିତ୍ସାଳୟ ଏବେ ମୁରବୀବିହୀନ ହୋଇପଡ଼ିଛି। ଯନ୍ତ୍ରଣାରେ ଛଟପଟ ହେଉଥିଲେ ବି ରୋଗୀଙ୍କୁ କେହି ଆହା କରୁନାହାନ୍ତି। ଫଳରେ ଏଠାକୁ ଆସିବା ଅପେକ୍ଷା ବେସରକାରୀ ଚିକିତ୍ସାଳୟକୁ ଯିବାକୁ ରୋଗୀମାନେ ବେଶି ପସନ୍ଦ କରୁଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ କରିବା ଦିଗରେ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏଭଳି ଅବ୍ୟବସ୍ଥାର ପ୍ରତିକାର କରି ଉପଯୁକ୍ତ ପଦକ୍ଷେପ ନେଇ ସାଧାରଣ ରୋଗୀଙ୍କୁ ନ୍ୟାୟ ମିଳୁ ନେଇ ଜନସାଧାରଣରେ ଦାବି ହୋଇଛି ।



## ଶନି ଓ କାଳି ମନ୍ଦିରରୁ ସିରିଜ୍ ଚୋରି



**ନୀଳଗିରି,୨୪।୩(ସଂଚାର ବ୍ୟୁରୋ):** ରବିବାର ବିଳମ୍ବିତ ରାତିରେ ପୋଖଶୁଳ ବରାଇରଥିବା ମା ଶ୍ୟାମାକାଳିଙ୍କ ମନ୍ଦିର ଏବଂ ନିକଟସ୍ଥ ଚତରସାହି ଗ୍ରାମରେ ଥିବା ଶନିମନ୍ଦିରରୁ ତାଲା ଭାଙ୍ଗି ମାଙ୍କ ସୁନାଅଳଙ୍କାର ସମେତ ହୁଣ୍ଡିବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ସକାଳ ସମୟରେ କିଛି ଶ୍ରଦ୍ଧାଳୁ ମାଙ୍କ ଦର୍ଶନରେ ଆସି ଗ୍ରିଲର ତାଲା ଭଙ୍ଗାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଶ୍ୟାମାକାଳୀ ମନ୍ଦିରରେ ମା'ଙ୍କ ମୁକୁଟ ସହିତ ସୁନାରୂପା ଓ ହୁଣ୍ଡିବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ବେଳେ ଚତରସାହି ଗ୍ରାମର ଶନିଦେବଙ୍କ ପ୍ରତିମୂର୍ତ୍ତିରେ କନାଗୁଡ଼ାଇ ମୁକୁଟ, ସୁନାଚାନ୍ଦି ସମେତ ରୂପା ଅଳଙ୍କାର ଏବଂ ଦାନଟଙ୍କା ଲୁଟି ନେଇଥିଲେ।ଖବରପାଇ ନୀଳଗିରି ପୋଲିସ ସହନୀ କୁକୁର ସହିତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ମାତ୍ର ପ୍ରାଥମିକ ତଦନ୍ତରେ ପୋଲିସକୁ କୌଣସି ସୂତ୍ରାକ ମିଳିନଥିବା ଜଣାପଡ଼ିଛି। ଏନେଇ ନୀଳଗିରି ଥାନାରେ ୧୧୨/୨୫ ଏବଂ ୧୧୩/୨୫ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।ତେବେ ନୀଳଗିରି ଉପଖଣ୍ଡ ଅଞ୍ଚଳରେ ଏଭଳି ବାରମ୍ବାର ଚୋରି ହେଉଥିବା ମଧ୍ୟ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଲୁଟ୍ କରିଚାଲିଛନ୍ତି।

## ସଂଗ୍ରାମୀ ଯୋଦ୍ଧା ବୀରଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବ'ଙ୍କ ଫାଶୀ ଦିବସ ପାଳନ



**ଯାଜପୁର ରୋଡ଼, ୨୪।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ହୋଟେଲ ରୟାଲ କଳିଙ୍ଗ ଠାରେ ସଂଗ୍ରାମୀଯୋଦ୍ଧା ବୀରଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବ'ଙ୍କ ୯୪ତମ ଫାଶୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସହୀଦ ଭଗତ ସିଂ ଯୁବକ ସଂଘ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶହୀଦ ଦିବସ ପାଳନ କରିବା ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ସମାଜସେବୀ ନରେଶ ମସ୍କରା ଉଦଘାଟନ କରିଥିଲେ।ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମାଜସେବୀ ଅନୁଷ୍ଠାନ, ଛାତ୍ର ଛାତ୍ରୀ ମାନଙ୍କୁନେଇ ସଂଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଏବଂ ଝୋଟି ଆଦି ପ୍ରତିଯୋଗିତା କରାଯାଇ ପ୍ରତିଭା ଚୟନ କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇର ଯୁବବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ପିୟୁଷ କାନ୍ତ ପାଣି, ସାମ୍ବାଦିକ ତଥା ଶିକ୍ଷାବିତ ଅଭୟ କୁମାର ପତି ଏବଂ ପୂର୍ବତନ କାଉନସିଲର ସୌମେନ୍ଦ୍ର କୁମାର ରାଉତ ଯୋଗଦେଇ ମହାନ ସଂଗ୍ରାମୀ ଭଗତ ସିଂ'ଙ୍କ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ବ୍ୟାଙ୍ଗ କବି ବାଇଧର ମାଝୀ ମଂଚ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରାଯାଇଥିଲା। ଶେଷରେ ସଂଘର ବରିଷ୍ଠ ସଭ୍ୟ ଦୀପକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ସଭ୍ୟ ସଂଘର ସମସ୍ତ ସଦସ୍ୟ ମାନେ ସହଯୋଗ ପ୍ରଦାନ କରିଥିଲେ।

## 'ପ୍ରାଇଡ୍' ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ




**ବୈଶିଙ୍ଗା,୨୪।୩(ସଂଚାର ବ୍ୟୁରୋ):** ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ପ୍ରାଇଡ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ନେହେରୁ ଯୁବ ସଂଗଠନ, ମୟୁରଭଞ୍ଜଙ୍କ ମିଳିତ ଆନୁକୁଲ୍ୟରେ ବେତନଟୀ ବ୍ଲକ ଅଧିନସ୍ଥ ଗଡଦେଉଳିଆ ଗ୍ରାମପଞ୍ଚାୟତର ପୋଖରୀସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କମ୍ୟୁନିଟି ହେଲେ ଅଫିସର ଶାଶ୍ୱତୀ ବାରିକ୍, ବହୁମୁଖି ମହିଳା ସ୍ୱାସ୍ଥ୍ୟ କର୍ମୀ ସନ୍ଧ୍ୟାରାଣୀ ଶତପଥୀ, ଆଶା କର୍ମୀ ନାଉରୀ ସିଂ, ପ୍ରାଇଡ ସ୍ୱେଚ୍ଛାସେବୀ ସଂଗଠନର ସାଧାରଣ ସମ୍ପାଦକ ଆଶିଷ ପରିଡ଼ା, ସଂଗଠନର ସଦସ୍ୟ ମାନଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗର କାରଣ, ଲକ୍ଷଣ ଓ ନିରାକରଣ ଉପରେ କମ୍ୟୁନିଟି ହେଲେ ଅଫିସର ଓ ବହୁମୁଖି ମହିଳା ସ୍ୱାସ୍ଥ୍ୟ କର୍ମୀ ଆଲୋକପାତ କରିଥିଲେ ଓ ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ଓଡ଼ିଆରେ ଲିଫ୍ଲେଟ୍ ବଣ୍ଟନ କରାଯାଇଥିଲା। ଗଡଦେଉଳିଆ ଗ୍ରାମଟି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଏହି କାର୍ଯ୍ୟକ୍ରମଟି ସେଠାରେ କରିବା ପାଇଁ ଚୟନ କରାଯାଇଥିଲା । ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମା ରୋଗ ସଂପୂର୍ଣ୍ଣ ଭଲ ହୋଇ ପାରିବ ବୋଲି ଡାକ୍ତର ପ୍ରକାଶ କରିଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ୧୨୫ ଅଭିଯୋଗ ଦରଖାସ୍ତ




**ସୁବର୍ଣ୍ଣପୁର,୨୩।୩ (ସଂଚାର ବ୍ୟୁରୋ):** ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୨୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୧୪ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୫ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ବୀରମହାରାଜପୁର ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସିଂ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ବୀରମହାରାଜପୁର ସୁଚିସ୍ମିତା ପାଣିଗ୍ରାହୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ମରଣ ଯନ୍ତା ପାଲଟିଛି ବୈଶିଙ୍ଗା -ରୁପସା ରାସ୍ତା

ଯାନବାହାନ ଚଳାଚଳରେ ବାଧା ଉପୁଜୁଛି



**ବୈଶିଙ୍ଗା,୨୪।୩(ସଂଚାର ବ୍ୟୁରୋ):** ଓଡିଶାରେ ଶାସନ ଗାଦିକୁ ୨୫ ବର୍ଷ ଧରି ସମ୍ଭାଳିଥିବା ପୂର୍ବ ବିଜେଡି ସରକାର କେତେ ସ୍ୱଚ୍ଛ ତାହାର ପ୍ରମାଣ ହେଲା ରାସ୍ତା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପୂର୍ବରୁ ପ୍ରଥମେ ଗମନାଗମନ ବ୍ୟବସ୍ଥାକୁ ବିଚାରକୁ ନିଆଗଲେ ରାସ୍ତାକାମ ନାମରେ କେବଳ ଅର୍ଥ ହରିଲୁଟ୍ ହୋଇଥିବାର ଜଣାଯାଏ।ଯେଉଁ ରାସ୍ତା ତିଆରି ହେବାକୁ ତିନି ମାସ ସମୟ ଲାଗେ ସେ ସେହି ରାସ୍ତା ତିନି ମାସରେ ମଧ୍ୟ ନଷ୍ଟ ହୋଇଯାଇଥାଏ। ଏହାର ପ୍ରମାଣ ସ୍ୱରୂପ ବୈଶିଙ୍ଗା -ରୁପ୍ସା ରାସ୍ତାର ଅବସ୍ଥାକୁ ଦେଖିଲେ ଯାଇ ବୁଝାପଡିବ। ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ୫ କି.ମି.ରାସ୍ତା ସମ୍ପୂର୍ଣ ହୋଇଥିଲା ବେଳେ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇ ଥିବାର ଦେଖାଯାଇଛି। ଏହି ରାସ୍ତାଟି ୧୮ନଂ ଜାତୀୟ ରାଜପଥ ବୈଶିଙ୍ଗା ଠାରୁ ୬୦ ନଂ ଜାତୀୟ ରାଜପଥ ରୁପ୍ସା ସହିତ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଭାରିଯାନ ଚଳାଚଳ କରିଥାଏ। ପ୍ରତିବର୍ଷ ଏହି ରାସ୍ତାର କିଛି ଅଂଶ ନୂଆ ପିଚୁ ହେବା ସହିତ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାଯାଇଛି। ସେହିଭଳି ଦୁଇବର୍ଷ ତଳେ ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ଯେଉଁ ରାସ୍ତା ପ୍ରସସ୍ତିକରଣ କରାଯାଇଥିଲା ତା ପାଇଁ ପ୍ରାୟ ଦୁଇ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂତ୍ରରୁ ଜଣାଯାଏ। ମାତ୍ର ସେହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୈନିକ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ସହିତ ଅକର୍ମଣ୍ୟ ହେବା ଏବଂ ମୃତ୍ୟୁବରଣ କରିଥିବାର ମଧ୍ୟ ନଜିର ରହିଛି। ନୂଆ ବିଜେପି ସରକାର ଙ୍କୁ ବହୁ ଅଭିଯୋଗ ପରେ ଅଳ୍ପ ଅଳ୍ପ ସ୍ଥାନରେ ପେଚିଂ କରାଯାଇଛି ସତ ମାତ୍ର ତାହା ମଧ୍ୟ ଉଠିଗଲାଣି । ଏଣୁ ଏହି ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଦାବୀ ହେଉଛି। ବିଭାଗୀୟ ଅଧିକାରୀ ନିଜେ ରାସ୍ତାର ଅବସ୍ଥା ଦେଖି ମରାମତିର ଆବଶ୍ୟକତା ଅଛି କି ନାହିଁ ଜାଣିପାରିବେ।ଯେଉଁ ଠିକାଦାର କାର୍ଯ୍ୟ କରିଛନ୍ତି ତାଙ୍କର ମରାମତି ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ କାହିଁକି ହୋଇପାରୁନାହିଁ ବୋଲି ଚର୍ଚ୍ଚା ହେଉଛି ।

## ଯୋବ୍ରା ହାଇସ୍କୁଲ୍‌ରେ 'ଆମ ସଂସ୍କୃତି ଆମ ଖେଳନା' ଓ ଅଲିକ୍ଷିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ



**କଟକ,୨୪।୩(ସଂଚାର ବ୍ୟୁରୋ):** ଯୋବ୍ରା ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା ସହ ଅଲିକ୍ଷିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟତ୍ରୀ ଡଃ ରାଜଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ସବରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଶୁଭେନ୍ଦୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଶିକ୍ଷାବିତ ମନୋରଞ୍ଜନ ଜେନା ମୁଖ୍ୟ ବକ୍ତା ରୂପେ ଯୋଗଦାନ କରି 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଟ୍ରଷ୍ଟର ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରକାଶ ଚନ୍ଦ୍ର ବେହେରା ଅଲିକ୍ଷିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅମ୍ବିକା ପ୍ରସାଦ ସାମଲ ଓ ପୁରାତନ ଶିକ୍ଷକ ବିଜୟ ଜେନା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ଶିକ୍ଷକ ଅଜୟ କୁମାର ପ୍ରଧାନ ଓ ପୀତବାସ ବିନ୍ଧାଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବର କୃତୀ ଛାତ୍ରଛାତ୍ରୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କର୍ପୋରେଟର ଝିଲ୍ଲୀ ବିହାରୀ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅରୁଣ କୁମାର ପରିଡା, ଆଲୋକ ସାହୁ, ମାଣିକେଶ୍ୱରୀ ଜେନା, ଅସୀମା ଶୁଭଦର୍ଶିନୀ, ଅରୁଣା ଶୁକ୍ଲା, ମଧୁସ୍ମିତା ଷଡ଼ଙ୍ଗୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଫେଲ୍ ମାରିଲା ଡକାୟତି ଯୋଜନା, ୬ ଗିରଫ, ମାରଣାସ୍ତ୍ର ଜବତ

**ଚଣ୍ଡିଖୋଲ,୨୪।୩(ସଂଚାର ବ୍ୟୁରୋ):** ଡକାୟତି ଉଦ୍ୟମ ବେଳେ ଫେଲ୍ ମାରିଲା ପୂର୍ବ ଯୋଜନା। ଏହି ଘଟଣାରେ ଯାଜପୁର ଜିଲ୍ଲା ବଇରୀ ପୋଲିସ ୬ ଜଣ ଲୁଟେରାଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ତିନୋଟି ବାଇକ, ଦୁଇଟି ଭୁଜାଲି, ଗୋଟିଏ ଖେଳନା ବନ୍ଧୁକ, ଲୁହା ରଡ଼, ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ କରିଛି ପୋଲିସ । ଗତକାଲି (ରବିବାର) ରାତିରେ ଏମାନେ ଛତିଆ ଅମରାବତୀ ନିକଟରେ ଲୁଟ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଗିରଫ କରିବାକୁ ସକ୍ଷମ ହୋଇଛି। ଏମାନେ ପୂର୍ବରୁ ବିଭିନ୍ନ ସ୍ଥାନରେ ଡକାୟତି କରୁଥିବା ପୋଲିସ କହିଛି । ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଆଜି ୬ ଜଣଙ୍କୁ




## ୨୩୨ ବିଦ୍ୟାଳୟରେ ମୌଳିକ ସାକ୍ଷରତା ପରୀକ୍ଷା



**ବୋରିଗୁମ୍ମା,୨୪।୩(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ର ୨୩୨ ଟି ବିଦ୍ୟାଳୟ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ର ଆକଳନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।ନବଭାରତ ସାକ୍ଷରତା ଅନ୍ତର୍ଭୁକ୍ତ ଉଲ୍ଲାସ କାର୍ଯ୍ୟକ୍ରମ ରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ର ଆକଳନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।ନବଶିକ୍ଷିତ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଙ୍କୁ ନେଇ ପରୀକ୍ଷା ହୋଇଥିଲା।ବ୍ଲକ ରେ ମୋଟ ୪୦୦୧ ଜଣ ଏହି ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୨୬୪ ଜଣ ପୁରୁଷ ଓ ୨୭୩୭ ଜଣ ମହିଳା ମୌଳିକ ସାକ୍ଷରତା ପରୀକ୍ଷା ଦେଇଥିଲେ ବୋଲି ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼.ସଚିନ କୁମାର ମଲ୍ଲିକ ସୂଚନା ଦେଇଥିଲେ। ବ୍ଲକ ୨୩୨ ଟି ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ତତ୍ୱବାଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ,ଦୁଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ସିଆରସିସି ପରୀକ୍ଷା ର ତଦାରଖ କରିଥିଲେ।

## ଦୁଇଟି ନୂତନ ପ୍ରାଇମେରୀ ସବଷ୍ଟେସନ ଉଦଘାଟିତ



**ବ୍ରହ୍ମପୁର,୨୪।୩(ସଂଚାର ବ୍ୟୁରୋ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଯୋଡ଼ିଙ୍ଗା ଏବଂ ଧୋଡ୍ରାଠାରେ ଦୁଇଟି ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସ୍ଏସ୍) କାର୍ଯ୍ୟକ୍ଷମ ହୋଇଛି। ଏହା ଉମରକୋଟ, ଝରିଗାଁ ଏବଂ ରାଇଘର ବ୍ଲକରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବ। ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ, ନବରଙ୍ଗପୁର ମାନ୍ୟବର ସାଂସଦ ବଳଭଦ୍ର ମାଝି ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଏହି ସବଷ୍ଟେସନକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଜୟପୁର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର, ନବରଙ୍ଗପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ ଏବଂ ଉମରକୋଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୁଇଟି ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ରାଇଘର ପିଏସଏସ ଉପରେ ଥିବା ଲୋଡ୍ ହ୍ରାସ ପାଇବ। ଯାହା ଫଳରେ ଦଶ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ଦ୍ୱାରା ଉପକୃତ ହୋଇପାରିବେ। ଏହାସହ ତୁରୁଡ଼ି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡର୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଞ୍ଚଳର ଭୋଲ୍ଟେଜ ସମସ୍ୟା ଦୂର ହୋଇଛି ଏବଂ ଲୋକେ ଉନ୍ନତ ମାନର ବିଦ୍ୟୁତ ସେବା ପାଇବେ। ତୁରୁଡ଼ି ଫିଡର ବର୍ତ୍ତମାନ ପ୍ରାୟ ୬ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ବେଳେ ପ୍ରାଚୀପଡ଼ା ଫିଡର ୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ସେବା ପ୍ରଦାନ କରୁଅଛି। ସେହିଭଳି ଧୋଡ୍ରାଠାରେ କାର୍ଯ୍ୟକ୍ଷମ ହୋଇଥିବା ନୂତନ ପିଏସ୍ଏସ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣରେ ବିଶ୍ୱସନୀୟତା ବୃଦ୍ଧି ପାଇବ ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବ।

## ଜଙ୍ଗଲରେ ବୃକ୍ଷ ରୋପଣକୁ ବିରୋଧ କରି ରାସ୍ତାରୋକ



**ଚନ୍ଦାହାଣ୍ଡି,୨୪।୩(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ମୋହରା ବନମଣ୍ଡଳ ଅଧିନ ଦେଓବନ୍ଧ ଭତାଝର ଜଙ୍ଗଲରେ ବନବିଭାଗ ତରଫରୁ ହେଉଥିବା ବୃକ୍ଷ ରୋପଣକୁ ବିରୋଧ କରାଯାଇଛି। ସମାଜସେବୀ ଘନଶ୍ୟାମ ମାଝିଙ୍କ ନେତୃତ୍ୱରେ ୫ଠରୁ ଅଧିକ ଲୋକ ଦେଓବନ୍ଧ ଠାରେ ଆଜି ଚନ୍ଦାହାଣ୍ଡି ଉମରକୋଟ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ତେବେ ରାସ୍ତାରୋକ ପାଇଁ ଚନ୍ଦାହାଣ୍ଡି ଠାରୁ ଉମରକୋଟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ସାଧାରଣ ଯାତ୍ରୀ ମାନେ ହଇରାଣ ହୋଇଥିଲେ। ଘଟଣାସ୍ଥଳକୁ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ, ଫରେଷ୍ଟର ବିପିନ ହରିଜନ, ଫରେଷ୍ଟ ଗାର୍ଡ ବିବିତା ବିଶୋଇ ଏବଂ ସମସ୍ତ ଫରେଷ୍ଟ କର୍ମଚାରୀ ସମେତ ଚନ୍ଦାହାଣ୍ଡି ଭାରପ୍ରାପ୍ତ ଥାନା ଅଧିକାରୀ ଏବଂ ପୋଲିସ ବଳ ସେଠାକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହା ପରେ ରାସ୍ତାରୋକ ହଟିଥିଲା। ଜଙ୍ଗଲର ପଦା ପଡ଼ିଥିବା ସ୍ଥାନରେ ବୃକ୍ଷ ରୋପଣ କରି ଜଙ୍ଗଲର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ବନ ବିଭାଗ ଚାହୁଁଥିବା ବେଳେ, ଜଙ୍ଗଲ ଜମି ଚାଷ ନାମରେ ଏହାକୁ ବିରୋଧ କରି ରାସ୍ତାରୋକ କରୁଥିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ତେବେ ଜଙ୍ଗଲରେ ଖାଲି ପଡ଼ିଥିବା ସ୍ଥାନରେ ବୃକ୍ଷ ରୋପଣ କରି ଜଙ୍ଗଲ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ବୃକ୍ଷ ରୋପଣକୁ ବିରୋଧ କରି ରାସ୍ତାରୋକ କରିଥିବା ଲୋକଙ୍କ ନାମରେ ଥାନାରେ ଅଭିଯୋଗ ଦିଆଯାଇଥିବା ନେଇ ଚନ୍ଦାହାଣ୍ଡି ଫରେଷ୍ଟର ବିବିନ ହରିଜନ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବନବିଭାଗ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ଏକ ମିଳିତ ବୈଠକ ବସିବ ଏବଂ ସମସ୍ୟାର ସମାଧାନର ଦିଗ ବାହାରିବ ବୋଲି ସୂଚନା ମିଳିଛି।

## ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି




**ବ୍ରହ୍ମପୁର,୨୪।୩(ସଂଚାର ବ୍ୟୁରୋ):** ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ଶୁଣାଣି ଆଜି ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ସର୍ବନା ବିବେକ ଏମ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଦୀନା ଦସ୍ତଗୀର ଏହି ମିଳିତ ଅଭିଯୋଗ ଶୁଣାଣିରେ ମୋଟ ୧୦୫ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୦୧ଟି ଓ ସାମୁହିକ ଅଭିଯୋଗ ୪ଟି ଥିଲା। ଦୁଇ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୭ଟି ଅଭିଯୋଗର ଫଇସଲା କରିଥିଲେ। ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ପୃଷ୍ଟି ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବି.ଡି.ଓ, ତହସିଲଦାର ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ଦିଲ୍ଲୀରେ ଚମକିଲେ ଓଡ଼ିଆ ଖୋ ଖୋ ଖେଳାଳି

**ନୀଳଗିରି,୨୪।୩(ସଂଚାର ବ୍ୟୁରୋ):** ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡାସଂଘ ଓ ରାଜ୍ୟ ଏକାଡେମୀ ତରଫରୁ ଉଭୟ ପୁରୁଷ ଓ ମହିଳା ଓଡିଶା ସିଭିଲସର୍ଭିସ ଖୋଖୋ ଟିମ ଗତ ୧୮ତାରିଖ ଦିଲ୍ଲୀର ଚାଣକ୍ୟପୁରି ସ୍ପୋର୍ଟସ କମ୍ପ୍ଲେକ୍ସରେ ସର୍ବ ଭାରତୀୟ ଖୋଖୋ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ସରକାରୀ ଜନଜାତି ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଉଭୟ ପରିଚାଳକ ଏବଂ ପ୍ରଶିକ୍ଷକ ଭାବେ ମନୋନୀତ ହୋଇ ତାଙ୍କ ଅଧୀନରେ ଓଡ଼ିଶାର ଉଭୟ ଟିମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଉଭୟବର୍ଗ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ପୁରୁଷବର୍ଗ ଲିଗ୍ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରି କ୍ୱାଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇପାରିନଥିଲା। ମାତ୍ର ମହିଳାଦଳ ସେମିଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଫାଇନାଲ ଖେଳିବାକୁ ବଞ୍ଚିତ ହୋଇ ତୃତୀୟସ୍ଥାନ ଅଧିକାର କରିଥିଲା। ପ୍ରଥମକରି ମହିଳାଦଳ ଟୁର୍ଣ୍ଣାମେଣ୍ଟରେ ଭାଗନେଇ ଏଭଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ରାଜ୍ୟର କୋଣଅନୁକୋଣରୁ କୋଚ ମାଝୀଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଶ୍ରୀଯୁକ୍ତ ମାଝୀ ଜଣେ ଛାତ୍ରବତ୍ସଳ ଶିକ୍ଷକ ସହିତ ଉତ୍ତମ କ୍ରୀଡା ପ୍ରଶିକ୍ଷକ ଭାବରେ ଓଡ଼ିଶାରେ ବେଶ୍ ଜଣାଶୁଣା।


SANCHAR
ସଂଚାର ମଙ୍ଗଳବାର ୨୫ ମାର୍ଚ୍ଚ ୨୦୨୫
ସ୍ୱାସ୍ଥ୍ୟ

# ନେଚର ଥେରାପିର ଫାଇଦା



ଆୟୁର୍ବେଦ ରେ ଅନେକ ରୋଗର ଚିକିତ୍ସା ଅଲଗା ଅଲଗା ଭାବରେ କରାଯାଇ ଥାଏ। ଏଥିରେ ଗୋଟିଏ ହେଉଛି ନସ୍ୟ ଉପଚାର ବିଧି ଆୟୁର୍ବେଦ ଉପଚାର ରେ ଏହି ଉପାୟ ଅଟେ। -ଇମ୍ୟୁନ ଡିସ ଅର୍ଡର ରେ ଖୁବ ସାହାଯ୍ୟ କରିଥାଏ। ଏହାଦ୍ୱାରା ଥାଇରଏଡ, ରିଯୁମାଟିଯିମ, ଆର୍ଥ୍ରାଇଟିସ , ମଲ୍ଟିପୁଲ ଅର୍ଗାନ ଡ୍ୟାମେଜ ସମସ୍ୟା ରୁ ଆରାମ ମିଳିଥାଏ। ଆୟୁର୍ବେଦ ଅନୁସାରେ ନସ୍ୟ ଉପଚାର ବିଧି ରେ ବିଶେଷ ଭାବେ ଆୟୁର୍ବେଦ ତୈଳ କିମ୍ବା ଘିଅ ର ବ୍ୟବହାର ହୋଇଥାଏ।

### ଆସନ୍ତୁ ଜାଣିବା ନସ୍ୟ କ୍ରିୟା କଣ

ଯେଉଁ ଲୋକମାନେ ସବୁବେଳେ ମାନସିକ ଚିନ୍ତାରେ ରହି ଥାଆନ୍ତି ସେମାନେ ମାନସିକ ସମସ୍ୟା ରେ ପୀଡିତ ହୋଇ ଥାଆନ୍ତି। ବାରମ୍ବାର ମୁଣ୍ଡ ବିନ୍ଧିବା, ଏବଂ ଅଧିକ ଗରମ ଲାଗିବା, କୌଣସି ଜିନିଷ ଉପରେ ଫୋକସ କରିପାରନ୍ତି ନାହିଁ, ଚକ୍ଷୁ ସମସ୍ୟା ହୋଇଥାଏ, ଶୁଣିବାରେ ବାଧା ଆସିଥାଏ, ଠିକ ଭାବରେ ନିଦ ହୋଇ ନଥାଏ, ସେମାନଙ୍କ ପାଇଁ ଏହି କ୍ରିୟା ଖୁବ ଆବଶ୍ୟକ।

### ନେଚର ଥେରାପି କ୍ରିୟା କିପରି ହୋଇଥାଏ ?

ଆୟୁର୍ବେଦ ଚିକିତ୍ସକ ଙ୍କ ମତ ଅନୁସାରେ, ଶୋଇବା ସମୟରେ ୨ ନାକ ରେ ଗାଈ ଘିଅ ମାତ୍ର ୨ ବୁନ୍ଦା ପକାନ୍ତୁ। କିନ୍ତୁ ଏହି ଘିଅ ତରଳ ଓ ଉଷୁମ ହୋଇଥିବା ଜରୁରୀ। ଆପଣ ଏହାକୁ କୌଣସି ତୁଳା , ତ୍ରପର ସାହାଯ୍ୟ ରେ ନିଜ ନାକରେ ନିୟମିତ ପକାନ୍ତୁ। ଏହି ନସ୍ୟ କ୍ରିୟା ଶାରୀରିକ ଓ ମାନସିକ ଭାବରେ ଅନେକ ସମସ୍ୟା ଦୂର କରିଥାଏ।

## ଖରାଦିନେ ସୂର୍ଯ୍ୟକିରଣ ନୁହେଁ

# ଦହି ଓ ପାଳଙ୍ଗରୁ ମିଳିବ ଶୁଦ୍ଧ ଭିଟାମିନ୍ ଡି



ସୁସ୍ଥ ହାଡ଼ ପାଇଁ ଭିଟାମିନ ଡି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ। ଏହାର ଅଭାବ ଆପଣଙ୍କୁ ଅଷ୍ଟିଓପୋରୋସିସ୍‌ର ଶିକାର କରିପାରେ। ଜାଣନ୍ତୁ ଖରାଦିନେ କିପରି ପୂରଣ କରିବେ ଏହି ଭିଟାମିନର ଅଭାବ, ଜାଣନ୍ତୁ ଏଥିପାଇଁ କିଛି ଖାଦ୍ୟ।

ଭିଟାମିନ୍ ଡି ଶରୀର ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭିଟାମିନ। ଏହାର ଅଭାବରୁ ହାଡ଼ ଦୁର୍ବଳ ହେବା ସହ ହାଡ଼ର ଘନତ୍ୱ କମିଯାଏ। ହାଡ଼ ସହିତ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭିଟାମିନ ଡି ଜରୁରୀ ଅଟେ। ଏହି ଭିଟାମିନ କ୍ୟାଲସିୟମ ଏବଂ ଫସଫେଟର ସଠିକ ଅବଶୋଷଣ ଏବଂ ସଂରକ୍ଷଣରେ ସାହାଯ୍ୟ କରେ, ଯାହା ହାଡ଼ର ସ୍ୱାସ୍ଥ୍ୟ ଏବଂ ଶକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଭିଟାମିନ୍ ଡି'ର ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ, କିନ୍ତୁ ଏହି ଗରମ ପାଗରେ ଖରାରେ ବସିବା ସମ୍ଭବ ନୁହେଁ। ତେଣୁ ଭିଟାମିନ ଡି'ର ଅଭାବକୁ ପୂରଣ କରିବା ପାଇଁ ଖାଦ୍ୟରେ କିଛି ଜିନିଷ ସାମିଲ କରିବା ମଧ୍ୟ ଏକ ଭଲ ବିକଳ୍ପ ହୋଇପାରେ।

**ଦହି:** ଗାଈ କ୍ଷୀରରୁ ପ୍ରସ୍ତୁତ ଦହି ସେବନ କରି ଆପଣ ଭିଟାମିନ ଡି ପାଇପାରିବେ। ଶରୀରରେ ଭିଟାମିନ ଡି'ର କୌଣସି ଅଭାବ ନ ଥାଏ, ତେଣୁ ପ୍ରତିଦିନ ତାଜା ଦହି ଖାଆନ୍ତୁ। ଏହା ଆପଣଙ୍କ ପେଟ ପାଇଁ ମଧ୍ୟ ଲାଭଦାୟକ ଅଟେ। ଦହି ବ୍ୟତୀତ କ୍ଷୀର, ପନିର ଭିଟାମିନ ଡି'ର ଉତ୍ତମ ଉତ୍ସ ଅଟେ।



**ପାଳଙ୍ଗ:** ପାଳଙ୍ଗରେ ଅନେକ ପ୍ରକାର ଭିଟାମିନ ମିଳିଥାଏ, ସେଥିମଧ୍ୟରୁ ଗୋଟିଏ ହେଉଛି ଭିଟାମିନ ଡି। ପାଳଙ୍ଗରେ ପ୍ରୋଟିନ୍, ଆଇରନ୍, ଭିଟାମିନ୍ ଏବଂ ମିନେରାଲ୍ସ ରହିଛି। ପାଳଙ୍ଗରେ ଆଲଫା ଲିପୋଇକ୍ ଏସିଡ୍ ଥାଏ, ଯାହା ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ, ଯାହା ଅନେକ ରୋଗର ଆଶଙ୍କାକୁ ମଧ୍ୟ କମ୍ କରିଥାଏ।

# କୋଲେଷ୍ଟ୍ରର କମ୍ କରେ ନାସପାତି



ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ। ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା... ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ। ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ। ନାସପାତିରେ ଥିବା ପେକଟିନ ନାମକ ତତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ। ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ। ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଟନ୍ସ ରହିଥାଏ। ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ। ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ। ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ। ଯାହା ହିମୋ ଗ୍ଲୋବିନର ସ୍ତର ବଢାଇଥାଏ। ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି। ନାସପାତିରେ ଆଣ୍ଟି ଅକ୍ସିଡାଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ। ନାସପାତିରେ ପେକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ। ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ। ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ।



# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

- ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।
- ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।
- ସେହିପରି ରୋଗ ପ୍ରତେିରାଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ।

# ସୌନ୍ଦର୍ଯ୍ୟ ପାଇଁ ଲଗାନ୍ତୁ ପିଜୁଳି ଫେସ ପ୍ୟାକ୍

**ପିଜୁଳି ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି। ଏଥିରେ ଥିବା ପୋଷକତତ୍ତ୍ୱ ଶରୀର ପାଇଁ ବେଶ ଉପକାରୀ ହୋଇଥାଏ। ତେବେ ଏହା ତ୍ୱଚାର ସୌନ୍ଦର୍ଯ୍ୟ ମଧ୍ୟ ବଢାଇଥାଏ। ତେଣୁ ଆପଣ ଚାହିଁଲେ ପିଜୁଳି ଖାଇବା ସହିତ ଏହାର ଫ୍ରେସ ପ୍ୟାକ ପ୍ରସ୍ତୁତ କରି ମୁହଁରେ ଲଗାଇପାରିବେ। ଏହା ଦ୍ୱାରା ଆପଣଙ୍କ ସ୍କିନ ଗ୍ଲୋ କରିବ। ଫେସ ପ୍ୟାକ ପ୍ରସ୍ତୁତି:**



- ଗୋଟିଏ ଛୋଟ ସାଇଜର ପିଜୁଳି ଆଣି ଏହାକୁ କାଟି ଛୋଟ ଛୋଟ କରନ୍ତୁ। ପରେ ଏହାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଗ୍ରାଇଣ୍ଡିଂ ହୋଇଥିବା ପିଜୁଳିରେ ଏକ ଚାମଚ ମହୁ ଓ ଅଧା ଚାମଚ ଲେମ୍ବୁ ରସ ଭଲ ଭାବରେ ମିଶାନ୍ତୁ। ଏହି ପ୍ୟାକକୁ ମୁହଁରେ ଲଗାଇ ମାଲିସ କରନ୍ତୁ ଏବଂ କିଛି ସମୟ ଏହାକୁ ସେମିତି ମୁହଁରେ ଛାଡ଼ି ଦିଅନ୍ତୁ। ପରେ ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।
- ସେହିପରି ଶୁଷ୍କ ତ୍ୱଚା ପାଇଁ ପିଜୁଳିକୁ ଗ୍ରାଇଣ୍ଡିଂ କରି ସେଥିରେ ଅଧାଚାମଚ ଓଟସ,ଗୋଟିଏ ଅଣ୍ଡା କେଶର,ଗୋଟିଏ ଚାମଚ ମହୁ ଓ ଦୁଇ ବୁନ୍ଦା ଗ୍ଲିସେରିନ ପକାଇ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁଁହରେ ଲଗାନ୍ତୁ। ଏପରି କଲେ ତ୍ୱଚାର ଶୁଷ୍କପଣ ଦୂର ହେବ।
- ପିଜୁଳି ମୁହଁର ବ୍ରଣ ସମସ୍ୟା ଦୂର କରିଥାଏ। ଏଥିପାଇଁ ପିଜୁଳିକୁ ଗ୍ରାଇଣ୍ଡିଂ କରି ସେଥିରେ ଅଧା ଚାମଚ ଲେମ୍ବୁ ରସ ଓ ଅଳ୍ପ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ଏହି ପ୍ୟାକକୁ ଆପଣ ସପ୍ତାହକୁ ତିନିଥର ଲଗାଇ ପାରିବେ।

# ମଶାକାମୁଡ଼ାର ତତ୍କାଳ ଉପଚାର



ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ୍ୟ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା। ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇ ଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇ ହେବାରୁ ତୁରନ୍ତ ଉପଶମ ଆଣିଥାଏ।

# ଶୁଖିଲା ବରଫ କ'ଣ

## ଏହାକୁ ଖାଇବା ପରେ କାହିଁକି ରକ୍ତ ବାନ୍ତି ହେଉଛି ?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ। ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।



### ଶୁଖିଲା ବରଫ କ'ଣ ?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ। ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।

### କେମିତି ତିଆରି ହୁଏ ଏହି ବରଫ ?

ଏହି ବରଫ ତିଆରି କରିବା ପାଇଁ କାର୍ବନ ଡାଇଅକ୍ସାଇଡକୁ ପ୍ରଥମେ ୧୦୯ ଡିଗ୍ରୀ ଫାରେନହାଇଟ୍‌କୁ ଥଣ୍ଡା କରି ସଂକୁଚିତ କରାଯାଏ, ଯାହା ଏହି ଗ୍ୟାସକୁ ବରଫ କରିଥାଏ ଏବଂ ଏହାର ଆକାର ଛୋଟ କିମ୍ବା ବଡ଼ ଖଣ୍ଡରେ ପରିଣତ ହୁଏ।

### ଏହା କାହିଁକି ବିପଜ୍ଜନକ ?

ଯଦି ଏଥିରେ କାର୍ବନ ଡାଇଅକ୍ସାଇଡ୍ ଥାଏ ତେବେ ଏହା ଏତେ ବିପଜ୍ଜନକ ନୁହେଁ। ତେବେ ଏହା ଅତ୍ୟଧିକ ଥଣ୍ଡା ହୋଇଥାଏ, ଯେଉଁ କାରଣରୁ ଶରୀରର କୋଷଗୁଡ଼ିକ ମରିବା ଆରମ୍ଭ କରିଦିଅନ୍ତି। ଏଭଳି ସ୍ଥିତିରେ ଏହାକୁ ସିଧାସଳଖ ସ୍ପର୍ଶ କରିବାକୁ ବାରଣ କରାଯାଇଛି। ଏହା ମଧ୍ୟ କୁହାଯାଏ ଯେ ଏହାକୁ ଏୟାରଟାଇଟ୍ ବକ୍ସରେ ରଖିବା ଉଚିତ ନୁହେଁ, କାରଣ ଏହା ଗ୍ୟାସ୍ ନିର୍ଗତ କରିଥାଏ ଏବଂ ଗ୍ୟାସ୍ କାରଣରୁ ଏହା ବିସ୍ଫୋରଣ ମଧ୍ୟ ହୋଇପାରେ, ତେଣୁ ଏହାକୁ ସତର୍କତାର ସହ ବ୍ୟବହାର କରିବା ଉଚିତ।

# କେଉଁଟି ଅଧିକ ସ୍ୱାସ୍ଥ୍ୟକର




| କୁକୁଡ଼ା ମାଂସ (୧୦୦ ଗ୍ରାମ୍) | ପୋଷକ ତତ୍ତ୍ୱ | ଖାସି ମାଂସ (୧୦୦ ଗ୍ରାମ୍) |
|---|---|---|
| ୨୩୯ କ୍ୟାଲୋରି | କ୍ୟାଲୋରି | ୨୯.୪ କ୍ୟାଲୋରି |
| ୨୭.୩ ଗ୍ରାମ୍ | ପୁଷ୍ଟିସାର | ୨୪.୫୨ ଗ୍ରାମ୍ |
| ୧୩.୬ ଗ୍ରାମ୍ | ସ୍ନେହସାର | ୨୧ ଗ୍ରାମ୍ |
| ୦.୩୯ ମିଲିଗ୍ରାମ୍ | ଭିଟାମିନ୍ ଇ | ୦.୧୪ ମିଲିଗ୍ରାମ୍ |
| ୦.୯୩ ମିଲିଗ୍ରାମ୍ | ଲୌହସାର | ୧.୮ ମିଲିଗ୍ରାମ୍ |
| ୮ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | ୨୨ ମିଲିଗ୍ରାମ୍ |
| ୬୭୭ ମିଲିଗ୍ରାମ୍ | ପୋଟାସିୟମ୍ | ୩୩୯ ମିଲିଗ୍ରାମ୍ |
| ୬୫.୯ ମିଲିଗ୍ରାମ୍ | କୋଲିନ୍ | ୯୩.୭ ମିଲିଗ୍ରାମ୍ |
| ୧.୯୪ ମିଲିଗ୍ରାମ୍ | ଜିଙ୍କ | ୪.୪୬ ମିଲିଗ୍ରାମ୍ |
| ୦.୩ ମାଇକ୍ରୋଗ୍ରାମ୍ | ଟାମିନ୍ ବି୧୨ | ୨.୫୫ ମାଇକ୍ରୋଗ୍ରାମ୍ |

କୁକୁଡ଼ା ମାଂସ ତୁଳନାରେ ଅଧିକ ଚର୍ବି ଥାଏ। ଅଧିକ ମାତ୍ରାରେ ଖାସି ମାଂସ ଖାଉଥିବା ଲୋକଙ୍କ ଠାରେ ହୃଦ୍‌ରୋଗର ଆଶଙ୍କା ବଢୁଥିବାର ଦେଖାଯାଇଛି। ତେଣୁ ମଧ୍ୟମ ମାତ୍ରାରେ ଖାସି ମାଂସ ଖାଇବା ଉପାଦେୟ। ତୁଳନାତ୍ମକ ଭାବେ କୁକୁଡ଼ା ମାଂସକୁ ଅଧିକ ସ୍ୱାସ୍ଥ୍ୟପ୍ରଦ ବୋଲି କହିହେବ।



ଉଭୟ କୁକୁଡ଼ା ଓ ଖାସି ମାଂସ ପୁଷ୍ଟିସାରର ଦୁଇଟି ଉତ୍କୃଷ୍ଟ ଉତ୍ସ। ତେବେ କୁକୁଡ଼ା ମାଂସରେ ତୁଳନାତ୍ମକ ଭାବେ ଅଧିକ ପୁଷ୍ଟିସାର ଥାଏ। ଚମଡ଼ା ନଥିବା କୁକୁଡ଼ା ମାଂସରେ ଚର୍ବିର ମାତ୍ରା କମ୍ ଥାଏ। ତେବେ କୁକୁଡ଼ା ଚାଷରେ ଆଣ୍ଟିବାୟୋଟିକ ବ୍ୟବହାର ଯୋଗୁଁ ଏହାର ସ୍ୱାସ୍ଥ୍ୟପ୍ରଦ ଗୁଣ ହ୍ରାସ ପାଇଥାଏ। ଅପରପକ୍ଷେ ଖାସି ମାଂସରେ ଅଧିକ ମାତ୍ରାରେ ଲୌହ, ଜିଙ୍କ ଓ ଭିଟାମିନ୍ ବି ରହିଥାଏ। ତେବେ ଏଥିରେ

## ବାଇକ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ



**ଫୁଲବାଣୀ,୨୪।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ଜାଜେସପାଙ୍ଗା ପଞ୍ଚାୟତ ର ଲଦଡି ଛକ ନିକଟରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ଜଣକ ସେହି ଲଦଡି ଗାଁ ର ମାଲି ଦିଗାଳ (୬୫) ବୋଲି ଜଣାପଡ଼ିଛି ଓ ସୂଚନା ଅନୁସାରେ ମୃତ ବୃଦ୍ଧ ଜଣକ ଗାଁରେ ଥିବା ଏକ ଦୋକାନ ରୁ କିଛି ଜିନିଷ କିଣି ରାସ୍ତାରେ ଚାଲି ନିଜ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବୃଦ୍ଧା ଙ୍କ ର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା ବାଇକ ଓ ବାଇକ ଚାଲାକ ଙ୍କୁ ଗ୍ରାମବାସୀ ଅଟକ ରଖିଥିବା ବେଳେ ଘଟଣା କୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ପୋଲିସ ପହଂଚି ନଥିବା ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟେଇଥିବା ବାଇକ ଚାଲାକ ଜଣକ ସେହି ଜେଜେଶପାଙ୍ଗା ପଞ୍ଚାୟତ ଅଧୀନରେ ଥିବା କୁମ୍ଭାରପଦର ଗାଁ ର ବୋଲି ଜଣାପଡ଼ିଛି ।

## ପତଞ୍ଜଳି ପରିବାର ଦ୍ୱାରା ଯୋଗ ପ୍ରଶିକ୍ଷଣ ଶିବିରରେ ଯୋଗପ୍ରଶିକ୍ଷକ ସମ୍ବର୍ଦ୍ଧିତ



**ସୁବର୍ଣ୍ଣପୁର,୨୪।୩(ସଂଚାର ବ୍ୟୁରୋ):** କୋଶଳ କଳାମଣ୍ଡଳ ପଡ଼ିଆ ବଲାଙ୍ଗିର ଠାରେ ଅନୁଷ୍ଠିତ ପଞ୍ଚ ଦିବସୀୟ ବିଶାଳ ଯୋଗ ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଯୋଗ ଶିକ୍ଷକ ସମ୍ବର୍ଦ୍ଧିତ ହୋଇଛନ୍ତି। ସୋମବାର ଦିନ ପରମ ଆଦରଣୀୟ କେନ୍ଦ୍ରୀୟ ଭାରତ ସ୍ୱାଭିମାନ ପ୍ରଭାରୀ ସ୍ୱାମୀ ରାମଦେବ ଜି ମହାରାଜ ଙ୍କ ପଟ୍ଟଶିଷ୍ୟ ସ୍ୱାମୀ ପରମାର୍ଥ ଦେବ ଜି ମହାରାଜ ଙ୍କ ଦ୍ୱାରା ଜିଲ୍ଲାର ୫୦ ଜଣ ଯୋଗ ଶିକ୍ଷକ ଓ ଶିକ୍ଷିକା ସମ୍ବର୍ଦ୍ଧିତ ହୋଇଛନ୍ତି।ସୁବର୍ଣ୍ଣପୁର ଜିଲ୍ଲାର ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡା ଓ ଯୁବ ଭାରତ ପ୍ରଭାରୀ ବିଶ୍ୱଜିତ୍ ଚାନ୍ଦ ତଥା ଜିଲ୍ଲାର ଅନ୍ୟାନ୍ୟ ଯୋଗ ଶିକ୍ଷକ ଏହି କାର୍ଯ୍ୟକ୍ରମ ରେ ସ୍ୱାମୀଜୀ ଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଗାମୀ ଦିନରେ ଯୋଗ ଆନ୍ଦୋଳନକୁ ପ୍ରଖର କରାଯାଇ ପ୍ରତି ସ୍କୁଲ, କଲେଜ ତଥା ସାମାଜିକ ଅନୁଷ୍ଠାନ ମାନଙ୍କରେ ଯୋଗ ପ୍ରଶିକ୍ଷଣ ଦିଆଯିବ ବୋଲି ଏହି କାର୍ଯ୍ୟକ୍ରମ ରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ଭାରତ ସ୍ୱାଭିମାନ ପ୍ରଭାରୀ ସୁଧାଂଶୁ ଅଧିକାରୀ ଏବଂ ରାଜ୍ୟ ଯୋଗ ସମିତି ପ୍ରଭାରୀ ରାଧାମାଧବ ବହିଦାର, ମହିଳା ପ୍ରଭାରୀ ଜେ ଗିରିଜା ଦେବୀ, କିଶନ ପ୍ରଭାରୀ ସ୍ୱୟଂ ପ୍ରକାଶ ଜି, ଯୁବା ଭାରତ ଓଡିଶା ପ୍ରଭାରୀ ଅମୃତାଂଶୁ ପ୍ରଧାନ, କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ବିଶିଷ୍ଟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ରଘୁନାଥ ଷଡ଼ଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଯୋଗ ସମିତି ପ୍ରଭାରୀ ଅଶୋକ ଭାଇଙ୍କ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ବିରେନ୍ଦ୍ର ଅଗ୍ରୱାଲଙ୍କ ମଞ୍ଚ ସଞ୍ଚାଳନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମହିଳା ସମିତି ର ଭଉଣୀମାନେ ସ୍ୱାଗତ କରିଥିଲେ। ଅଲ୍ପନା ଅଗ୍ରୱାଲ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଯୁବ ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ।

## ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



**ସୁନ୍ଦରଗଡ଼,୨୪।୩ (ସଂଚାର ବ୍ୟୁରୋ):** ବାଲିଶଙ୍କରା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୪ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇ ଥିଲା। ସେଥି ମଧ୍ୟରୁ ୬ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣି ରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ବାଲିଶଙ୍କରା ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ନିର୍ମାଣାଧୀନ ଗୃହ ସରିବାର ନା ଧରୁନି

# ଭଡ଼ାଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

**ବିଞ୍ଝାରପୁର,୨୪।୩(ସଂଚାର ବ୍ୟୁରୋ):** ତିନି ବର୍ଷ ରୁ ଛ ବର୍ଷ ର ଶିଶୁ ମାନଙ୍କର ବୌଦ୍ଧିକ ଏବଂ ଶାରିରୀକ ବିକାଶ ପାଇଁ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ର ସ୍ଥାପନ କରିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରି କର୍ମୀ ଏବଂ ସହାୟିକା ମାନଙ୍କୁ ନିଯୁକ୍ତ କରାଯାଉଛି।କିନ୍ତୁ ବିଞ୍ଝାରପୁର ରେ ସରକାର ଙ୍କ ଏହି ଲକ୍ଷ ପାଲଟିଛି ପ୍ରହସନ। କାରଣ ଏଠି ଭଡ଼ା ଘରେ, କମ୍ୟୁନିଟି ସେଣ୍ଟର୍ ଏବଂ ସ୍କୁଲ ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର। ସୂଚନାଧିକାର ଆଇନ ବଳ ରେ ତଥ୍ୟ ମିଳିବା ପରେ ପଦା ରେ ପଡ଼ିଛି ପୂର୍ବ ସରକାର ଙ୍କ ପାରିବାପଣିଆ। ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପ୍ରଧାନ ଙ୍କୁ ତା ୧୧/୦୩/୨୦୨୫ ରିଖ ରେ ମିଳିଥିବା ସୂଚନା ଅନୁଯାୟୀ ବିଞ୍ଝାରପୁର ରେ ଅଛି ୨୯୫ ଟି ଅଙ୍ଗନୱାଡି କେନ୍ଦ୍ର ଚାଲୁଅଛି।ତନ୍ମଧ୍ୟରୁ ୧୬୮ ଟି ର ନିଜସ୍ୱ ଗୃହ ରେ ଚାଲିଛି।୨୪ ଟି କେନ୍ଦ୍ର ଭଡ଼ା ଘରେ ଚାଲିଥିବା ବେଳେ ୭୬ ଟି କେନ୍ଦ୍ର ସ୍କୁଲ ବିଲଡିଂ ରେ ଚାଲିଛି ଆଉ ୨୭ ଟି କେନ୍ଦ୍ର ଅନ୍ୟାନ୍ୟ କମ୍ୟୁନିଟି ଗୃହ ରେ ଚାଲିଛି। ଅଙ୍ଗନୱାଡି କେନ୍ଦ୍ର ର ଅବ୍ୟବସ୍ଥା କେବଳ ଏତିକି ରେ ସରିନି।୨୦୧୧-୨୦୧୨ ରୁ ୨୦୧୭-୨୦୧୮ ମଧ୍ୟ ରେ ଆରମ୍ଭ ହୋଇଥିବା ୩୯ ଟି କେନ୍ଦ୍ର ର ନିଜସ୍ୱ ଗୃହ ଏବେବି ନିର୍ମାଣାଧୀନ ଅଛି। ତେବେ ନିର୍ମାଣାଧୀନ ଥିବା ଏହି ଗୃହ କେବେ ସରୁଛି ତାକୁ ନେଇ କୌଣସି ନିଷ୍କର୍ଷ ବାହାରିପାରୁ ନାହିଁ। ସରକାର ଯେତେବେଳେ ଶିଶୁ ମାନଙ୍କୁ ପୁଷ୍ଟି ସାର୍ ଖାଦ୍ୟ ଯୋଗାଇ ଶୈକ୍ଷିକ ପରିବେଶ ର ବିକାଶ ହେଉଥିବା କଥା କହୁଛନ୍ତି ସେତେବେଳେ ବିଞ୍ଝାରପୁର ରେ ଅଙ୍ଗନୱାଡି କେନ୍ଦ୍ର ମାନଙ୍କ ର ଏଭଳି ଚିତ୍ର କିଛି ଭିନ୍ନ କଥା ଦର୍ଶାଉଛି।ତେବେ ନୂତନ ସରକାର ଙ୍କ ଶାସନ ରେ ଅବ୍ୟବସ୍ଥା ର ଏ ଚିତ୍ର ବଦଳୁଛି ନା ଯାହାଥିଲା ସେଇଆ ରହୁଛି ତାହା କେବଳ ସମୟ କହିବ।



କମ୍ୟୁନିଟି ସେଣ୍ଟର୍ ପାଲଟିଛି ଅଙ୍ଗନୱାଡ଼ି କେନ୍ଦ୍ର

## କାଠିଲଉଡ଼ିରେ କମ୍ପିଲା ଜଗତସିଂହପୁର ସହର



**ଜଗତସିଂହପୁର,୨୪।୩ (ସଂଚାର ବ୍ୟୁର):** ଆମ ଅଧିକାର ପ୍ରତି ଆମେ ସଚେତନ ହେବା ଆବଶ୍ୟକ। ଏଥିପାଇଁ ଆମକୁ ସଙ୍ଗଠିତ ହେବାକୁ ପଡିବ । ମୋଟ ଜନସଂଖ୍ୟାର ପାଖାପାଖି କୋଡ଼ିଏ ପ୍ରତିଶତ ଯାଦବ ଓଡ଼ିଶାରେ ବସବାସ କରନ୍ତି। ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଆମର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ । ତେଣୁ ଆମକୁ ଏବେ ଏକାଠି ହେବାର ସମୟ ଆସିଛି ବୋଲି ରବିବାର ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବରେ ଅତିଥି ମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବି ନରେଶ ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଯାଦବ ନେତା ଚିତ୍ତରଞ୍ଜନ କଂସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକ କ୍ରାନ୍ତି ଅଭିଯାନର ଆବାହକ ଗୋବିନ୍ଦ୍ ଯାଦବ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ଯାଦବ ନେତା ଅଶ୍ୱିନୀ ଦାସ,ପାଣ୍ଡବ କୁମାର ପ୍ରଧାନ, ପ୍ରସାଦ ଦାସ, ରବିନ୍ଦ୍ର ଦାସ ଓ ଉତ୍କଳ ଯାଦବ ମହାସଭାର କର୍ମକର୍ତ୍ତା ତୀର୍ଥବାସୀ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ମାନେ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗ ସହିତ ଜଗତସିଂହପୁର ଜିଲ୍ଲାରେ ଗୋଚର ଜମିର ସୁରକ୍ଷା ଓ ଗୋପାଳକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ମତ ଦେଇଥିଲେ ।

## ଖପ୍ରାଖୋଲ ଅଞ୍ଚଳରେ ମନଇଚ୍ଛା ପଞ୍ଚାୟତ ସ୍ତରୀୟ ଜନଶୁଣାଣି



**ଖପ୍ରାଖୋଲ,୨୪।୩(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ଠାରେ ସୋମବାର ପଞ୍ଚାୟତ ସ୍ତରୀୟ ଜନ ଶୁଣାଣୀ ହୋଇଥିବା ବେଳେ, ଜନ ଶୁଣାଣୀ ସମୟ ୧୦ ଟାରେ ଆରମ୍ଭ ହେବ ବୋଲି ଜନସାଧାରଣଙ୍କୁ ଭାଁ ବୁଲାଉଛନ୍ତି ପ୍ରଶାସନ ବୋଲି ସାଙ୍ଘାତିକ ଅଭିଯୋଗ କରୁଛନ୍ତି ଲୋକେ। ଏହି ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ୧୦ ଟାରେ ଆରମ୍ଭ ହେବ ବୋଲି ଚିଠି କରାଯାଉଛି ଏବଂ ଲୋକଙ୍କୁ ଜଣେଇ ଦିଆଯାଉଛି। କିନ୍ତୁ ଖୋଦ ପ୍ରଶାସନ ଅଧିକାରୀ ମାନେ ୧୨ ଟାରେ ଜନଶୁଣାଣୀ କରିବା ପାଇଁ ଆସୁଛନ୍ତି। ଏନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଜନଶୁଣାଣୀରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଦି ସମୟରେ ପହଞ୍ଚୁଛନ୍ତି ତାହେଲେ ଜନସାଧାରଣ ତାଙ୍କୁ ଅଭିଯୋଗ କରିବେ। ଯଦି ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନଶୁଣାଣୀ କରିବେ ତାହେଲେ ପ୍ରଶାସନ ଅଧିକାରୀ ମାନେ କ'ଣ କରିବେ ବୋଲି ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଲୋକେ କାମଧନ୍ଦା ଛାଡି ନିଜର ଅଭିଯୋଗ କରିବାକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ହଇରାଣ ହୋଇ ଫେରି ଯାଉଥିବା ନଜର ଗୋଚର ହୋଇଛି। ବିଭିନ୍ନ ବିଭାଗର ଅଧସ୍ତନ କର୍ମଚାରୀ ଓ ମେମ୍ବର ଓ ଅଳ୍ପସଂଖ୍ୟକ ଲୋକଙ୍କୁ ନେଇ ଜନଶୁଣାଣୀ ଶିବିର ସରିଲା। ଏଥିରୁ ଜଣାଯାଉଛି ଜନଶୁଣାଣୀ ଶିବିର ଏକ ପ୍ରହସନ ମାତ୍ର। ଯେଉଁ ମାନଙ୍କ ପାଇଁ ଏହା ଉଦିଷ୍ଟ ସେମାନଙ୍କୁ ସୂଚନା ନାହିଁ ଫଳରେ ସେମାନେ ନିଜର ଅଧିକାର ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରାଇ ପାରୁନାହାନ୍ତି। ଏନେଇ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ପଚାରିବାରୁ ସେ କୁହନ୍ତି ସର୍ବ ମୋଟ ପାଖାପାଖି ୧୦ଟି ଅଭିଯୋଗ ହୋଇଥିଲା ଓ ଜନଶୁଣାଣୀ ପାଇଁ ସୂଚନା ଦିଆଯାଇଛି ହେଲେ ପ୍ରବଳ ଖରା ଯୋଗୁଁ ଲୋକେ ଆସିପାରି ନାହାନ୍ତି ଏପଟେ ଲୋକେ କୁହନ୍ତି ଆମକୁ କୌଣସି ସୂଚନା ଦିଆଯାଇନାହିଁ। ଏଥିପ୍ରତି ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମେଡ଼ିକାଲ ପରିସରରୁ କାର ଚୋରି

**କଳିଙ୍ଗନଗର,୨୪।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦି ଅଞ୍ଚଳରେ ଦିନକୁ ଦିନ ଚୋରୀ ଡକାୟତି ବଢ଼ିବାରେ ଲାଗିଛି। ଫାଣ୍ଡି ନାକତଳୁ ଚୋର ଚୋରି କରିବାରେ ସକ୍ଷମ ହେଉଛି। ଆଖି ପିଛୁଳାକେ ଗାଡି ଚୋରୀ କରିବାରେ ସକ୍ଷମ ହେଉଛନ୍ତି ଚୋର ପୁଣି ରାତି ନୁହେଁ ଦିନରେ। ଖବର ମୁତାବକ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଫାର୍ମାସିଷ୍ଟ ଙ୍କ କାର ଚୋରୀ ହୋଇଛି। ସୋମବାର ଦିନ ଅପରାହ୍ନ ୪ଟା ସମୟରେ ଫାର୍ମାସିଷ୍ଟ ପ୍ରସନ୍ନ ପଣ୍ଡା ମେଡ଼ିକାଲର କାର ଷ୍ଟାଣ୍ଡରେ ନିଜର ୱାଗନର କାର ନମ୍ବର ଓଡ଼ି୩୪ବି୪୧୧୧ ଟିକି ରଖି ମେଡିକାଲ ଭିତରୁ ଆସିଲେ, କିଛି ସମୟ ପରେ ଦେଖିଲା ବେଳକୁ କାର ଟିକୁ ଚୋର ନେଇ ଚମ୍ପଟ ମାରିଛି। ଫାର୍ମାସିଷ୍ଟ ପ୍ରସନ୍ନ ପଣ୍ଡା ସଙ୍ଗେ ସଙ୍ଗେ ଦାନଗଦି ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏପଟେ ସିସିଟିଭି ଦେଖିଲା ବେଳକୁ ସେ କାର ଟିକୁ ଡୁବୁରୀ ଛକ ଦିଗକୁ ଯାଇଥିବା ଦେଖିବାକୁ ମିଳିଛି। ମେଡିକାଲରେ ସୁରକ୍ଷା କର୍ମୀ ମୁତୟନ ଅଛନ୍ତି ସି. ସି. ଟି.ଭି. କ୍ୟାମେରା ସବୁଆଡେ ଲାଗିଛି, ଆଶ୍ଚର୍ଯ୍ୟ ଲାଗୁଛି ଚୋର ତଥାପି କାର ଚୋରୀ କରି ନେଇଯାଉଛି, ଏ ଘଟଣା ପରେ ଦାନଗଦି ଅଞ୍ଚଳରେ ଆତଙ୍କ ଖେଳି ଯାଇଛି ।

## ଜଗନ୍ନାଥ ମହୋତ୍ସବର ଷଷ୍ଠ ଦିନ ଆର୍ତ୍ତତ୍ରାଣ ବାବାଙ୍କ ସ୍ୱର୍ଶ ଚିକିତ୍ସାରେ ପାଇଁ ପ୍ରବଳ ଭିଡ଼



**ସୁବର୍ଣ୍ଣପୁର,୨୪।୩ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁରର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବର ଷଷ୍ଠ ଦିନର ଅନ୍ତିମ ସନ୍ଧ୍ୟାରେ ଜନ ସମୁଦ୍ରରେ ମହୋତ୍ସବ କ୍ଷେତ୍ର ଆର୍ତ୍ତତ୍ରାଣ ବାବାଙ୍କ ସ୍ୱର୍ଶ ଚିକିତ୍ସା କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ମହୋତ୍ସବ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ଅନ୍ନଯଜ୍ଞରେ ପ୍ରତିଦିନ ଦିନରାତି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କୁ ଅନ୍ନ ପ୍ରସାଦ ବିତରଣ ପଞ୍ଚକୁଣ୍ଡିୟ ଘୃତଯଜ୍ଞ ସହ ଚବିଶ ପ୍ରହରୀ ନାମଯଜ୍ଞ ଓ ଜଗନ୍ନାଥଙ୍କ ଦୁର୍ଲ୍ଲଭ ବତିଶ ବେଶ ଆଗରେ ଆୟୋଜିତ ବିଷ୍ଣୁ ସହସ୍ର ନାମଜପରେ ଦମ୍ପତ୍ତିଙ୍କ ସଂକଳ୍ପ ବ୍ରତ ଦୁର୍ଲ୍ଲଭ ବତିଶ ବେଶର ମୁଖ୍ୟ ପରିଚାଳକ ସଚ୍ଚିଦାନନ୍ଦ ମହାପାତ୍ର, ଗୌରୀଗୋପାଳ ସେବାଶ୍ରମ, ପୁରୀ ମହୋତ୍ସବର ମୁଖ୍ୟମଞ୍ଚରେ ସଂଧ୍ୟାକାଳୀନ ତ୍ରିଆଳତି ସହ ଜଗନ୍ନାଥ କଥାମୃତକୁ ନେଇ ପ୍ରବଚନ ଓ ଭଜନ ପରିବେଷଣ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡକୁ ଦେଖି ସୁବର୍ଣ୍ଣପୁର ମାରୱାଡ଼ି ଯୁବା ମଞ୍ଚ ଓ ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ଜଳଦାନ ବ୍ୟବସ୍ଥା ମହୋତ୍ସବର ମୁଖ୍ୟ କମିଟି, ଅର୍ଥ କମିଟି, ଯଜ୍ଞ କମିଟି, ବତିଶ ବେଶ ସଞ୍ଚାଳନ କମିଟି, ଅନ୍ନଯଜ୍ଞ କମିଟି, ନାମଯଜ୍ଞ କମିଟି, ଜଳ ଓ ପରିମଳ କମିଟି ସହ ପ୍ରଚାର ପ୍ରସାର କମିଟିର ସମସ୍ତ ସଦସ୍ୟଙ୍କ ସକ୍ରିୟ କାର୍ଯ୍ୟ ସମ୍ପାଦନା ଯୋଗୁଁ ଦୀର୍ଘ ଛଅଦିନ ଧରି ମହୋତ୍ସବ ଆଗେଇ ଚାଲିଛି।

● ଆଦିବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ବିଜେପି ନେତାଙ୍କ ହତ୍ୟା ଧମକ ଘଟଣା

## ୨୪ ଘଣ୍ଟାରେ ଗିରଫ ନହେଲେ ଆନ୍ଦୋଳନ କରିବ ବିଜେଡି



**ଦଶରଥପୁର,୨୪।୩ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକର କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ପିଥ ହାଁସଦାଙ୍କୁ ମାର୍ଚ୍ଚମାସ ୧୮ ତାରିଖ ଦିନ ୬ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପତିତପାବନ ମହାନ୍ତି ଜାତି ଗୋତ୍ର ନେଇ ଗାଳି ଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିବା ନେଇ କନିଷ୍ଠଯନ୍ତ୍ରୀ ଜଣଙ୍କ ଦଶରଥପୁର ଥାନାରେ ଅଭିଯୋଗ କରିଥିଲେ। ଆଜକୁ ୬ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଦଶରଥପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନଥିବା ବେଳେ ଏହାର ପ୍ରତିବାଦରେ ଦଶରଥପୁର ବ୍ଲକ ବିଜୁ ଜନତାଦଳ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦଶରଥପୁର ବ୍ଲକ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କୁ ଘେରିଥିଲେ। ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ ଓ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଏସପିଙ୍କୁ ଦାବିପତ୍ର ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ ଯଦି ଅଭିଯୁକ୍ତଙ୍କୁ ଗିରଫ କରାନଯାଏ ତେବେ ଆଗାମୀ ଦିନରେ ବିଜୁ ଜନତାଦଳ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକର ୩୫ପଞ୍ଚାୟତର ବିଜେଡି ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ।

## ଉଲୁଣ୍ଡା ପେକ୍ସକୁ ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତିକୁ ଚାଷୀ ବିରୋଧ


ଡି ଆର୍ ସି ଏସ କାର୍ଯ୍ୟାଳୟ ଘେରାଉ ଚେତାବନୀ

**ସୁବର୍ଣ୍ଣପୁର,୨୪।୩ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପେକ୍ସ ର ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନ ପ୍ରତ୍ୟାବର୍ତ୍ତନ କୁ ବିରୋଧ ଓ ଉଲୁଣ୍ଡା ପଞ୍ଚାୟତ ଗଣ୍ଡାବାହଲ ରେ ହିଁ ପେକ୍ସ ନିର୍ମାଣ ଦାବୀ ଆଗକୁ ଭୀଷଣ ଆନ୍ଦୋଳନ ଓ ଡି ଆର୍ ସି ଏସ କାର୍ଯ୍ୟାଳୟ ଘେରାଉ ଚେତାବନୀ। ଉଲୁଣ୍ଡା ପଞ୍ଚାୟତ ସମିତି କଲେଜ୍ ପ୍ରାଙ୍ଗଣ ରେ ଉଲୁଣ୍ଡା ସମବାୟ ସମିତି ର ଚାଷୀ ମାନଙ୍କ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ରେ ଚାଷୀ ମାନେ ସୂଚନା ଦେଇଛନ୍ତି ଯେ ଉଲୁଣ୍ଡା ସମବାୟ ସମିତି ର କାର୍ଯ୍ୟାଳୟ ଦୀର୍ଘଦିନ ଧରି ଭଡା ଘରେ ଚାଲି ଆସୁଥିଲା। ନୂଆଁ ସରକାର ଆସିବା ପରେ ପେକ୍ସ ର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ଚାଷୀ ଙ୍କ ସ୍ୱାର୍ଥ କୁ ଜଳାଞ୍ଜଳି ଦେଇ ବ୍ୟକ୍ତିଗତ ସ୍ୱାର୍ଥ ସାଧିତ କରିବା ପାଇଁ ପେକ୍ସ ସଭାପତି ଓ ସଂପାଦକ ସ୍ୱାଇଚ୍ଛା ରେ କାର୍ଯ୍ୟାଳୟ କୁ ନିଜ ପଞ୍ଚାୟତ ଲଡ଼ଲା ଅଞ୍ଚଳ କୁ ସ୍ଥାନାନ୍ତର କରିବା ର ନିଷ୍ପତ୍ତି ନେଇଛନ୍ତି। ପେକ୍ସ ର ଚାଷୀ ମାନେ ବାରମ୍ବାର ଏ ଆର ସି ଏସ, ଡି ଆର ସି ଏସ ଓ ବିଧାୟକ ଙ୍କୁ ଏ ସମ୍ପର୍କ ରେ ଅବଗତ କରାଇଥିଲେ ମଧ୍ୟ ବଡ଼ ବଡିଆ ଙ୍କ ଜିଦ୍ ଆଗରେ ଚାଷୀ ଙ୍କ ସ୍ୱାର୍ଥ ବାଦ୍ ପଡ଼ିଛି। ସୂଚନା ଯୋଗ୍ୟ ଯେ ନୂଆଁ ସରକାର ପ୍ରତ୍ୟେକ ପଞ୍ଚାୟତ ଦେ ପେକ୍ସ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ କେଉଁ ସ୍ୱାର୍ଥ ରେ ଉଲୁଣ୍ଡା ବ୍ଲକ ହେଡକ୍ୱାର୍ଟର ପଞ୍ଚାୟତ ର ପେକ୍ସ ଅନ୍ୟ ପଞ୍ଚାୟତ କୁ ସ୍ଥାନାନ୍ତର କରାଗଲା ବୋଲି ଚାଷୀ ମାନେ ପ୍ରଶ୍ନ କରିଛନ୍ତି। ଆହୁରି ମଧ୍ୟ ତରବରିଆ ହିସାବ ରେ ଗଣ୍ଡାବାହାଲ ର ୨ ଏକର ଅପେକ୍ଷିତ ଜମି କୁ ଛାଡ଼ି ଲଡ଼ଲା ର ମାତ୍ର ୬୦୦ ଡିସିମିଲ ଜମି ଉପରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଯାହାକୁ ଚାଷୀ ମାନେ ଘୋର ବିରୋଧ କରିଥିଲେ। ପେକ୍ସ ର ରକ୍ଷଣା ବେକ୍ଷଣ ପଇସା ଖର୍ଚ୍ଚ କରି ନୂତନ ପାଚେରୀ ନିର୍ମାଣ କରାଯାଉଥିବା ଆଇନ ଅନୁଯାୟୀ ଭୁଲ ବୋଲି ବି ଚାଷୀ ମାନେ କହିଛନ୍ତି। ବାରମ୍ବାର ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ କଥା ଉତ୍ଥାପନ କରିବା ପରେ ବି ଏହା ସମାଧାନ ହୋଇ ନଥିବାରୁ କାଲି ଶେଷ ଥର ସମସ୍ତ ଚାଷୀ ସକାଳେ ହେବାକୁ ଥିବା ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଏହି ବିଷୟ ଉତ୍ଥାପନ କରିବେ ଓ ସମାଧାନ ନ ହେଲେ ଭୀଷଣ ଆନ୍ଦୋଳନ ସହ ଉଲୁଣ୍ଡା ବନ୍ଦ ଡାକରା ଦେବା ସହ ଡି ଆର ସି ଏସ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ରେ ବସିବାର ଚେତାବନୀ ଦେଇଛନ୍ତି।

## କାଳବୈଶାଖୀ ପ୍ରଭାବରେ ୪ ଘଣ୍ଟା ରାଜପଥ ବନ୍ଦ

**ସୁନାବେଡା,୨୪।୩ (ସଂଚାର ବ୍ୟୁରୋ):** ସୁନାବେଡା ୨୬ ନମ୍ବର ଜାତୀୟ ରାଜପଥ ମୋହନପଡାରେ ବିଭାଗ ପକ୍ଷରୁ କାମ ଚାଲୁ ରହିଥିବା ବେଳେ ନୂଆ ମାଟି ପକାଯାଇଛି। ରବିବାର ରାତିରେ କାଳବୈଶାଖୀ ପ୍ରଭାବରେ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ହେଲେ ରାସ୍ତା ବର୍ଷା ପାଣିରେ କାଦୁଅ ହୋଇପଡିଛି। ଏନେଇ ସୋମବାର ୪ ଘଣ୍ଟାରୁ ଉଦ୍ଧର୍ବ ସମୟ ଧରି ରାସ୍ତା ଜାମ ହୋଇ ଯାତାୟତ ଠପ୍ ହୋଇଥିଲା। ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ୫ କି.ମି. ପର୍ଯ୍ୟନ୍ତ ସମସ୍ତ ଗାଡ଼ି ମଟର ଠିଆ ହୋଇ ରହିଥିଲା। ରାସ୍ତା ଜାମ୍ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା ଅଭିଯୋଗ



## ଯୁଗ୍ମ ଅଭିଯୋଗ ଶୁଣାଣି

**କଲ୍ୟାଣସିଂପୁର,୨୪।୩ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗିଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ନବୀନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ସିଡ଼ିଓ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକଟର, , ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଅତିରକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ସାହୁ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ୪୯ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୨୨ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ବିଦ୍ୟୁତ ଯୋଗାଣ, ପିଡ଼ିଏସ ଯୋଗାଣ ଆଦି ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର, କଲ୍ୟାଣ ସିଂପୁର, ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମନୀଷା ଦାସ, ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ।

## ବ୍ୟବସାୟୀଙ୍କୁ ଭୁଜାଲିରେ ଆକ୍ରମଣ ଓ ଲୁଟ୍

**ସିମୁଳିଆ,୨୪।୩ (ସଂଚାର ବ୍ୟୁରୋ):** ବ୍ୟବସାୟୀଙ୍କ ଘରେ ପଶି ଭୁଜାଲିରେ ଆକ୍ରମଣ କରି ଲୁଟ୍। ସିମୁଳିଆ ଥାନା ବାଟି ପଞ୍ଚାୟତ ଜାମୁଝାଡ଼ି-ଧାମରା ରାସ୍ତା ପାର୍ଶ୍ୱ ବଣଗଡିଆ ଠାରେ ରବିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ନଗଦ ୮ ଲକ୍ଷ ୪୦ ହଜାର ଟଙ୍କା ଓ ୭ ଲକ୍ଷରୁ ଅଧିକ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟବସାୟୀଙ୍କ ପୁଅ ଗୁରୁତର ହୋଇଛନ୍ତି। ସିମୁଳିଆ ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ଦୁଇଟାରେ ୬ ରୁ ୭ ଜଣ ଦୁର୍ବୃତ୍ତ ଜାମୁଝାଡ଼ି-ଧାମରା ରାସ୍ତା ପାର୍ଶ୍ୱ ବଣଗଡିଆ ଠାରେ ଥିବା ବ୍ୟବସାୟୀ ଆନନ୍ଦ ଚରଣ ବେହେରାଙ୍କ ଘରେ ପଶିଥିଲେ। ଘର କାମ ପାଇଁ ବନ୍ଧା ହୋଇଥିବା ବାଉଁଶରେ ଚଢ଼ି ଦ୍ୱିତୀୟ ମହଲାକୁ ଯାଇଥିଲେ। ଦ୍ୱିତୀୟ ମହଲାର ଗ୍ରୀଲ କାଟି ଘର ଭିତରେ ପଶିଥିଲେ। ଏହାପରେ ମାରଣାସ୍ତ୍ର ଦେଖାଇ ଟଙ୍କା ମାଗିଥିଲେ। ଆନନ୍ଦଙ୍କ ପୁଅ ରତିକାନ୍ତ (୩୮ ବର୍ଷ) ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ପେଟ ଓ ହାତକୁ ଆକ୍ରମଣ କରିଥିଲେ। ଏହାପରେ ଘରେ ପଶି ନଗଦ ୮ ଲକ୍ଷ ୪୦ ହଜାର ଟଙ୍କା ଏବଂ ୭ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଖବର ପାଇ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତର ରତିକାନ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମଞ୍ଚରେ ଉଡ଼ିଗଲା କଳାକାରଙ୍କ ପ୍ରାଣବାୟୁ




**ବାଲିଗୁଡା,୨୪।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କେ.ନୂଆଗାଁ ବ୍ଲକ କୁତୁଡୁଲି ପଞ୍ଚାୟତରେ ରାମାୟଣ ନାଟକ ଚାଲିଥିବା ବେଳେ ମଞ୍ଚରେ କଳାକାରଙ୍କ ଉଡ଼ିଗଲା ଜୀବନା ଯଜ୍ଞ ପାଇଁ ଗ୍ରାମର ଯୁବକ ସଂଘ ପକ୍ଷରୁ ନାଟକ ଆୟୋଜନ କରାଯାଇଥିଲା । ସୂଚନା ଅନୁସାରେ ନାଟକର ମନ୍ଥରା ଅଭିନୟ କରୁଥିବା କଳାକାର ବୈକୁଣ୍ଠ ସାହୁଙ୍କର ଦେହ ହଠାତ ମଞ୍ଚ ଉପରେ ଖରାପ ହେବାରୁ ଯୁବକ ସଂଘ ସଦସ୍ୟ ମାନେ ସଙ୍ଗେ ସଙ୍ଗେ କେ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ହେଲେ ସେଠାରେ କଳାକାର ବୈକୁଣ୍ଠଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । କଳାକାରଙ୍କ ଅକାଳ ମୃତ୍ୟୁରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିବା ବେଳେ ନାଟକୁ ବନ୍ଦ କରାଯାଇଥିଲା ।